

ରାୟସାହେବ ଜଗତ୍‌ବନ୍ଧୁ ମହାପାତ୍ର

ଏ ଯୁଗର ଚିନ୍ତାଶୀଳ ବ୍ୟକ୍ତିମାନେ କହନ୍ତି ଯେ, ସଂସାରର ଯାବତୀୟ ଦୁଃଖ କଷ୍ଟର ମୂଳ କାରଣ ପୁଞ୍ଜିବାଦ; ତେଣୁ ମନୁଷ୍ୟସମାଜରୁ ତାକୁ ଦୂର କରିବାକୁ ହେବ । ପକ୍ଷାନ୍ତରେ ଆଉ କେତେକ କହନ୍ତି ଯେ, ବିଗତ ପ୍ରାୟ ଦେଢଶହ ବର୍ଷ ମଧ୍ୟରେ ମାନବ ସଭ୍ୟତା ଯେତେ ଦ୍ରୁତ ଗତିରେ ଆଗେଇଛି, ତାହା ପୁଞ୍ଜିବାଦ ବ୍ୟତିରେକେ ସମ୍ଭବ ହୋଇ ନ ଥାନ୍ତା; ତେଣୁ ପୁଞ୍ଜିବାଦକୁ କେବଳ ଗୋଟିଏ ଅବିମିଶ୍ର ଅମଙ୍ଗଳମୟ ପଦ୍ଧତି ବୋଲି ବୁଝିବା ଭୁଲ !

ପୁଞ୍ଜିବାଦର କୁଫଳକୁ ନିବାରଣ କରିବାପାଇଁ ପୃଥିବୀର ବିଭିନ୍ନ ଦେଶରେ ବହୁବିଧ ସାମ୍ୟବାଦମୂଳକ ଗବେଷଣା ଓ ପରୀକ୍ଷା ଚାଲିଛି । କିନ୍ତୁ ଏ ପର୍ଯ୍ୟନ୍ତ ପୁଞ୍ଜିବାଦର ଉଚ୍ଛେଦ ସାଧିତ ହୋଇ ପାରି ନାହିଁ । ତେଣୁ କି ସମଗ୍ର ପୃଥିବୀ କେବଳ ଅନ୍ଧାରରେ ବାଟ ଖୋଜି ଘୂରି ବୁଲୁଛି । ଏହାର ପରିଣାମ କଣ ହେବ, କିଏ କହିପାରିବ ?

ସାମାଜିକ ସମସ୍ୟା ପ୍ରଥମ ଖଣ୍ଡ

# ପୁଞ୍ଜିବାଦ ଓ ସାମ୍ୟବାଦ

## ବା

## ସାମାଜିକ ଅର୍ଥନୀତି

ସମ୍ପାଦକ ଜଗଦ୍‌ବନ୍ଧୁ ମହାପାତ୍ର ଏମ୍‌. ଏ.

ପ୍ରକାଶକ

ଶ୍ରୀରାଧାରମଣ ପୁସ୍ତକାଳୟ

ବାଲୁବଜାର, କଟକ

ପ୍ରଥମ ମୁଦ୍ରଣ

୧୯୪୭

ପ୍ରାପ୍ତିସ୍ଥାନ

ଷ୍ଟାଣ୍ଡାର୍ଡ଼ ବୁକ୍ ମାର୍ଟ

ବାଲୁବଜାର, କଟକ

ଏକଟଙ୍କା

# ପ୍ରଥମ ପରିଚ୍ଛେଦ

# ସମାଜର ଆର୍ଥନୈତିକ ବ୍ୟବସ୍ଥା

— ଏକ —

ବିଶ୍ୱସୃଷ୍ଟିରେ ମନୁଷ୍ୟ ଗୋଟିଏ ସାମାଜିକ ଜୀବ । ସମାଜ ବ୍ୟତିରେକେ ମନୁଷ୍ୟର ଚଳିବା ଅସମ୍ଭବ । ପଶୁ ପକ୍ଷୀ ଆଦି ମନୁଷ୍ୟେତର ଜୀବଗୁଡ଼ିକ ସମାଜ ବ୍ୟତିରେକେ ଚଳି ପାରନ୍ତି । ସେମାନଙ୍କ ରହିବା ପାଇଁ ଘର ତୋଳିବାର ପ୍ରୟୋଜନ ନାହିଁ; ସଡ଼କ, ଡାକ୍ତରଖାନା, ସ୍କୁଲ, କଲେଜ, କଳ କାରଖାନା କୋଣସି ଜିନିଷର ଆବଶ୍ୟକତା ନାହିଁ । ପ୍ରକୃତି ସେମାନଙ୍କର ଖାଦ୍ୟ ଯୋଗାଇ ରଖିଥାଏ । ତେଣୁ ସେମାନଙ୍କର ଚାଷ କରି ଫସଲ ଅମଳ କରିବା, ହାତ ଗୋଡ଼ର ବ୍ୟବହାର ଓ ବୁଦ୍ଧିର ପ୍ରୟୋଗଦ୍ୱାରା ଶିଳ୍ପ ଦ୍ରବ୍ୟ ତିଆରି କରିବାର ପ୍ରୟୋଜନ ହୁଏ ନାହିଁ ।

କିନ୍ତୁ ମଣିଷକୁ ନିଜର ଖାଦ୍ୟ ପାଇଁ, ନିଜର ବସ୍ତ୍ର ପାଇଁ, ନିଜର ଶିକ୍ଷା ପାଇଁ ଓ ନିଜର ସ୍ୱାସ୍ଥ୍ୟ ପାଇଁ ନାନାମତ

ଧାରାବାହିକ ଭାବରେ ପରିଶ୍ରମ କରିବାକୁ ପଡ଼େ । କେବଳ ବ୍ୟକ୍ତିଗତ ପରିଶ୍ରମରେ ମଧ୍ୟ ତାର ସବୁ କାର୍ଯ୍ୟ ନିର୍ବାହ ହୋଇ ପାରେ ନାହିଁ । ବ୍ୟକ୍ତିଗତ ପରିଶ୍ରମ ଛଡ଼ା ତାକୁ ସଂଘବଦ୍ଧ ହୋଇ ସାମାଜିକ ଯୋଜନା କରି ସେ ଅନୁସାରେ ଗଣବଦ୍ଧ ପରିଶ୍ରମ ମଧ୍ୟ କରିବାକୁ ପଡ଼େ । ଗୋଟିଏ ରେଳଲାଇନ ବସାଇବା, ଗୋଟିଏ ବଡ଼ ପୋଲ ବାନ୍ଧିବା ବା ଗୋଟିଏ ବିଶ୍ୱବିଦ୍ୟାଳୟ କରିବା ପାଇଁ ବ୍ୟକ୍ତିଗତ ପରିଶ୍ରମ ଯଥେଷ୍ଟ ନୁହେଁ । ଏଥିପାଇଁ ସଂଘବଦ୍ଧ ସମୂହ ଚେଷ୍ଟା ଦରକାର ।

ମଣିଷ ଚେଷ୍ଟା କରେ ଓ ତାର ସେହି ଚେଷ୍ଟା ବା କାର୍ଯ୍ୟ ଫଳରେ ହିଁ ତାହାର ଆବଶ୍ୟକୀୟ ଦ୍ରବ୍ୟ, ଅନୁଷ୍ଠାନ ଓ ସେବା ମିଳିଥାଏ । ଏଥିରୁ ବୁଝିବାକୁ ହେବ ନାହିଁ ଯେ, ଉତ୍ପାଦନର ମୌଳିକ ଶକ୍ତି ମନୁଷ୍ୟର । ମଣିଷ ସୋରିଷରୁ ତେଲ ବାହାର କରେ ସତ; ମାତ୍ର ଏଥିରୁ ବୁଝିବାକୁ ହେବ ନାହିଁ ଯେ ମଣିଷ ତେଲ ସୃଷ୍ଟି କଲେ । ବାସ୍ତବତଃ ତେଲ ବାହାରିବାକୁ ହେଲେ ସୋରିଷର ପ୍ରୟୋଜନ ଏବଂ ସୋରିଷ ମଣିଷସୃଷ୍ଟ ଜିନିଷ ନୁହେଁ । ସୋରିଷ ପ୍ରକୃତିର ସୃଷ୍ଟି । ମଣିଷ କେବଳ ସୋରିଷ ସଞ୍ଚୟ କରି ତାକୁ ଘଣାରେ ବା କଳରେ ପେଷିବା-ଦ୍ୱାରା ସେହି ସୋରିଷ ମଞ୍ଜି ଦେହରେ ଅଦୃଶ୍ୟମାନ ଅବସ୍ଥାରେ ଥିବା ତେଲ ଅଲଗା ହୋଇ ବାହାରି ପଡ଼େ । ଫଳତଃ ମଣିଷ ସୋରିଷ କୁହାଯାଇଥିବା ଜିନିଷଟିକୁ କେବଳ ଦୁଇ ଭାଗ କରାଏ । ଗୋଟିଏ ଭାଗ ପିଡ଼ିଆ ଓ ଅନ୍ୟ ଭାଗ ତେଲ ହୁଏ । କିନ୍ତୁ ପିଡ଼ିଆ କିମ୍ବା ତେଲ କୌଣସିଟି ମନୁଷ୍ୟସୃଷ୍ଟ ଦ୍ରବ୍ୟ ନୁହେଁ ।

ସେହିପରି ଆମେମାନେ କହୁଁ, ମୁଁ ଏତେ ଭରଣ ଧାନ ଉତ୍ପନ୍ନ କଲି । ଏଥିରୁ ବୁଝିବାକୁ ହେବ ନାହିଁ ଯେ, ମୁଁ ଧାନ ସୃଷ୍ଟି କଲି । ମୋର କାର୍ଯ୍ୟ ହେଉଛି, ଜମିକୁ ଉପଯୁକ୍ତ ଭାବରେ ଚାଷ କରି ଉକ୍ତ ଜମିରେ ଧାନ ମଞ୍ଜିଗୁଡ଼ିକୁ ନେଇ ବୁଣିଦେବା । ସୃଷ୍ଟିପ୍ରକ୍ରିୟାରେ ଉକ୍ତ ମଞ୍ଜିରୁ ଗଛ ବାହାରେ । ବୈଜ୍ଞାନିକମାନେ

କହନ୍ତି ଯେ, ଗଛଟି ମଞ୍ଜି ମଧ୍ୟରେ ଅଦୃଶ୍ୟମାନ ଅବସ୍ଥାରେ ଥାଏ । ଉପଯୁକ୍ତ ପରିସ୍ଥିତି ପାଇଲେ ତାହା ଫୁଟେ ବଢେ । ମଣିଷ କେବଳ ସେହି ପରିସ୍ଥିତିର ଅନୁକୂଳ ଓ ସହଯୋଗିତା ଅନୁସାରେ କାମ କରେ, ବାହାରୁ ଆଣେ, ମଞ୍ଜି ଦିଏ ଇତ୍ୟାଦି । ବର୍ଷା, ପାଣି, ଖତ ଆଦି ଗଛର ବଢିବା ପାଇଁ ଯେଉଁ ପାଣିପାଗ ଓ ବାୟୁମଣ୍ଡଳ ପ୍ରୟୋଜନ, ମଣିଷର ସେଥିରେ ହାତ ନାହିଁ । ତେଣୁ ତାହା ସେହିପରି ତେଲ ବାହାର କରିବାରେ ଯେପରି ମଣିଷକୁ ନୂଆ କିଛି ସୃଷ୍ଟି କରିବାକୁ ପଡେ ନାହିଁ, ସେହିପରି ମଞ୍ଜିରୁ ଗଛ ବାହାର କରିବାରେ ମଣିଷକୁ କିଛି ନୂତନ ସୃଷ୍ଟି କରିବାକୁ ପଡେ ନାହିଁ । ସୋରିଷ ଦେହରେ ତେଲ ଯେପରି ପ୍ରକୃତିର ସୃଷ୍ଟି, ମଞ୍ଜିଦେହରେ ଗଛ ସେହିପରି ପ୍ରକୃତିର ସୃଷ୍ଟି ।

ପୁଣି ସେହିପରି ମଣିଷ ଯେତେବେଳେ ମାଟିରୁ ଘଟ, ହାଣ୍ଡି, ଇତ୍ୟାଦି ତିଆରି କରେ କିମ୍ବା ଲୁହାରୁ କଳ, ରେଳଧାରଣା ବା କାରଖାନାର କଳ କବଜା ନିର୍ମାଣ କରେ କିମ୍ବା ସୁନାରୁ ଗହଣା ଗଢେ, ସେତେବେଳେ ସେ କେବଳ ପ୍ରକୃତିଦତ୍ତ ଜିନିଷଗୁଡ଼ିକୁ ରୂପାନ୍ତର ଦେଇ ତାକୁ ମନୁଷ୍ୟର ବ୍ୟବହାରୋପଯୋଗୀ କରେ । ବିନା ଲୁହାରେ ମଣିଷ ରେଳଧାରଣା ଗଢି ପାରିବ ନାହିଁ, ବିନା ସୁନାରେ ସୁନା ଗହଣା ଗଢି ହେବ ନାହିଁ, ବିନା ମାଟିରେ ମାଟି ଜିନିଷ ତିଆରି ହେବ ନାହିଁ । ମଣିଷ କେବଳ ତାହାର ପରିଶ୍ରମ ଓ ତା ଫଳରେ ପ୍ରକୃତିସୃଷ୍ଟ ଜିନିଷକୁ ଦେବ ରୂପାନ୍ତର । ମଣିଷର ସୃଷ୍ଟି କରିବାର କ୍ଷମତା ନାହିଁ ।

ସେହିପରି ଦୋକାନୀ ଯେ ଦୋକାନ ଦିଏ, ତାର କାମ ହେଉଛି ଯେଉଁଠାରେ ଯେଉଁ ଜିନିଷ ମିଳେ ତାକୁ ସଂଗ୍ରହ କରି ଯେଉଁଠାରେ ସେ ଜିନିଷ ଲୋକଙ୍କ ଦରକାରରେ ଆସିବ ସେହିଠାରେ ତାକୁ ପହଞ୍ଚାଇ ଦେବା । ତେବେ ସେ ନିଜେ ସୃଷ୍ଟି କରେ:

କରେ, ଅର୍ଥାତ୍ ଧାନ ମଞ୍ଜି ଯେଉଁ ଓଳିଆରେ ପଡ଼ି ରହୁଥିଲେ କଦାଚ ଗଛ ହେବ ନାହିଁ, ସେଠାରୁ ତାକୁ ନେଇ ଯେଉଁଠାରେ ଓ ଯେଉଁ ପରିସ୍ଥିତିରେ ରଖିଲେ ସେଥିରୁ ଗଛ ହୋଇ ଫଳ ହେବ, ସେହିଠାରେ ତାକୁ ରୋପେ, ଅର୍ଥାତ୍ ବୁଣେ, ଦୋକାନୀ ମଧ୍ୟ ସେହିପରି ଯେଉଁଠାରେ ସେଇ ଜିନିଷ ମଣିଷର ପ୍ରୟୋଜନରେ ଆସିବ ନାହିଁ ସେଠାରୁ ତାକୁ ଆଣି ଯେଉଁଠାରେ ଲୋଡ଼ା ସେହିଠାରେ ଗଚ୍ଛିତ ରଖେ ।

ଖଣିରେ ଯେଉଁମାନେ କାମ କରନ୍ତି ସେମାନେ ପୃଥିବୀର ଗର୍ଭାଭ୍ୟନ୍ତର ପ୍ରଦେଶରେ ଥିବା କୋଇଲା, ଲୁହା, ସୁନା ପ୍ରଭୃତି ଜିନିଷଗୁଡ଼ିକୁ ମନୁଷ୍ୟର ପ୍ରୟୋଜନରେ ନ ଆସିପାରିବା ସ୍ଥାନରୁ ଆଣି ତାକୁ ପ୍ରୟୋଜନୀୟ ରୂପ ଦେଇ, ଯେଉଁଠାରେ ତାହା ପ୍ରୟୋଜନ, ସେଠାକୁ ପଠାଇ ଦିଅନ୍ତି । ପ୍ରକୃତରେ କୌଣସି ଜଣେ ଲୋକ ବା ଦଳେ ଲୋକ ଏ ସମସ୍ତ କାର୍ଯ୍ୟ କରନ୍ତି ନାହିଁ । ଦଳେ ଲୋକ ଖଣି ଖୋଳି କୋଇଲା ବା ସୁନା ଉପରକୁ ଆଣନ୍ତି; ଆଉ ଦଳେ ଲୋକ ତାକୁ ପ୍ରୟୋଜନୀୟ ରୂପାନ୍ତର ଦିଅନ୍ତି । ଆଉ ଦଳେ ବା ବେପାରୀ ଲୋକ ସେ ସମସ୍ତକୁ ବୋହି ନେଇ ପ୍ରୟୋଜନ ସ୍ଥାନରେ ଉପସ୍ଥାପିତ କରନ୍ତି । ଏ ସମସ୍ତେ କରନ୍ତି ପରିଶ୍ରମ । ଏହାର ସାମଗ୍ରୀ ଯୋଗାଏ ପ୍ରକୃତି । ଏ ସମସ୍ତ ସାମଗ୍ରୀ ଓ ସମସ୍ତ ପରିଶ୍ରମ କେବଳ ମାନବ ସମାଜର ସେବାରେ ଲାଗେ । ମାନବ ସମାଜ ବଞ୍ଚି ରହିବା ପାଇଁ ଏ ସମସ୍ତ ସାମଗ୍ରୀ ଓ ସମସ୍ତ ପରିଶ୍ରମ ଲୋଡ଼ା ।

ଆଉ ଦଳେ ଲୋକ ସମାଜରେ ଅଛନ୍ତି, ଯଥା:—ସ୍କୁଲଶିକ୍ଷକ, ସଙ୍ଗୀତଜ୍ଞ, ଚିତ୍ରକର ଇତ୍ୟାଦି । ଏମାନେ ପରିଶ୍ରମ କରନ୍ତି ସମାଜର ଉପକାର ନିମନ୍ତେ । ମାତ୍ର କୃଷୀ ଯେପରି ଫସଲ ଉତ୍ପନ୍ନ କରେ, ଶିଳ୍ପୀ ଯେପରି ଶିଳ୍ପ ଦ୍ରବ୍ୟ ଉତ୍ପନ୍ନ କରେ, ଏମାନେ ସେପରି କୌଣସି ଦୃଶ୍ୟମାନ ଜିନିଷ ଉତ୍ପାଦନ କରନ୍ତି ନାହିଁ । ଶିକ୍ଷକ ଶିକ୍ଷା ଦିଏ, ତା ଫଳରେ ଛାତ୍ରମାନେ ଶିକ୍ଷିତ ହୋଇ ସମାଜର ସେବାପାଇଁ ସମର୍ଥ

ହୁଅନ୍ତି । ସଙ୍ଗୀତଜ୍ଞ ଗୀତ ଗାଏ; ତା ଫଳରେ ଶ୍ରୋତାମାନଙ୍କ ମନରେ ସାତ୍ତ୍ୱିକ ଆନନ୍ଦ ଆସେ । କୃଷିର କ୍ଷେତରୁ ଉତ୍ପନ୍ନ ଫସଲ ଖାଇ ସେପରି ମନୁଷ୍ୟ ତୃପ୍ତି ଲାଭ କରେ. ସଙ୍ଗୀତଜ୍ଞର ସଙ୍ଗୀତ ଶୁଣି ମଧ୍ୟ ମନୁଷ୍ୟ ଖାଇ ପରିଣାର ତୃପ୍ତି ପାଏ । ଉଭୟ ତୃପ୍ତି ସମାଜ ନିମନ୍ତେ ପ୍ରୟୋଜନ । କନଷ୍ଟେବଲ ଚୋରର ଭୟ ବାଧା ନିବୃତ୍ତି କରେ । ଏଥିରେ ସମାଜରୁ ଅଶାନ୍ତି ଦୂର ହୋଇ ଶାନ୍ତି ଆସେ । ଏହା ମଧ୍ୟ ସମାଜର ତୃପ୍ତି ପାଇଁ ।

ବଞ୍ଚି ରହିବାକୁ ହେଲେ ମନୁଷ୍ୟର ପ୍ରୟୋଜନ ହୁଏ କେତେକ ଦୃଶ୍ୟମାନ ପଦାର୍ଥ ଓ କେତେକ ଅଦୃଶ୍ୟମାନ ସେବା । ଏହି ପଦାର୍ଥ ଓ ସେବାର ଉତ୍ପାଦନ ନିମନ୍ତେ ସମାଜ ସବୁବେଳେ ବ୍ୟକ୍ତିଗତ ଭାବରେ ହେଉ ବା ସଙ୍ଘବଦ୍ଧ ଭାବରେ ହେଉ, ପରିଶ୍ରମ କରେ । କୌଣସି ବିଶ୍ୱବିଦ୍ୟାଳୟ, କୌଣସି କାରଖାନା ବା କୌଣସି ଡାକ୍ତରଖାନା—ଏ ସବୁ କୌଣସି କୌଣସି ମନୁଷ୍ୟକୃତ ସଙ୍ଘବଦ୍ଧ ଅନୁଷ୍ଠାନ । ଏମାନଙ୍କ ପରିଶ୍ରମ ଫଳରେ ଦୃଶ୍ୟମାନ ଓ ଅଦୃଶ୍ୟମାନ ଦ୍ରବ୍ୟ ଓ ସେବାର ସୃଷ୍ଟି ହୁଏ । ମଣିଷର ବଞ୍ଚି ରହିବାପାଇଁ ଏ ଉଭୟ ପ୍ରକାର ପରିଶ୍ରମର ପ୍ରୟୋଜନ । ଏହି ପ୍ରୟୋଜନ ଫଳରେ ଯାହା ଉତ୍ପନ୍ନ ହୁଏ, ତାହା ସମାଜର ଉପଭୋକ୍ତାଙ୍କର ଭୋଗ ଓ ଏହା ବ୍ୟତିରେକେ ସମାଜ ତିଷ୍ଠିବା ଅସମ୍ଭବ ।

## —ଦୁଇ—

ମନୁଷ୍ୟସମାଜକୁ ବଞ୍ଚାଇ ରଖିବାକୁ ହେଲେ ପ୍ରତ୍ୟେକ ଲୋକଙ୍କୁ ଉପରୋକ୍ତମତେ ଦୃଶ୍ୟମାନ ଓ ଅଦୃଶ୍ୟମାନ ଦ୍ରବ୍ୟ ଓ ସେବାର ଉତ୍ପାଦନ ନିମନ୍ତେ ପରିଶ୍ରମ କରିବାକୁ ହେବ । ଏହି ପରିଶ୍ରମର ଫଳସମଷ୍ଟିରୁ ସମାଜର ଜୀବନଧାରଣ, ବିଳାସ ଓ ବ୍ୟସନ ସମ୍ଭବ ହୁଏ । ସମସ୍ତଙ୍କ ପରିଶ୍ରମର ମିଳିତ ଫଳ ପ୍ରତ୍ୟେକର ସ୍ୱାଚ୍ଛନ୍ଦ୍ୟ ନିମନ୍ତେ ସମସ୍ତଙ୍କ ମଧ୍ୟରେ ବଣ୍ଟା ହୁଏ ।

ଅବଶ୍ୟ କେହି ଜଣେ ଲୋକ ଏକ ଯାଗାରେ ବସି ଏ ସମସ୍ତ ଜିନିଷ ଓ ସେବାଗୁଡ଼ିକ ଏକାଠି କରି ତାହାର ବଣ୍ଟନ କାର୍ଯ୍ୟ ସୁଶୃଙ୍ଖଳ ଭାବରେ କରେ ନାହିଁ । ଅନେକ ସମୟରେ ଉତ୍ପାଦନର କିମ୍ବା ସମ୍ପଦ ବଣ୍ଟନର କିମ୍ବା ଏପରି ମିଳିତ ଭାବରେ ଚାଲେ ଯେ, ତାହାର ପାର୍ଥକ୍ୟ-ନିର୍ଦ୍ଦେଶ ଅନୁଧ୍ୟାନ ନ କଲେ ବୁଝାପଡ଼େ ନାହିଁ । ମନେକର ଜଣେ ଚାଷୀ ଚାଷ କରି ନିଜର କ୍ଷେତର ଫସଲ ନିଜେ ଭୋଗ କରେ । ଦେଶରେ ଶାନ୍ତି ଓ ଶୃଙ୍ଖଳା ନ ଥିଲେ ତା'ର ନିଜ ଫସଲ ସେ ହୁଏ ତ ନିର୍ବିଘ୍ନରେ ନିଜ ଘରକୁ ନେଇ ପାରନ୍ତା ନାହିଁ । ଜଳସେଚନର ସୁବ୍ୟବସ୍ଥା ନ ଥିଲେ, ହୁଏ ତ ତା' ଜମିରେ ଯେତେ ଫସଲ ହେଉଛି, ତହିଁରୁ ଅନେକ କମ୍ ହୁଅନ୍ତା ବା ମୋଟେ ହୋଇପାରନ୍ତା ନାହିଁ । ତା' ଜମିର ଚାରିପାଖ ଜମିରେ ଚାଷ ନୋହିଥିଲେ ତା'ର ଚାଷ କରିବାରେ ବହୁତ ଅସୁବିଧା ଥାନ୍ତା । ରାସ୍ତାଘାଟ ନ ଥିଲେ ତା'ର ଜମିର ଧାନ ଘରକୁ ବୋହି ନେବାକୁ ଅସୁବିଧା ହୁଅନ୍ତା । ତା' ପରେ, ସେ କେବଳ କୃଷିକାର୍ଯ୍ୟରେ ବ୍ୟାପୃତ ଥିବାବେଳେ ତା'ର ଫସଲ ଛଡ଼ା ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ( ଯଥା :—ଲଣ୍ଠନ, କିରାସିନି, ତେଲ, ଲୁଗା ଇତ୍ୟାଦି ) ସେ ସହଜରେ ଅକ୍ଳେଶରେ ପାଇ ପାରିବା ଏ ସୁଯୋଗ ତାର ନ ଥିଲେ ସେ କେବଳ କୃଷିକାର୍ଯ୍ୟରେ ନିଜକୁ ବ୍ୟାପୃତ ରଖିପାରନ୍ତା ନାହିଁ ଓ ତା' ନ କରି ପାରିଲେ ସେ କୃଷିକୁ ଯଥେଷ୍ଟରେ ସେପରି ଯାଉପାରନ୍ତା ନାହିଁ । ଅତଏବ ଏଥିରୁ ସ୍ପଷ୍ଟ ବୁଝାଯିବ ଯେ, ତା'ର ନିଜର ଫସଲ ଉତ୍ପାଦନ କରିବା କାର୍ଯ୍ୟରେ ସାମାଜିକ ବ୍ୟବସ୍ଥା ତାକୁ ବିଶେଷ ପରିମାଣରେ ସାହାଯ୍ୟ କରୁଛି । ସମାଜର ଏ ଦାନପାଇଁ ସେ କି ପ୍ରତିଦାନ ଦିଏ ? ସେ ନିଜ ଶକ୍ତିମତେ ପରିଶ୍ରମ କରି ଯାହା ଉତ୍ପନ୍ନ କରେ, ସେଥିରୁ ନିଜର ପ୍ରୟୋଜନୀୟ ଅଂଶଟା ରଖିଦେଇ ସମାଜରେ ଯେଉଁମାନେ କୃଷକର ପାରନ୍ତି ନାହିଁ କିମ୍ବା କରନ୍ତି ନାହିଁ କିମ୍ବା ଯାହାଙ୍କର କୃଷି କରିବାର ସୁଯୋଗ ନାହିଁ, ସେହିମାନଙ୍କ ବ୍ୟବହାରପାଇଁ ଅନ୍ୟ ଅଂଶଟା ଦେଇ

ହୁଏ । ତା ପରିବର୍ତ୍ତିରେ ସମାଜରେ ଅନ୍ୟ ଲୋକମାନଙ୍କଦ୍ୱାରା ପ୍ରସ୍ତୁତ ତା'ର ପ୍ରୟୋଜନୀୟ ଅନ୍ୟାନ୍ୟ ଜିନିଷ ସେ ପାଏ ।

ମୋଟ ଉପରେ ସମାଜରେ ଦୈନନ୍ଦିନ ପରିଶ୍ରମ ଦ୍ୱାରା ଉତ୍ପନ୍ନ ଦ୍ରବ୍ୟ ଓ ସେବାର ଭାଗ ପ୍ରତ୍ୟେକ ଲୋକ ସବୁ ମୁହୂର୍ତ୍ତରେ ଗ୍ରହଣ କରୁଛି । ଏହି ଉତ୍ପାଦନ ଓ ବଣ୍ଟନ କାର୍ଯ୍ୟ ଚାଲୁରହିଲେ ଚଳିଛି । ମୂଳତଃ ସମାଜରେ ସମସ୍ତ ଲୋକଙ୍କର ପରିଶ୍ରମରେ ଯାହା ଉତ୍ପନ୍ନ ହେଉଛି, ତାହା ସମ୍ପୂର୍ଣ୍ଣରୂପେ ସେହି ସମସ୍ତଙ୍କ ମଧ୍ୟରେ ବାଣ୍ଟି ହେବା ନିମନ୍ତେ, ଉଦାର ନିୟମରେ ଓ ବ୍ୟବସ୍ଥା ନିୟମରେ ଉଚିତ ପ୍ରକାରରେ ବାଣ୍ଟି ହେଉଅଛି ।

ପ୍ରତ୍ୟେକ ଲୋକ ସ୍ୱାଧୀନରେ ରହି ସମାଜନିର୍ଦ୍ଦିଷ୍ଟ ବା ସମାଜ-ସ୍ୱୀକୃତ ମାର୍ଗରେ ବା ସମାଜର ଚଳାଚଳ ଅବସ୍ଥା ଓ ଶାସନ ହେଉଛି ସମ୍ମତ ହୋଇଥିବା ମାର୍ଗରେ ନିଜର ଖାଇବା ନିମନ୍ତେ ପରିଶ୍ରମ କରେ । ପରିଣାମରେ ସମାଜନିର୍ଦ୍ଦିଷ୍ଟ, ସମାଜସ୍ୱୀକୃତ ବା ସମାଜସମ୍ମତ ମାର୍ଗରେ ସେ ନିଜ ପରିଶ୍ରମଜାତ ପାରିଶ୍ରମିକ ଗ୍ରହଣ କରେ ଅର୍ଥାତ୍ ତା'ର ପ୍ରୟୋଜନୀୟ ଦ୍ରବ୍ୟ ଓ ସେବା ଗ୍ରହଣ କରି ଖାଇବା ନିର୍ବାହ କରେ, ଆମୋଦ ପ୍ରମୋଦ କରେ ଓ ତଥାପି ଅଧିକ ହେଲେ କଳସ-ବ୍ୟସନ ମଧ୍ୟ କରେ । ଏହି ଉତ୍ପାଦନ ଓ ବଣ୍ଟନ କ୍ରିୟାର ପରିଣାମ ସମାଜର ବୃଦ୍ଧିରେ ପରିବର୍ତ୍ତିତ ହୁଏ । ମାନବ ସମାଜର ଭୌତିକ ବୃଦ୍ଧି ନିମନ୍ତେ ଅର୍ଥନୈତିକ ଜଗତର ଏହି ଉତ୍ପାଦନ ଓ ବଣ୍ଟନ କ୍ରିୟା ଧାରାବାହିକ ମତେ ଚାଲିଛି ।

ଏଠାରେ ପ୍ରଶ୍ନ ଉଠିପାରେ, ଏ ସବୁର ନିୟନ୍ତ୍ରଣ କରୁଛି କିଏ ? ଏହାର ଉତ୍ତର ଏତେ ସହଜ ନୁହେଁ । ବାସ୍ତବରେ କେହି ଜଣେ ଲୋକ ବା କୌଣସି ଦଳେ ଲୋକ ବା କୌଣସି ଗୋଟିଏ ଜାତି, ଧର୍ମ ବା ସମ୍ପ୍ରଦାୟ ଏ ଉତ୍ପାଦନ ଓ ବଣ୍ଟନ କ୍ରିୟାକୁ ନିୟନ୍ତ୍ରିତ କରୁ ନାହିଁ ।

ସମାଜର ଯାହା ଯାହା ପ୍ରୟୋଜନ, ତାହା ପୂରଣ କରିବା ନିମନ୍ତେ କୋଟି କୋଟି ନରନାରୀ ପ୍ରତିଦିନ ଅକ୍ଲାନ୍ତ ପରିଶ୍ରମ କରି ଖାଦ୍ୟ, ଲୁଗା, ଘର, ମଟରଗାଡ଼ି, ସାଇକଲ, ଚଉକି, ଟେବୁଲ, ଔଷଧ, ଗହଣା, ବନ୍ଧୁକବାଣ, ମିଠାଇ ଇତ୍ୟାଦି ମନୁଷ୍ୟର ଜୀବନର ପ୍ରୟୋଜନୀୟ ଦ୍ରବ୍ୟ ତିଆରି କରିବାରେ ଲାଗିଛନ୍ତି ।

ସମାଜର କେତେ ଖାଦ୍ୟ ମୋଟ ଉପରେ ଦରକାର, କେତେ ମିଠାଇ, କେତେ ଗହଣା, କେତେ ବନ୍ଧୁକବାଣ ସମାଜର ପ୍ରୟୋଜନ ଏ ବିଷୟରେ ଚିନ୍ତା କରୁଥିବା ଲୋକଙ୍କ ମଧ୍ୟରୁ କେହି ଠିକ୍ ଜାଣେନା । ପ୍ରତ୍ୟେକ ଲୋକ ତାର ନିଜ ରୁଚି ଅନୁସାରେ ବ୍ୟବସାୟ କରେ । 'ତୁ ଅମୁକ ବ୍ୟବସାୟ କର' ବା 'ଅମୁକ ଜିନିଷ ଏତେ ତିଆରି କର' ଏପରି ନିର୍ଦ୍ଦେଶ ସମାଜ ପକ୍ଷରୁ ତାକୁ କେହି ଦିଏ ନାହିଁ । ସେ ବ୍ୟବସାୟ କଲାବେଳେ ଜାଣେ ନା ମୋଟ ଉପରେ ମାନବ ସମାଜର କେତେ ଭାଗ ଲୋକ ସେହି ବ୍ୟବସାୟରେ ନିଯୁକ୍ତ ଅଛନ୍ତି । ସେ ଅନ୍ଧଭାବରେ ତାର ପୁଞ୍ଜି ବୁଦ୍ଧି ନିଜ ଦେହର ବଳ ଓ ମାନସିକ ଯୋଗ୍ୟତା ଅନୁସାରେ କାର୍ଯ୍ୟ କରିଯାଏ । ତାର ଜିନିଷଗୁଡ଼ିକ କିଏ କିଣିବ ସେ ବିଷୟରେ ଆଗରୁ ସେ କିଛି ଜାଣିପାରେନାହିଁ । କିମ୍ବା ଯଦି କୌଣସିଠାରେ ସେ ଅନେକ ଲାଭ ପାଏ, ତଥାପି ଦ୍ରବ୍ୟ ବା ଅର୍ଥର ସମଷ୍ଟି ସାଧାରଣଭାବରେ ଉତ୍ପନ୍ନ ହେଉଥିବା ଜଗତର ସମଷ୍ଟିର ଯେ କୋଟିଏ ଅତି କ୍ଷୁଦ୍ର ଭଗ୍ନାଂଶ ହୋଇପାରେ, ଏ କଥା ମଧ୍ୟ ବୁଝିପାରେନାହିଁ ।

ପ୍ରତ୍ୟେକ ଲୋକ ଅନ୍ଧଭାବରେ ଏହିପରି ବୃତ୍ତି ବ୍ୟବସାୟ କରି ଚାଲିଛି । ତେଣେ ପ୍ରତ୍ୟେକ ଲୋକ ତାର ପ୍ରୟୋଜନ ଅନୁସାରେ ନିଜ ପରିଶ୍ରମ ପରିବର୍ତ୍ତରେ ଆବଶ୍ୟକୀୟ ଜିନିଷ କ୍ରୟ କରି ଚାଲିଛି ।

ମନେକର ଜଣେ ଗ୍ରାମ୍ୟ ସ୍କୁଲ ଶିକ୍ଷକ: ତାର ବ୍ୟବସାୟ ହେଉଛି ପିଲାଙ୍କୁ ଶିକ୍ଷା ଦେବା । କୌଣସି ଅଜଣା ମଫସଲ ଗାଁର ଅଜଣା କୋଣରେ ସେ ରହୁଛି । ମାତ୍ର ତାର ଚଳିବାପାଇଁ ପ୍ରୟୋଜନ ହେଉଛି ବମ୍ବାଇରେ ତିଆରି ହେଉଥିବା ଲୁଗା, ଜାପାନରେ ତିଆରି ହେଉଥିବା ଲଣ୍ଠନ, କଲିକତାରେ ତିଆରି ହେଉଥିବା ପେନସିଲ, ଅଷ୍ଟ୍ରେଲିଆରେ ଉତ୍ପନ୍ନ ହେଉଥିବା ଗହମ, ଆମେରିକା ବା ଇଂଲଣ୍ଡରୁ ଆସୁଥିବା ସିମେଣ୍ଟ, ଜର୍ମାନୀରେ ତିଆରି ହେଉଥିବା ଔଷଧ, ଜାପାନରୁ ଆସୁଥିବା ଦିଆସିଲି ଓ ଚିନି ଇତ୍ୟାଦି ଇତ୍ୟାଦି । ପିଲାଙ୍କୁ ପାଠ ପଢ଼ାଇ ସେ ସମାଜକୁ ଯେଉଁ ସେବା ଦାନ କରେ ସେଇ ପରିଶ୍ରମ ବଦଳରେ ସେ ଭାରତ ଦେଶରେ ଉତ୍ପନ୍ନ ହେଉଥିବା ଉପର ଲିଖିତ ସମସ୍ତ ଜିନିଷ ପାଏ । ମାତ୍ର ସେ ଜାଣେ ନା କେଉଁ ଦେଶର କେଉଁ ବ୍ୟକ୍ତି ତାର ବ୍ୟବହାରରେ ଲାଗୁଥିବା ଲଣ୍ଠନ, ପେନସିଲ, ଗହମ, ସିମେଣ୍ଟ, ଔଷଧ, ଦିଆସିଲି ଓ ଚିନିକୁ କେତେ ପରିଶ୍ରମ କରି ତିଆରି କରୁଛି । ପକ୍ଷାନ୍ତରରେ ଦୂର ଦେଶରେ ଯେଉଁମାନେ ଏସବୁ ଜିନିଷ ଅକ୍ଲାନ୍ତ ପରିଶ୍ରମ କରି ତିଆରି କରନ୍ତି, ସେମାନେ ମଧ୍ୟ ଜାଣନ୍ତି ନାହିଁ ଯେ ମଫସଲର ସ୍କୁଲର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସେବାରେ ଏ ଜିନିଷଗୁଡ଼ିକ ଲାଗିବ ।

ଅର୍ଥାତ୍ ଏ ବୃହତ୍ ସୃଷ୍ଟିରେ ଜିନିଷର ଆଦାନ ପ୍ରଦାନ ଏପରି ସ୍ୱାଭାବିକ ଭାବେ ଚାଲିଛି ଯେ ସ୍ରଷ୍ଟା, ଉତ୍ପାଦକ ଓ ଭୋକ୍ତାଙ୍କ ସଂସ୍ପର୍ଶ ବା ସାକ୍ଷାତ ପରିଚୟ ନ ଥାଇ ମଧ୍ୟ ଏ ଜିନିଷ ସବୁ ଆପଣା ଛାଏଁ ଛାଏଁ ହୋଇଯାଉଛି । ଏଥିରେ ନିୟାମକ ଦରକାର ନାହିଁ । ପ୍ରତ୍ୟେକ ଲୋକ ନିଜ ନିଜ ରୁଚି ଅନୁସାରେ ସ୍ୱାଧୀନ ଭାବରେ ବ୍ୟବସାୟ କରିପାରେ ଏବଂ ପ୍ରତ୍ୟେକ ଲୋକ ଉପଭୋଗ କରିବା ପାଇଁ ନିଜ ଅନୁକୂଳ ସ୍ୱାଧୀନ ଭାବରେ ବ୍ୟୟ କରିପାରେ । ମୁଁ ଇଚ୍ଛାକଲେ ମୋର ଅଧିକ ଧନ ଭୁଜା ଖାଇ ସିନେମା ଦେଖି ଦେଖି ଖର୍ଚ୍ଚ କରିଦେବି, ସମାଜ ସେଥିରେ ବାଧା

ହେବ ନାହିଁ । ମୋର କୃତ କର୍ମର ଫଳ ମୁଁ ଭୋଗିବି ମାତ୍ର । ସେଥିପାଇଁ ମୁଁ ଇଚ୍ଛାକଲେ ଗୁଜର କରି ଗୋରୁ ପୋଷିପାରେ ବା ବ୍ୟବସାୟ ଦ୍ୱାରା ଜୀବିକା ନିର୍ବାହ କରିପାରେ । ମୁଁ ତେଲି ଘେଣ୍ଟଲେ ବା ଗୁଣବାନ୍ ହେଲେ ବା ସ୍କୁଲରେ ଶିକ୍ଷକ ହେବାକୁ ଇଚ୍ଛା କଲେ ସମାଜ ମୋତେ ବାଧା ଦେଇ ପାରିବ ନାହିଁ ।

ଅବଶ୍ୟ ଯେଉଁ ଦେଶମାନଙ୍କରେ ଜାତିଭେଦ ଆଦି ପ୍ରଥା ଅଛି, ଅଥବା ଯେଉଁ ଦେଶରେ ବଣିକସଙ୍ଘମାନଙ୍କର ଧାରାବାହିକ ପରମ୍ପରା ସ୍ଥିର ଅଛି, ସେ ଦେଶମାନଙ୍କରେ ମନୁଷ୍ୟର ନିଜ ଇଚ୍ଛାମତେ ବ୍ୟବସାୟ କରିବାର ସ୍ୱାଧୀନତାରେ ବାଧା ଥାଇପାରେ । ଆମ ଦେଶରେ ବ୍ରାହ୍ମଣ ହଳ କରିବାକୁ ଇଚ୍ଛା କଲେ ମଧ୍ୟ ଜାତିଗତ କଟକଣା ତାଙ୍କୁ ବାଧା ଦେଉଛି । ସେହିପରି ଅନ୍ୟ ଦେଶମାନଙ୍କରେ ବାହାରୁ ଲୋକ ଆସି କୌଣସି ବ୍ୟବସାୟରେ ପଶିଲେ ତାଙ୍କୁ ବଣିକ-ସଙ୍ଘ ବାଧା ଦେଇପାରେ; ମାତ୍ର ବ୍ୟାବସାୟିକ ସ୍ୱାଧୀନତାର ଏ ସବୁ ଅନ୍ତରାୟ କାଳକ୍ରମେ ଉଠେଇ ଯାଉଛି । ପଣ୍ଡିତ କୃପାସିନ୍ଧୁ ହୋତା ବ୍ରାହ୍ମଣଙ୍କର ହଳ ଧରିବା ଅଧିକାର ସପକ୍ଷରେ ଲଢ଼ିବାକୁ ଅଗ୍ରୀ ଉଠିଲେଣି ଓ ବିଦେଶରେ ମଧ୍ୟ ବଣିକସଙ୍ଘମାନଙ୍କର ଏହି ଦଳଗତ ନୀତି କାଳକ୍ରମେ ଯେତେଦୂର ସମ୍ଭବ କୋହଳ ହୋଇ ଯାଇଛି ଓ ଯାଉଛି ।

ମୋଟ ଉପରେ ସମାଜର ଶାନ୍ତି ବା ସ୍ୱାସ୍ଥ୍ୟ ଦୃଷ୍ଟିରୁ ସରକାରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ କେତେ ଗୁଡ଼ିଏ ବ୍ୟବସାୟ ( ଯଥା— ଅସ୍ତ୍ରଶସ୍ତ୍ର ନିର୍ମାଣ, ବା ଅବକାରୀ ଦ୍ରବ୍ୟ ଉତ୍ପାଦନ ଆଦି ) ଛାଡ଼ିଦେଲେ ମୋଟ ଉପରେ ସମାଜରେ ବାସ କରୁଥିବା ପ୍ରତ୍ୟେକ ଲୋକକୁ ତାର ରୁଚି ଅନୁସାରେ ବ୍ୟବସାୟ ବାଛି ନେବାର ସୁଯୋଗ ରହିଛି । ପଞ୍ଚାୟତରେ ସରକାରଙ୍କୁ ଦେୟ ଖଜଣାଗଣ୍ଡା କଥା ଛାଡ଼ିଦେଲେ ପ୍ରତ୍ୟେକ ଲୋକ ନିଜ ଇଚ୍ଛା ଓ ରୁଚି ଅନୁସାରେ ନିଜର ଅର୍ଥୋପାର୍ଜ୍ଜନ କରିବାର ସୁଯୋଗ ପାଇବାର ବ୍ୟବସ୍ଥା ଅଛି ।

## — ତିନି —

ସମାଜର ସମ୍ଭୋଗ ପାଇଁ ଯେଉଁସବୁ ଜିନିଷ ଓ ସେବା ମୋଟ ଉପରେ ଲୋଡ଼ା, ସମାଜର ସଦସ୍ୟ ମିଶି ସେହିସବୁ ଜିନିଷ ଓ ସେବା ଉତ୍ପନ୍ନ କରୁଅଛନ୍ତି । ଯେଉଁମାନେ ଉତ୍ପନ୍ନ କରୁଛନ୍ତି, ସେମାନେ ସମାଜର ପ୍ରୟୋଜନ କେତେ, ସେ ସମ୍ବନ୍ଧରେ ଧାରଣା କରିପାରନ୍ତି ନାହିଁ ଓ ପ୍ରୟୋଜନ ମଧ୍ୟରୁ ଅନ୍ୟମାନେ ସେ ବ୍ୟବସାୟର କେତେ ଅଂଶ ଉତ୍ପନ୍ନ କରିବାରେ ଲାଗିଛନ୍ତି ତାହା ମଧ୍ୟ ଜାଣନ୍ତି ନାହିଁ । ଏହିପରି ନ ଜାଣି କରିଲେ ଦେଶର ଲୋକେ ଭିନ୍ନ ଦ୍ରବ୍ୟ ସ୍ୱେଚ୍ଛାରେ ଉତ୍ପନ୍ନ କରିବାରେ ଫଳ କଣ ହୋଇପାରେ ସେ କଥା ଦେଖାଯାଉ ।

କୃଷୀ ଗହମ ବୁଣେ କରେ । ମାତ୍ର ବୁଣିବାରେ ମୋଟ ଉପରେ କେତେ ଗହମ ଦରକାର ସେ ଜାଣେ ନାହିଁ, ବା ଅନ୍ୟ କେତେଜଣଙ୍କ ଗହମ ବୁଣରେ ଲାଗିଛନ୍ତି, ତା ମଧ୍ୟ ଜାଣେ ନାହିଁ । କେଣୁ ତା ଫସଲ ଉଠିବା ପରେ ଯଦି ତା ଗହମଟା ସୁବିଧାରେ ବିକିବା ହୋଇ ପଡ଼େ, ସେ ତାହା ଅତ୍ୟନ୍ତ ଅଳ୍ପ ମୂଲ୍ୟରେ ବିକ୍ରି କରିବାକୁ ବାଧ୍ୟ ହୁଏ; ପୁଣି ତାହା ଫଳରେ ସମସ୍ତ ଜଗତରେ ଗହମର ମୂଲ୍ୟ କମିଯାଏ, କାରଣ କୌଣସିଠାରେ ଶସ୍ତାରେ ଗହମ ମିଳିଲେ ଲୋକେ ଅନ୍ୟତ୍ର ମହଙ୍ଗରେ କାହିଁକି କିଣିବେ ? ନାହିଁ ଯଦି ତାର ଫସଲ ଉଠିବାବେଳକୁ ଦେଖାଗଲା ଯେ ବଜାରରେ ଗହମ ଅଧିକ ନାହିଁ, ତେବେ ତା' ଗହମର ମୂଲ୍ୟ ବଢ଼ିଯାଏ ଓ ସମସ୍ତ ଜଗତରେ ଗହମ ଦୁର୍ମୂଲ୍ୟ ହୋଇଉଠେ, କାରଣ ଯେତେବେଳେ ଗହମର ଆବଶ୍ୟକତା ଯେତେ ଅଛି ଉତ୍ପନ୍ନ-ଦ୍ରବ୍ୟ ତାଠାରୁ କମ୍ ଅଛି । ଏହିବେଳେ କୃଷୀର ଅଧିକ ଲାଭ ହୁଏ ।

ଗହମ ଆମଦାନି ଅଧିକ ହେବା ଫଳରେ ଯଦି ଗହମର ମୂଲ୍ୟ କମ୍ ହେଲା, ପର ବର୍ଷକୁ ଅନେକ ଲୋକ ହୁଏତ ଗହମ ଚାଷକରିବାରେ ମକା, ମାଣ୍ଡିଆ ଆଦି ଅନ୍ୟାନ୍ୟ ଫସଲ କରିବାରେ ଲାଗିପଡ଼ନ୍ତି । ଫଳରେ

ସେ ବର୍ଷ ଗହମ ଯୋଗାଣ କମିଯିବାରେ ଗହମର ମୂଲ୍ୟ ବଢ଼ିଯାଏ । ସେହି ବର୍ଷ ଯେ ବ୍ୟବସାୟୀଙ୍କର ଲୋକସାନ ହେଲା, ସେ ବର୍ଷ ସେ ବ୍ୟବସାୟୀଙ୍କର ସେ ଲୋକ ହୁଏତ ସର୍ବସ୍ୱାନ୍ତ ହୁଏ; ମାତ୍ର ସମାଜ ସେଥିପାଇଁ ଭ୍ରୂକ୍ଷେପ କରେ ନାହିଁ । କାରଣ ବ୍ୟବସାୟୀ ସ୍ୱାଧୀନ; ଲାଭ ହେଲେ ଯେପରି ସେ ଧନୀ ହେବ, ଲୋକସାନ ହେଲେ ସେ ସେହିପରି ଦରିଦ୍ର ହେବ ।

ପୁଣି ଯେଉଁ ବର୍ଷ ଗହମର ମୂଲ୍ୟ ବେଶି ହୁଏ, ତହିଁ ପର ବର୍ଷ ବହୁତ ଜମିରେ ଅନ୍ୟ ଶସ୍ୟ ପରିବର୍ତ୍ତେ ଲୋକେ ଅଧିକ ଲାଭ ଆଶାରେ ଗହମ ଚାଷ କରିବା ଫଳରେ ହୁଏତ ଗହମ ପୁଣି ଶସ୍ତା ହୋଇଯାଏ । ଏହିପରି ମୂଲ୍ୟର ହ୍ରାସ ବୃଦ୍ଧିରୁ ଅନ୍ତତଃ ଭଲ ଦ୍ରବ୍ୟର ଯଥା ଅଧିକ ଉତ୍ପାଦନ ନିଶ୍ଚିତ ହୋଇଥାଏ ।

ଧନବାଦରେ ବିଶେଷତ୍ୱ ଏହି ଯେ, ସବୁ ଜମିର ଉର୍ବରତା ସମାନ ନୁହେଁ । କେତେକ ଜମି ଅନ୍ୟଠୁ ଉର୍ବର ଓ କେତେକ ଅତ୍ୟନ୍ତ ଅନୁର୍ବର ଜମି । ମୋଟ ଉପରେ ସବୁଥିରୁ ଉତ୍ପନ୍ନ ଦ୍ରବ୍ୟ ଯେବେ ସମାଜର ପ୍ରୟୋଜନରେ ଆସିବାର କଥା, ତେବେ ଗହମର ଦାମ ସବୁଠାରୁ ଅନୁର୍ବର ଜମିରୁ ଉତ୍ପନ୍ନ ଗହମର ଦାମ ସଙ୍ଗେ ସମାନ ହେବ, ନୋହିଲେ ଅନୁର୍ବର ଜମିର ପୁଣି ଚାଷ କରିବ କାହିଁକି ? ତେଣୁ ଉର୍ବର ଜମିର ମାଲିକମାନେ ତାଙ୍କ ଫସଲର ଦାମ ବାବଦରେ ଯାହା ପାଇବେ, ତାହା ଅନୁର୍ବର ଜମି ଚଷୁଥିବା ଲୋକ ଯାହା ପାଇବ, ତାଠାରୁ ଢେର ବେଶୀ ।

ଏହି ଅଧିକାଂଶରେ ଲାଭ । ଏହି ଲାଭଟିକୁ ହିଁ ଜମିର 'ଖଜଣା' ବା 'ସ୍ୱତ୍ୱାଂଶ' ବୋଲି ବୁଝିବାକୁ ହେବ । ଜମି ଗୁଡ଼ିକର ଉର୍ବରତାର ତାରତମ୍ୟ ନ ଥିଲେ ଓ ସମାଜର ସମ୍ଭୋଗ ନିମନ୍ତେ ସବୁଠାରୁ ନିକୃଷ୍ଟ ଜମିର ଚାଷ ପ୍ରୟୋଜନ ନୋହିଥିଲେ, ଏହି 'ଖଜଣା' ବା 'ସ୍ୱତ୍ୱାଂଶ' ନାମକ ଦେୟର ପ୍ରୟୋଜନ ହୁଅନ୍ତା ନାହିଁ । ଏହି 'ଖଜଣା' ବା

'ସ୍ୱତ୍ୱାଂଶ'ର ଉତ୍ପତ୍ତି ବା ଆବଶ୍ୟକତା କପରି ଓ କେଉଁଠାରେ ହୁଏ, ଆଲୋଚନା କରାଯାଉ।

ଘର ବା ବାସଗୃହ କଥା ଦେଖାଯାଉ। ସମାଜରେ ଯେତେ-କେତେ ଅଛନ୍ତି, ସମସ୍ତଙ୍କର ବାସଗୃହ ଲୋଡ଼ା। କେହି ଲଣ୍ଡନରେ ଥାନ୍ତି, କଲିକତାରେ ଥାନ୍ତି ବା ଫୁଲନଖରା ଗାଁରେ ଥାନ୍ତି, ତାର ବାସଗୃହ ଦରକାର। ମାତ୍ର ଲଣ୍ଡନ ଘରର ଉପଯୋଗିତାଠାରୁ କଲିକତା ଘରର ଉପଯୋଗିତା ଊଣା ଓ ତା ଅପେକ୍ଷା ଫୁଲନଖରା ଘରର ଉପଯୋଗିତା ଆହୁରି ଊଣା। କେଳାମାନେ ଯେଉଁ ଘରକଣ୍ଟିମାନ ସାଙ୍ଗେ ସାଙ୍ଗେ ଧରି ଜାଗାକୁ ଜାଗା ଯାଉଥାନ୍ତି, ସେ ଘରର ଉପଯୋଗିତା ତାଠାରୁ ଆହୁରି ଊଣା। ତେଣୁ ଲଣ୍ଡନ ଘରେ 'ଖଜଣା' ବା 'ସ୍ୱତ୍ୱାଂଶ' ସବୁଠାରୁ ବେଶି, କଲିକତାରେ ତାଠାରୁ କମ୍ ଓ ଫୁଲନଖରାରେ ସବୁଠାରୁ କମ୍। କେଳାଘରରେ ସ୍ୱତ୍ୱାଂଶ ପ୍ରାୟ କିଛି ନାହିଁ।

ମାତ୍ର ଶିଳ୍ପଜାତ ଦ୍ରବ୍ୟମାନଙ୍କରେ ଏପରି ସ୍ୱତ୍ୱାଂଶ ବା ଖଜଣା ଅଂଶ କିଛି ନାହିଁ। ଅବଶ୍ୟ କେହି ଯଦି ଗୋଟିଏ ନୂଆ ଧରଣର ଜିନିଷ ଆବିଷ୍କାର କରେ, ଅଥବା ନୂଆ ଧରଣର କଳ କାରଖାନା ଅଳ୍ପ ଖର୍ଚ୍ଚରେ ଜିନିଷ ଉତ୍ପନ୍ନ କରିପାରେ, ସେ କିଛି କାଳ ପାଇଁ ଗୋଟାଏ ସ୍ୱତ୍ୱାଂଶ ବା ଖଜଣା ଅଂଶ ଧରଣର ଲାଭ ପାଇବ। ମାତ୍ର ଜମିବାଡ଼ି ପରି କଳକାରଖାନା ବା ନୂଆ ଧରଣର ଶିଳ୍ପ ତ ସୀମାବଦ୍ଧ ନୁହେଁ। ଜମି ସିନା କେହି ବଢ଼ାଇ ପାରିବ ନାହିଁ; ଶିଳ୍ପ ବା କଳ ତ ଯେତେ ଇଚ୍ଛା ସେତେ ପରିମାଣରେ ବଢ଼ିପାରେ। ତେଣୁ ଶିଳ୍ପଜାତ ଦ୍ରବ୍ୟମାନଙ୍କରେ ସ୍ୱତ୍ୱାଂଶ ବେଶିକାଳ ସ୍ଥାୟୀ ହୋଇ ପାରେ ନାହିଁ। ଯେଉଁ ବ୍ୟବସାୟ ବେଶି ଲାଭଜନକ ହେବ, ବହୁ ବ୍ୟବସାୟୀ ସେଥିରେ ପଶି ପଡ଼ନ୍ତି। ଫଳରେ ଉକ୍ତ ବ୍ୟବସାୟରୁ ସ୍ୱତ୍ୱାଂଶ ଉଡ଼ିଯାଏ। ଯେଉଁ ବ୍ୟବସାୟରେ କ୍ଷତି ହୁଏ, ସେ ବ୍ୟବସାୟରେ ନିଯୁକ୍ତ ବେପାରୀ କ୍ରମଶଃ ହୋଇ ଉକ୍ତ-ବ୍ୟବସାୟ ଛାଡ଼ି ଅନ୍ୟ ବ୍ୟବସାୟ ଧରନ୍ତି; ସମାଜ ସେଥିପାଇଁ କ୍ଷତି ଭୋଗ କରେ ନାହିଁ।

ବ୍ୟବସାୟୀ ସ୍ୱାର୍ଥ ଏହିପରି ଆପେ ଆପେ ଚାଲିଛି । ତାର ନିୟାମକ କେହି ନାହିଁ । କିନ୍ତୁ ସମସ୍ତ ଜଗତ ଏକ ସୂତ୍ରରେ ଅବଦ୍ଧ ହୋଇ ଏପରି ଭାବରେ ଚାଲିଛି ଯେ, ଆମେରିକାରେ ଫସଲ ହାନି ହେଲେ ଭାରତରେ ଦୁର୍ଭିକ୍ଷ ପଡ଼ୁଛି କିମ୍ବା ଭାରତରେ ଫସଲ ବୃଦ୍ଧି ଭଲ ହେଲେ ଲଣ୍ଡନରେ ଗହମ ଶସ୍ତାରେ ମିଳୁଛି । କେଉଁ ଅଦୃଶ୍ୟମାନ ପ୍ରଣାଳୀରେ ଏ ସବୁର ଯୋଗସୂତ୍ର ନିୟନ୍ତ୍ରିତ ହେଉଛି ତାହା ଭାବିଲେ ବିସ୍ମିତ ହେବାକୁ-ହୁଏ । ମାତ୍ର ଯୁଗ ଯୁଗ ଧରି ସମାଜର ପ୍ରତ୍ୟେକ ଲୋକ ଅଜ୍ଞାତରେ ଏପରି କାର୍ଯ୍ୟ କରୁ କରୁ ମୂଳରେ ସମାଜର ପ୍ରଗତି ପଥରେ ବିଶେଷ କିଛି ବାଧା ହେଉନାହିଁ ।

# ଦ୍ୱିତୀୟ ପରିଚ୍ଛେଦ

## ପୁଞ୍ଜିବାଦ

—ଏକ—

ପୂର୍ବବର୍ତ୍ତୀ ଅଧ୍ୟାୟରେ ଯାହା ସବୁ ଆଲୋଚନା କରାଗଲା ସେଥିରୁ ଅନୁମାନ କରିବାର କଥା ଯେ, ପ୍ରତ୍ୟେକ ଲୋକ ତାର ପରିଶ୍ରମ ଅନୁସାରେ ମୋଟ ଉତ୍ପନ୍ନ ଦ୍ରବ୍ୟ ଓ ସେବାରୁ ଯଥାର୍ଥ ଅଂଶ ପାଏ । ସମାଜରେ ସମସ୍ତେ ବେଶି ଅର୍ଜନ କରିବା ଉଦ୍ଦେଶ୍ୟରେ ପରିଶ୍ରମ କରନ୍ତି, ମାତ୍ର କାହାର ଆୟ ହୁଏ ବେଶି ଓ କାହାର ହୁଏ କମ୍ । ଏପରି କାହିଁକି ହୁଏ ? ଏହାର ଅନେକ କାରଣ ଅଛି । ପ୍ରଥମରେ ସମସ୍ତଙ୍କ ପରିଶ୍ରମର ମୂଲ୍ୟ ସମାନ ହୋଇ ନ ପାରେ । ଯାହାର ବଳ ବେଶି, ସେ ବେଶି ପରିଶ୍ରମ କରିପାରିବ ଏବଂ ଯାହାର ବଳ କମ୍, ସେ କମ୍ ପରିଶ୍ରମ କରିବ । ତେଣୁ ବଳୁଆ ମଜୁରିଆ ବେଶି ମଜୁରି ପାଏ ଓ ଦୁର୍ବଳ ମଜୁରିଆ ଅଳ୍ପ କାମ କରି ଅଳ୍ପ ମଜୁରି ପାଏ । ପୁଣି ଯାହାର ବୁଦ୍ଧି ବେଶି ସେ ଅଳ୍ପ ପରିଶ୍ରମରେ ବହୁତ ଉତ୍ପାଦନ କରିପାରେ ଓ ସେଥିପାଇଁ କୌଶଳୀ ଲୋକ ବେଶି ରୋଜଗାର କରେ । ଦୃଷ୍ଟାନ୍ତରେ ଶିକ୍ଷିତ ଲୋକ ଯେଉଁ ଧରଣର ପରିଶ୍ରମ କରିପାରେ, ଅଶିକ୍ଷିତ ଲୋକ ସେ ଧରଣର ପରିଶ୍ରମ ସେପରି ଭାବରେ କରି ପାରିବ ନାହିଁ । ଏକାଳର ଶିକ୍ଷା ବହୁ ବ୍ୟୟସାପେକ୍ଷ, ତେଣୁ ଯେଉଁମାନେ ବହୁ ବର୍ଷ ଧରି ବହୁ ବ୍ୟୟରେ ଶିକ୍ଷା ଅର୍ଜନ କରିଥାନ୍ତି, ସେମାନେ ଅଶିକ୍ଷିତ ଲୋକମାନଙ୍କଠାରୁ ବେଶି ରୋଜଗାର କରୁଛନ୍ତି ।

କିନ୍ତୁ ଏସବୁ ସାଧାରଣ କାରଣ ଛଡ଼ା କେତେକ ବିଶେଷ କାରଣ ମଧ୍ୟ ଅଛି । ପ୍ରତ୍ୟେକ ଲୋକ ପରିଶ୍ରମ କରି ସମାଜ ପାଇଁ କେତେକ ଦ୍ରବ୍ୟ ବା ସେବା ଉତ୍ପନ୍ନ କରେ । ସମାଜରେ ସେହି ଦ୍ରବ୍ୟ ଓ ସେହି ସେବାର ପ୍ରୟୋଜନୀୟତା ଯେତିକି, ସେହି ପରିମାଣରେ ତାର ମୂଲ୍ୟର ତାରତମ୍ୟ ହୁଏ । ତା ଛଡ଼ା ସେହି ଦ୍ରବ୍ୟ ଓ ସେହି ସେବା କେତେ ପରିମାଣରେ ମିଳୁଛି, ତା ଉପରେ ମଧ୍ୟ ଭିନ୍ନ ଦ୍ରବ୍ୟ ବା ସେବାର ମୂଲ୍ୟ ନିର୍ଭର କରେ । ମନେକର ଜଣେ ରେଶମ ଲୁଗା ତିଆରି କରୁଛି । ସମାଜର ମୋଟରେ ୧୦ ଲକ୍ଷ ଗଜ ରେଶମ ଲୁଗା ଦରକାର । ପ୍ରସ୍ତୁତ ସମସ୍ତ ରେଶମ ଲୁଗା ଯଦି ମୋଟ ୯ ଲକ୍ଷ ଗଜ ହୁଏ, ତେବେ ସେ ଜିନିଷର ଚାହିଦା ବେଶି ହେବାରୁ ତାର ମୂଲ୍ୟ ବଢ଼ିଯିବ ଏବଂ ପ୍ରତ୍ୟେକ ରେଶମଲୁଗାବେପାରୀ ଅତ୍ୟନ୍ତ ଲାଭ କରିବେ । ସେହି ଅନୁପାତରେ ରେଶମ ଲୁଗା ବ୍ୟବସାୟରେ ନିଯୁକ୍ତ ଥିବା ଲୋକମାନଙ୍କର ଆୟର ହାର ବେଶି ହେବ । ପୁଣି ଯେପରି, ଜଣେ ଅସ୍ଥି-ଡାକ୍ତର । ସମାଜରେ ଯେତେ ଅସ୍ଥିରୋଗ ହୁଏ, ତାକୁ ଚିକିତ୍ସା କରିବା ନିମନ୍ତେ ଯଦି ଦୁଇ ବେଶି ଅସ୍ଥି-ଚିକିତ୍ସକ ଥାନ୍ତି, ତେବେ ଅସ୍ଥି-ଡାକ୍ତରମାନଙ୍କର ରୋଜଗାର କମିଯିବ । ପଶ୍ଚାନ୍ତରେ ଯଦି ଖୁବ୍ ଅଳ୍ପ ଡାକ୍ତର ଥାନ୍ତି, ତେବେ ଅସ୍ଥିଭଗ୍ନମାନଙ୍କୁ ଅସୁବିଧା ଭୋଗିବାକୁ ହେବ ଓ ସେମାନେ ପ୍ରତ୍ୟେକ ରୋଗୀ ଦେଖିବାକୁ ବେଶି ବେଶି ଟଙ୍କା ନେବେ ।

ମୋଟ ଉପରେ ସମାଜରେ ପ୍ରତ୍ୟେକ ଲୋକ ତାର ପରିଶ୍ରମ ଅନୁପାତରେ ମୋଟ ଦ୍ରବ୍ୟ ଓ ସେବାର ଭାଗ ପାଏ ନାହିଁ । ସେ ଯେଉଁ ଜିନିଷ ବା ସେବା ଉତ୍ପନ୍ନ କରେ, ତାର ପ୍ରୟୋଜନୀୟତା ଓ ତାହାର ସଂଖ୍ୟା ବା ପରିମାଣ ଉପରେ କିନ୍ତୁ ଲୋକର ପାରିଶ୍ରମିକ ନିର୍ଭର କରେ । ତା ମଧ୍ୟରେ ଶିକ୍ଷିତ, ବୁଦ୍ଧିମାନ୍, କର୍ମଠ, ବଳବାନ୍ କର୍ମୀ ଯଥାକ୍ରମରେ ଅଶିକ୍ଷିତ, ବୁଦ୍ଧିହୀନ, କର୍ମକୁଣ୍ଠ ଓ ଦୁର୍ବଳ କର୍ମୀ ଠାରୁ ଅଧିକ ହାରରେ ପାରିଶ୍ରମିକ ପାଆନ୍ତି ।

ପୂର୍ବେ ପୃଥିବୀ ଯେତେବେଳେ ଅନୁନ୍ନତ ଅବସ୍ଥାରେ ଥିଲା, ସୂତାବାଗର ଆବିଷ୍କାର ହୋଇ ନ ଥିଲା, ଲୋକେ ଲୁଗା ପିନ୍ଧି ଜାଣି ନ ଥିଲେ ଓ ବୁଣିବା କାହାରିକୁ ଜଣା ନ ଥିଲା, ସେତେବେଳେ ପ୍ରତ୍ୟେକ ଲୋକ ଯାହା ପାଉଥିଲା, ତାହା ଖାଉଥିଲା ବା ପିନ୍ଧୁଥିଲା । ମାତ୍ର ଯେତେବେଳେ ଲୋକସଂଖ୍ୟା ବଢ଼ିଲା ଓ ମନୁଷ୍ୟ ତାର ଖାଦ୍ୟ ବା ପରିଧେୟ ସହଜରେ ପାଇପାରିଲା ନାହିଁ, ଅଥବା ଯେତେବେଳେ ଭଲ ଧରଣର ଖାଦ୍ୟ ବା ପରିଧେୟପ୍ରତି ମନୁଷ୍ୟ ଲୋଭୀ ହୋଇ ପଡ଼ିଲା, ସେତେବେଳେ ତାକୁ ବେଶି ପରିଶ୍ରମ କରିବାକୁ ପଡ଼ିଲା । କେବଳ ଚାଷ କରିବାକୁ ବା କେବଳ ଲୁଗା ବୁଣିବାକୁ ଏତେ ସମୟ ବା କୌଶଳର ଆବଶ୍ୟକତା ହେଲା ଯେ, କୌଣସି ଜଣେ ଲୋକ ନିଜର ଚାଷଜମି କରି, ନିଜର ଲୁଗା ନିଜେ ବୁଣି, ନିଜର ଲଙ୍ଗଳ ଫାଳ ଗଢ଼ି, ନିଜର ଘରକଣ୍ଟି ତୋଳି ରହିବା ସୁବିଧାଜନକ ହେଲା ନାହିଁ । ତେଣୁ ସମାଜରେ ପରିଶ୍ରମର ବିଭାଗ ହୋଇ ଉଠିଲା । ଯେ ଲୁଗା ବୁଣିଲା, ସେ କେବଳ ନିଜ ପାଇଁ ନ ବୁଣି ଅନେକ ଲୋକଙ୍କ ପାଇଁ ବୁଣିଲା ଓ ଲୁଗା ବୁଣିବା ଛଡ଼ା ଅନ୍ୟ କୌଣସି କାର୍ଯ୍ୟ କରିବା ତାର ଆବଶ୍ୟକ ହେଲା ନାହିଁ । ସେ ଲୁଗା ତିଆରି କରି ଯେତେ ପିନ୍ଧିଲା ଓ ବାକି ଯାହା ବଳିଲା, ତାକୁ ଦେଇ ଧାନ, ଚାଉଳ, ହାଣ୍ଡି, ସୋରିଷ, ମୁଗ ଆଦି ତାର ଅନ୍ୟ ଯାହା କିଛି ଦରକାର ସବୁ ବଦଳେଇ ଆଣିଲା । ସେହିପରି ଯେ ଚାଷ କଲା, ସେ ଆପଣା ଖଉଟିଆଣ୍ଡାକ ରଖି ବାକି ଅଂଶରେ ବଦଳାଇ ଲୁଗା, ତେଲ, ଲୁଣ ଆଦି ସଂଗ୍ରହ କରି ନେଲା ।

କ୍ରମେ କ୍ରମେ ଲୋକସଂଖ୍ୟା ଅଧିକ ବଢ଼ି ଚାଲିଲା । ପୁଣି ପ୍ରତ୍ୟେକ ଲୋକର ପ୍ରୟୋଜନୀୟ ଦ୍ରବ୍ୟ ଓ ସେବାର ସମଷ୍ଟି ମଧ୍ୟ ବଢ଼ି ଚାଲିଲା । ମଣିଷ ନୂଆ ନୂଆ ଜିନିଷର ବ୍ୟବହାର ଶିଖିଲା ଓ ଦର୍ଶନର ପ୍ରଗତି ଅନୁସାରେ ତାକୁ ବହୁତ ଜୀବନର ନୂତନ ଅଭାବ ଓ ତୃପ୍ତିର ସମ୍ମୁଖୀନ ହେବାକୁ ପଡ଼ିଲା । ମଣିଷ ଶିକାରବଶ,

ପାଣିକଳ, ଟେଲିଗ୍ରାଫ୍, ଆଲୁଅ, ଖବର କାଗଜ, ରେଡ଼ିଓ ଆଦି ବହୁତ ନୂଆ ନୂଆ ଜିନିଷ ଓ ଭିନ୍ନ ଧରଣର ଚିକିତ୍ସା, ଭିନ୍ନ ଧରଣର ଶିକ୍ଷା ଆଦି ବହୁତ ନୂତନ ଧରଣର ସେବା ମଧ୍ୟ ସୃଷ୍ଟି କରିଛି । ଏ ସବୁ ଫଳରେ ଜିନିଷ ବଦଳାଇ ଅନ୍ୟ ଜିନିଷ ନେବା ଆଣିବା ଅସୁବିଧାଜନକ ହୋଇଯାଇଛି । ଉଦାହରଣସ୍ୱରୂପ ଯଦି ଚାଷୀ ଅଟୋମୋବାଇଲ୍ ମଟରଗାଡ଼ି ଗୋଟିଏ କିଣିବାକୁ ଚାହିଁବ, ତା ପକ୍ଷରେ ତାର ପ୍ରସ୍ତୁତ ଧାନ ନେଇ କିଣିବା ସମ୍ଭବ ହେବ କିପରି ? ଗୋଟିଏ ମଟର ଗାଡ଼ି ପରିବର୍ତ୍ତରେ ତାକୁ ପ୍ରାୟ ହଜାରେ ଗାଡ଼ି ଧାନ ଦେବାକୁ ହେବ ଓ ସେ ସବୁ ନେଇ ଅଟୋମୋବାଇଲ ମଟରଦୋକାନ ପାଖରେ ପହଞ୍ଚାଇବାକୁ କେତେ ବ୍ୟୟ ଓ ସମୟ ଲାଗିବ, ତାହା ଅନୁମାନ କରିହେବ ନାହିଁ । ପୁଣି ଅଟୋମୋବାଇଲ ମଟରଦୋକାନୀ ତ ଚାଉଳ ଖାଏ ନାହିଁ । ଏତେ ଚାଉଳ ନେଇ ସେ ବା କ'ଣ କରିବ ? ଏ ସବୁ ଅସୁବିଧାକୁ ସୁଧାରିବା ପାଇଁ ସମାଜ ଗୋଟିଏ ସ୍ୱତନ୍ତ୍ର ପନ୍ଥା ଅନୁସରଣ କଲା । ତାହା ହେଉଛି ଟଙ୍କା ବା ମୁଦ୍ରା । ପ୍ରତ୍ୟେକ ଜିନିଷର ପରିଶ୍ରମର ମୂଲ୍ୟ ଟଙ୍କାରେ ଧାର୍ଯ୍ୟ ହେଲା ଓ ଟଙ୍କା ବଦଳରେ ଯେ ଯେଉଁ ଧରଣର ଯେଉଁ ଜିନିଷ ବା ସେବା ଚାହିଁବ, ତାହା ତାକୁ ମିଳିପାରିବାର ସୁବିଧା ଅଧିକ ବଳରେ କରାଗଲା । ଟଙ୍କା କେହି ଖାଏ ନାହିଁ । ଟଙ୍କାର କାର୍ଯ୍ୟ ହେଉଛି କେବଳ ଜିନିଷ ଓ ସେବାର ଆଦାନ ପ୍ରଦାନରେ ସାହାଯ୍ୟ କରିବା । ତେଣୁ ଟଙ୍କା ବା ମୁଦ୍ରାକୁ ସମାଜଦ୍ୱାରା ନିର୍ଦ୍ଧାରିତ ଗୋଟିଏ 'ଦାବିପତ୍ର' ବୋଲି କହିଲେ ଭୁଲ ହେବ ନାହିଁ ।

ତେଣୁ ଟଙ୍କାଟା କେବଳ ଜିନିଷ ଓ ସେବା ଆଦାନ ପ୍ରଦାନର ଗୋଟାଏ ମାନଦଣ୍ଡ ରୂପରେ ବ୍ୟବହୃତ ହେବାକୁ ଲାଗିଲା । ଫଳରେ ପ୍ରତ୍ୟେକ ଲୋକ ତାର ନିର୍ଦ୍ଦିଷ୍ଟ ବ୍ୟବସାୟରେ ସ୍ୱାଧୀନ ଅଥଚ ଅଳ୍ପ ସମୟରେ କାର୍ଯ୍ୟ କରି ଚାଲେ । ତାର ପରିଶ୍ରମର ମୂଲ୍ୟ ସମାଜର ସ୍ୱଚ୍ଛ ଅନୁସାରେ ଟଙ୍କା ବା ମୁଦ୍ରାରେ

ନିର୍ଣ୍ଣୀତ ରୂପେ ଓ ଅଙ୍କ ଟଙ୍କା ବା ମୁଦ୍ରା ପରିବର୍ତ୍ତରେ ସେ ତାର ଅନ୍ୟାନ୍ୟ ଜିନିଷ ପାଏ।

ଦଶୋଟି ଟଙ୍କା ଦେଲେ ଯେବେ ମୁଁ ପାଞ୍ଚ ଜଣ ଲୋକଙ୍କୁ ଦୁଇ ଘଣ୍ଟା ଲେଖାଏଁ ଖଟିବାକୁ ରାଜି ହେବ, ତେବେ ବୁଝିବା ଯେ ମୋର ଦଶଙ୍କୁ ଦୁଇ ଘଣ୍ଟା ଲେଖାଏଁ ପାଞ୍ଚ ଖଟିବାର ମୂଲ୍ୟ ଦଶୋଟି ଟଙ୍କା; ଅର୍ଥାତ୍ ଏହିପରି ପାଞ୍ଚ ପରିଶ୍ରମ କଲେ ମୋତେ ଯେତେ କଷ୍ଟ ହେବ, ଦଶୋଟି ଟଙ୍କା ପାଇଲେ ମୋର ସେତିକି ଆନନ୍ଦ ହେବ। ଦୁଇଟି ପଇସା ଦେଲେ ଯଦି ମୁଁ ଘଣ୍ଟାଏ ପରିଶ୍ରମ କରି କୋଉଁଠିକି ବୋଝ ନେବାକୁ ରାଜି ହେବି, ତେବେ ବୁଝିବ ଯେ ମୋର ଘଣ୍ଟାଏ ପରିଶ୍ରମର ମୂଲ୍ୟ ଦୁଇଟି ପଇସା; ଅର୍ଥାତ୍ ଦୁଇଟି ପଇସା ପାଇଲେ ମୋର ଯେତିକି ଆନନ୍ଦ ହେବ ଓ ଘଣ୍ଟାଏ ପରିଶ୍ରମ କଲେ ମୋର ଯେତିକି କଷ୍ଟ ହେବ, ସେ ଦୁଇଟି ପରସ୍ପର ସମାନ।

ଜଗତରେ ଏପରି କେତେକ ଜିନିଷ ଅଛି, ଯାହାର ମୂଲ୍ୟ ଟଙ୍କା ବା ମୁଦ୍ରାରେ ଧରିହେବ ନାହିଁ, ଯଥାଃ—ଆକାଶରେ ଚନ୍ଦ୍ରର ଶୋଭା ଦେଖି ମୁଁ ଯେତେ ପରିତୃପ୍ତ ହେଲି, ତାର ମୂଲ୍ୟ କେତେ ? ମୋର ପୁଅ ହାରିବାରୁ ମୋ ମନରେ ଯେଉଁ ଦୁଃଖ ହେଲା ତାର ମୂଲ୍ୟ କେତେ ? ତେଣୁ ଏ ସବୁ ତୃପ୍ତି ବା କଷ୍ଟର ମୂଲ୍ୟ ଅର୍ଥନୈତିକ ହିସାବରୁ ବାଦ୍ ଦିଆଯାଏ। ତଥାପି ଏ ସବୁ ଧରଣର ଶ୍ରମ ବା ତୃପ୍ତିକୁ ବାଦ୍ ଦେଲେ ମଧ୍ୟ, ବାକି ଜଗତରେ ଏତେ ପ୍ରକାରର ପରିଶ୍ରମ ଓ ତୃପ୍ତି ଅଛି ଯେ, ସେ ସବୁକୁ ଟଙ୍କା ପଇସାର ମୂଲ୍ୟରେ ହିସାବ କରି ମନୁଷ୍ୟର ସମସ୍ତ ଅର୍ଥନୈତିକ ବ୍ୟାପାରର ଯଥାର୍ଥ ପର୍ଯ୍ୟାଲୋଚନା କରାଯାଇପାରେ।

—ଦୁଇ—

ପରିଶ୍ରମ ବିଭକ୍ତ ହେବାରୁ ଅବଶ୍ୟ ଅନେକ ସୁବିଧା ହେଲା । ଯାହାର ଯେଉଁ ଜିନିଷ ତିଆରି କରିବାରେ ଦକ୍ଷତା ଅଛି, ସେ କେବଳ ସେହି କାର୍ଯ୍ୟରେ ନିଜକୁ ପୂର୍ଣ୍ଣଭାବରେ ନିୟୋଜିତ କରି ପାରିଲା । ଯେ ହଳ ଚାଷ କରେ, ସେ କେବଳ ଚାଷ କରିବାରେ ଲାଗିଲା । ତାକୁ ଘର ତିଆରି କରିବାକୁ ପଡ଼ୁନଥିଲା, ନିଜର ଲୁଗା ବୁଣିବାକୁ ପଡ଼ୁନଥିଲା, ସେ ଅଧିକ ଚାଷ କରିବାରେ ମନୋନି-ବେଶ କରିପାରିଲା କାହିଁକି ? ସମାଜ ତାର ଏହି ଆବଶ୍ୟକତାର ଅନ୍ୟ ବ୍ୟବସ୍ଥା କରୁଥିବାରୁ ସେ କେବଳ ଗୋଟିଏ କାର୍ଯ୍ୟରେ ନିଯୁକ୍ତ ହୋଇ ରହିପାରିଲେ ! ଫଳରେ ଯାହାର ଯେଉଁଥିରେ ସବୁଠାରୁ ଭଲ ଦକ୍ଷତା ଅଛି, ସେ ସେହି କାର୍ଯ୍ୟରେ ଅନବରତ ବ୍ୟାପୃତ ରହିବାରୁ ମୋଟ ଉପରେ ଭଲ ଭଲ ଧରଣର ଜିନିଷ ଓ ଅପେକ୍ଷାକୃତ ବେଶି ଜିନିଷ ସମାଜକୁ ମିଳିଲା ।

ପୁଣି, ଜଣେ ଲୋକ ଯଦି ସବୁ ଦିନେ ଗୋଟିଏ କାମ କରେ, ତାର ସେଥିରେ ଦକ୍ଷତା ନ ଥିଲେ ମଧ୍ୟ କାଳକ୍ରମେ ଆସିଯାଏ । ଖଜଣାଖାନାରେ ପୋଦ୍ଦାର ସବୁ ଟଙ୍କା ଗଣିଲାବେଳେ ଜଣାଯାଏ, ସତେ ଯେପରି ସେମାନେ ଆଖି ବୁଜି ଟଙ୍କ୍ ଟଙ୍କ୍ ଗଣି ଚାଲନ୍ତି । ସାଇକଲଶିଖାଳି ଭଲ କରି ସାଇକଲ ଶିଖିଗଲେ ବା ପହଁରାଶିଖାଳି ଭଲ କରି ପହଁରା ଶିଖିଗଲେ, ସାଇକଲ ଚଲାଇଲାବେଳେ ବା ପହଁରିବାବେଳେ ପରିଶ୍ରମ କରୁଛନ୍ତି ବୋଲି ବୁଝିପାରନ୍ତି ନାହିଁ । ସମସ୍ତେ ସମାଜରେ ଏହିପରି ଅଭ୍ୟସ୍ତ କାର୍ଯ୍ୟରେ ବ୍ୟାପୃତ ରହିବାର ସୁଯୋଗ ପାଇବାରୁ ଧନସମ୍ପାଦନର ପନ୍ଥା ସୁଗମ ହୁଏ ।

ଶ୍ରମବିଭାଗ ଫଳରେ ଆଉ ଗୋଟିଏ ସୁବିଧା ମଧ୍ୟ ହେଲା । କାଳ ଯେ ଜିନିଷ ମଣିଷ ହାତରେ ଶ୍ରମବିଭାଗ ହେଲା, ତା ନହେ-

ମଣିଷ ସହଜ କଳକାରଖାନାରୁ ମଧ୍ୟ ଶ୍ରମବାଞ୍ଛା ହେଲ । ଯେତେବେଳେ ଗୋଟିଏ କାର୍ଯ୍ୟ କଳରେ ହେବା ସମ୍ଭବ ହୋଇଗଲେ, ମଣିଷ ହାତରେ ଆଉ ସେ କାର୍ଯ୍ୟ କରିବା ସୁବିଧାଜନକ ମନେ କରେ ନାହିଁ । ଗୃହଶିଳ୍ପମାନ ହେବା ଫଳରୁ ଦେଶରୁ ଟିକି ପ୍ରାୟ ଉଠି ଯାଉଛି; କାରଣ କଳ ଗୃହଶିଳ୍ପ ଶସ୍ତା ପଡୁଛି । କଳ ଲୁଗା ମିଳନ୍ତ ଫଳଠାରୁ ହାତବୁଣା ଲୁଗାର ପ୍ରସାର ବହୁତ କମିଯାଇଛି; କାରଣ ହାତବୁଣା ଲୁଗାଠାରୁ କଳ ଲୁଗା ଶସ୍ତା ଓ ସୁନ୍ଦର । କଳ ସୂତା ମିଳିବା ଫଳଠାରୁ ହାତ ଚରଖା ସୂତା ପ୍ରାୟ ମିଳୁ ନାହିଁ ।

ଗୋଟିଏ ଚିଙ୍କି ଛୋଟ୍ ଛୋଟ୍ କରି ଦିନକେ ଯେତେ ଗୁଞ୍ଜିଲ ବାହାର, ଗୋଟିଏ ତନ୍ତ ଖଟ୍ ଖଟ୍ କରି ଦିନକେ ଯେତେ ଲୁଗା ବୁଣିବ, ଗୋଟିଏ ତାକୁଡ଼ି ଦିନକେ ଯେତେ ସୂତା କାଟିବ; ଗୋଟିଏ ଗୋଟିଏ କଳ ତାର ବହୁ ସହସ୍ର ଗୁଣ ଗୁଞ୍ଜିଲ, ଲୁଗା ବା ସୂତା ମୁହୂର୍ତ୍ତ ମଧ୍ୟରେ ତିଆରି କରିପାରିବ ।

କିନ୍ତୁ କଳକାରଖାନା ଗୁଡ଼ିକ ବଡ଼ ବ୍ୟୟସାଧ୍ୟ ପଦାର୍ଥ । ସେଗୁଡ଼ିକୁ ପୁରା ଚଳାଇ ରଖାଇବାକୁ ହେଲେ ସେଗୁଡ଼ିକରେ ଅନେକ ଟଙ୍କା ଖଟାଇବା ଦରକାର ଓ ତାକୁ ଚାଲୁ ରଖିବାପାଇଁ ଅନେକ ଲୋକ ମଧ୍ୟ ମହଜୁଦ୍ ଥିବା ଦରକାର । ଏହି କାରଣରୁ କଳକାରଖାନାମାନଙ୍କରେ ସ୍ଥାୟୀ ଶ୍ରମିକବର୍ଗର ପ୍ରୟୋଜନ ହୁଏ । ଏହାଦ୍ୱାରା ଉପକାର ଏତିକି ହୁଏ ଯେ, କଳକାରଖାନା ସାହାଯ୍ୟରେ ବର୍ଦ୍ଧିଷ୍ଣୁ ଲୋକସଂଖ୍ୟାର ବର୍ଦ୍ଧିଷ୍ଣୁ ପ୍ରୟୋଜନ ଜିନିଷମାନ ଶସ୍ତା ଓ ସୁବିଧାରେ ଯୋଗାଇବାକୁ ସମାଜ ପକ୍ଷରେ ସହଜ ହୁଏ । କିନ୍ତୁ ଏହି ସ୍ଥାୟୀ ଶ୍ରମିକବର୍ଗର ବସବାସର ଅସୁବିଧା, ସେମାନଙ୍କର ଅସ୍ୱାସ୍ଥ୍ୟକର ପରିସ୍ଥିତି ଓ ସାସ୍ତ ଜୀବନ ଧରି କଳ ଗାଁରେ ବସି ଫଟ୍ ଫଟ୍ କରିବାର ଦୁର୍ବିସହତା ଯୋଗୁଁ ଅନେକ ନୂତନ ଧରଣର ସମସ୍ୟା ଉପୁଜି ଉଠେ ।

ପୁଣି ବିଜ୍ଞାନର ପ୍ରଗତି ଅନୁସାରେ ଏହି କଳକାରଖାନା ଗୁଡ଼ିକ କ୍ରମେ କ୍ରମେ ବଡ଼ରୁ ବଡ଼ ହୋଇ ଚାଲିଛି । ଗୋଟିଏ ଲୁଗାକଳ ବସାଇବା ଏକ ବିରାଟ ବ୍ୟାପାର ଓ ଗୋଟିଏ ରେଳକମ୍ପାନୀର ସମସ୍ତ ଜିନିଷପତ୍ର ସଂଗ୍ରହ କରିବା ଅତ୍ୟନ୍ତ ବ୍ୟୟସାପେକ୍ଷ କାମ । ଫଳରେ ଏସବୁ ଏକ ବ୍ୟବସାୟ ବାଣିଜ୍ୟ କେବଳ 'ପୁଞ୍ଜି'ର ଜୋର ଉପରେ ନିର୍ଭର କରେ । କୋଟି କୋଟି ଟଙ୍କାରେ ଗୋଟିଏ କାରଖାନା ଖୋଲିବାକୁ ହେଲେ ପୁଞ୍ଜିପତିର ପ୍ରୟୋଜନ । ପୁଣି ଜଣେ ଜଣେ ପୁଞ୍ଜିପତି ଦେଶର ସବୁଆଡ଼େ ଅନେକ ଅନେକ କଳକାରଖାନା ଖୋଲି ବ୍ୟବସାୟର ପ୍ରସାର ବଢ଼ାଉଛନ୍ତି । ଆମ ଦେଶରେ ବିର୍ଲା ବା ଟାଟା ବହୁତ କାରଖାନା ଖୋଲିବାରେ ସମର୍ଥ ହୋଇଛନ୍ତି । ସେମାନଙ୍କର ବାର୍ଷିକ କୋଟି କୋଟି ଟଙ୍କା ଲାଭ ହେଉଛି । ପକ୍ଷାନ୍ତରେ ଗାଁ ଗହଳରେ ଲୋକେ ଖାଇବାକୁ ପାଉ ନାହାନ୍ତି । ତେଣୁ ବର୍ତ୍ତମାନ ଯୁଗରେ ଯାହାର ପୁଞ୍ଜି ନାହିଁ, ତାର ବ୍ୟବସାୟ କରିବାର ସାମର୍ଥ୍ୟ ନାହିଁ ବୋଲି ବୁଝିବାକୁ ହେବ । ସାମର୍ଥ୍ୟ ନ ଥିବା ସ୍ଥଳେ ସ୍ୱାଧୀନତାର ଅର୍ଥ କିଛି ନୁହେଁ । ତୁମେ ତୁମ ଇଚ୍ଛାମତେ ଯେ କୌଣସି ବ୍ୟବସାୟ କରିବାକୁ ସ୍ୱାଧୀନ; କିନ୍ତୁ ତୁମ ହାତରେ ପୁଞ୍ଜି ନ ଥିଲେ ତ ତୁମେ ସ୍ୱଚ୍ଛନ୍ଦ କୌଣସି ବ୍ୟବସାୟ କରିପାରିବ ନାହିଁ । ତେବେ ଏ ସ୍ୱାଧୀନତାର ଅର୍ଥ କଣ ? ଏହି କାରଣରୁ ଆଜିକାଲି କାଳର ବ୍ୟବସାୟପଦ୍ଧତିକୁ ପୁଞ୍ଜିବାଦ ( Capitalism ) କୁହାଯାଏ ।

—ତିନି—

ବାସ୍ତବିକ ଆଜିକାଲି ପୁଞ୍ଜିପତିମାନଙ୍କର ଯୁଗ । ସେହିମାନଙ୍କର ଅଜସ୍ର ପଇସା ଅଛି, ସେହିମାନେହିଁ ବ୍ୟବସାୟରେ ପଶିଲେ ଲାଭ କରି ପାରିବେ । ଆଜିକାଲି ଗୋଟିଏ କଳକାରଖାନା ଖୋଲିବାକୁ ହେଲେ ଢେର ମୂଳଧନ ସଂଗ୍ରହ ତ କରିବାକୁ ହେବ; ତା ସଙ୍ଗେ ସେହି କଳକବ୍ଜାକୁ ବୈଜ୍ଞାନିକ ଉପାୟରେ ଚାଲୁ କରିବାପାଇଁ ଉଚ୍ଚ ଦରମାରେ

ବିଶେଷଜ୍ଞମାନଙ୍କୁ ନିଯୁକ୍ତ କରିବାକୁ ହେବ । ଯାହାର ପଇସା ଅଛି, ସେ ଉଦ୍ୟମ କରିପାରେ । ତାର ନିଜର ବ୍ୟବସାୟ ଚଳାଇବାର ଦକ୍ଷତା ନ ଥିଲେ ମଧ୍ୟ ସେ ଖୁବ୍ ଉଚ୍ଚ ଶିକ୍ଷିତ ମାନେଜର ରଖି ତାର କାରଖାନାଗୁଡ଼ିକ ଉନ୍ନତ ଧରଣର କରିପାରେ । ପୁଣି ଏପରି କି ହେଲେ ସେ ନିଜର ପଇସା ଜୋରରେ ପରର ପଇସାକୁ ମଧ୍ୟ ଖଟାଇ ପାରେ । ମନେକର ବମ୍ବେର ଜଣେ ପୁଞ୍ଜିପତି ଓଡ଼ିଶାର କୌଣସି ଗଡ଼ଜାତରେ କୌଣସି କୋଇଲା ଖଣି ଖୋଳିବାକୁ ଚାହୁଁବ । ସେ ସେଠାରେ କୌଣସି କମ୍ପାନୀ ଖୋଲିପାରେ । ଉକ୍ତ କମ୍ପାନୀର ଅଂଶପତ୍ର ବଜାରରେ ବିକି ସେ ଦେଶର ଅନେକ ଲୋକଙ୍କଠାରୁ ଟଙ୍କା ଉଠାଇପାରେ । ନିଜେ କେତେକ ଅଂଶ ଅବଶ୍ୟ କିଣି ରଖି, କେତେକ ଷ୍ଟକର ସମସ୍ୟା ସବୁଥିରେ ନିଜର କର୍ତ୍ତୃତ୍ୱ ବଜାୟ ରଖି, ପର ପଇସା ବଳରେ କେବଳ ନିଜର ଲାଭ ହାସଲ କରିପାରେ । ଏପରି କୌଣସି କମ୍ପାନୀର ପ୍ରତ୍ୟେକ ଅଂଶ ମନେ କର ଦଶଟି ଟଙ୍କା । ଯେଉଁମାନେ ଏହି ଅଂଶ ଗୁଡ଼ିକୁ କିଣନ୍ତି ସେମାନେ ଦେଶର ଅନେକ ସ୍ଥାନର ଲୋକ । ସେମାନଙ୍କର ନିଜ ନିଜର ବ୍ୟବସାୟ ରହିଛି । କୌଣସି କୋଇଲା ଖଣିରେ ତାଙ୍କର ଦଶ ଟଙ୍କାର କୌଣସି ଅଂଶ ଅଛି ବୋଲି ସେମାନେ କଣ ଉକ୍ତ କୋଇଲା ଖଣି ବିଷୟରେ ବିସ୍ତୃତ ଜାଣିବାକୁ ଇଚ୍ଛା କରିପାରିବେ ? ସେମାନେ ଅଂଶଟି କିଣି ନିଶ୍ଚିନ୍ତ ରହନ୍ତି, ବର୍ଷ ଶେଷରେ ଟଙ୍କାଏ କି ଦୁଇ ଟଙ୍କା ଲାଭ ତ ପାଆନ୍ତି । ପୁଣି ତାଙ୍କର ଟଙ୍କା ବିଶେଷ ଦରକାର ପଡ଼ିଲେ ଉକ୍ତ ଅଂଶଟି ପୁଣି ଅନ୍ୟ ଲୋକଙ୍କୁ ବିକିଦିଅନ୍ତି ।

ପୁନଶ୍ଚ ଯାହାର ପଇସା ଅଛି, ତାର ସେ ଖାଲି ବଡ଼ ଧରଣର କାରଖାନା ଖୋଲି ଚଳାଇବା ସହଜ, ସେତିକି ନୁହେଁ । ଦେଶର ଯେଉଁ ଅଜଣା କୋଣରେ କି ଲାଭଜନକ ବ୍ୟବସାୟ ଖୋଲିଲେ ତାର ବ୍ୟବସାୟ ଅଧିକ ପ୍ରସାର ଲାଭ କରିବ, ଏ ପ୍ରାଥମିକ ଖବର ବିଷୟରେ ତାକୁ ନିଜେ ମୁଣ୍ଡ ଖଟାଇବାକୁ ପଡ଼େ ନାହିଁ । ଆଜିକାଲି ଜଗତରେ ଏ

ବିଷୟରେ ମଧ୍ୟ ବିଶେଷଜ୍ଞ ଅଛନ୍ତି । ସେମାନେ କେବଳ ବ୍ୟବସାୟ କରୁ ନାହାନ୍ତି—କେଉଁଠାରେ କେଉଁ ବ୍ୟବସାୟ ହେବ, ଏ ବିଷୟରେ ପ୍ରାଥମିକ ଯୋଜନା ପ୍ରସ୍ତୁତ କରିବାକୁ । ସେମାନେ ଏ ସମସ୍ତ ଯୋଜନା ପ୍ରସ୍ତୁତ କରି ବଡ଼ ବଡ଼ ପୁଞ୍ଜିପତିମାନଙ୍କୁ ତାଙ୍କର ଯୋଜନା ଯୋଗାନ୍ତି ଓ ସେମାନଙ୍କର ମନୋମତ ହେଲେ ତାଙ୍କଠାରୁ ପାରିଶ୍ରମିକ ନେଇ ଲିଖିତ ଯୋଜନା ତାଙ୍କୁ ଦେଇଦିଅନ୍ତି । ତେଣୁ ପୁଞ୍ଜିପତିକୁ ଏ ଦିଗରେ ମଧ୍ୟ ମଥା ଖେଳାଇବାକୁ ପଡ଼େ ନାହିଁ । ଅଳ୍ପ ଲୋକରେ ଏ ବାଟରେ ମଧ୍ୟ ତାକୁ ବହୁତ ବୁଦ୍ଧି ମିଳିଯାଏ ।

ପୁନଶ୍ଚ ତାର କାରଖାନାମାନଙ୍କର ଦୈନନ୍ଦିନ କାରବାରପାଇଁ ମଧ୍ୟ ପ୍ରୟୋଜନ ହେଲେ ବ୍ୟାଙ୍କମାନଙ୍କରୁ ସେ ଅଳ୍ପକାଳ ପାଇଁ ଟଙ୍କା ଧାର କରି ପ୍ରତ୍ୟେକ କାରଖାନାର ବ୍ୟବସାୟ ଚଳାଇବାର ସୁଯୋଗ ଅଛି । ଫୁଲନଗରର ଜମ୍ମୁ କଣ୍ଟାଲି ପାନ ଦୋକାନଟିଏ ଖୋଲିବାପାଇଁ ଯଦି କୌଣସି ବଡ଼ ବ୍ୟାଙ୍କ ପାଖରେ ମୂଳଧନ ଧାର ମାଗେ, ତେବେ ଦୁଇଟି ଚଳାଚଳ ଖାଲି ସେ ଜାନମୁଣ୍ଡା ଅଛିଟି ଫେରି ଆସିବ । ମ: ଟ ଟାଟା କମ୍ପାନୀର ପ୍ରୟୋଜନ ହେଲେ ସେ ଅଳ୍ପକ୍ଷଣରେ କୋଟି କୋଟି ଟଙ୍କା ଯେ କୌଣସି ବ୍ୟାଙ୍କରୁ ଧାର ପାଇବ ।

ପୁନଶ୍ଚ କୌଣସି ନୂଆ କାରଖାନା ଖୋଲିବାକୁ ହେଲେ, ପୁଞ୍ଜିପତିକୁ ମଧ୍ୟ ପ୍ରାଥମିକ ମୂଳଧନ ପାଇଁ ବ୍ୟାଙ୍କମାନଙ୍କରୁ ଯଥେଷ୍ଟ ସାହାଯ୍ୟ ମିଳେ । ଅନେକ ସମୟରେ ସେହି ବ୍ୟାଙ୍କମାନେ ମଧ୍ୟ ଉକ୍ତ ମୂଳଧନର ଅନେକ ଅଂଶ କିଣି ନିଅନ୍ତି ଓ କାଳକ୍ରମେ ଅଳ୍ପ କଷ୍ଟ କମିଶନ ନେଇ ଉକ୍ତ ଅଂଶଗୁଡ଼ିକୁ ଅଳ୍ପେ ଅଳ୍ପେ ଦେଶର ଜନସାଧାରଣଙ୍କୁ ବିକିଦିଅନ୍ତି । ତେଣୁ ପୁଞ୍ଜିପତି ପକ୍ଷରେ କୌଣସି ନୂତନ ବ୍ୟବସାୟର ପ୍ରାଥମିକ ମୂଳଧନ ଉଠାଇବାରେ ମଧ୍ୟ ଯଥେଷ୍ଟ ସୁଯୋଗ ରହିଛି । ସେ କେବଳ ଘରେ ବସି ପାଣ୍ଠିର ସଂଘାତ ସୃଷ୍ଟି କରିପାରେ ।

ପୁଣି ପ୍ରୟୋଜନ ହେଲେ ପୁଞ୍ଜିପତି ତାର କାରଖାନାମାନଙ୍କର ଅଂଶପତ୍ର ମଧ୍ୟ ବିକ୍ରି କରି ବଜାରରୁ ଅର୍ଥ ସଂଗ୍ରହ କରିପାରେ । ଏ ଦେଶରେ ଅଳ୍ପ କିଛି କମିଶନ ପାଇ ବ୍ୟାଙ୍କମାନେ ମଧ୍ୟ ତାର ସହାୟତା କରନ୍ତି । ଯେଉଁମାନେ ଅଂଶପତ୍ର କିଣନ୍ତି, ସେମାନେ ଅବଶ୍ୟ ସୁଧ ପାଆନ୍ତି; କିନ୍ତୁ ଏମାନେ କମ୍ପାନୀର ସଭା ସମିତିରେ ଅଂଶୀଦାରମାନଙ୍କ ପରି ଭୋଟ ଦେଇପାରନ୍ତି ନାହିଁ ।

## —ଚୋରି—

ଖାଲି ସେତିକି ନୁହେଁ; ନିଜ କାରଖାନାରେ ପ୍ରସ୍ତୁତ ଜିନିଷ ବିକିବାରେ ପୁଞ୍ଜିପତିର ଯଥେଷ୍ଟ ସୁବିଧା ରହିଛି । ତାର ଜିନିଷ ମୋଟ ଦରରେ କିଣି ନେବାପାଇଁ ମୋଟଦରିଆ ବେପାରୀ ଅଛନ୍ତି । ତାର କାରଖାନାର ସମସ୍ତ ଜିନିଷ ସେ ଜଣେ ବା କେତେ ଜଣ ମୋଟ-ଦରିଆ ବେପାରୀଙ୍କୁ ଦେଇଦେଲେ ତାର କାମ ସରିଲା । ଏହି ମୋଟ-ଦରିଆ ବେପାରୀମାନେ ପୁଣି ଦଲାଲମାନଙ୍କ ସାହାଯ୍ୟରେ ଅନେକ ମୋଟଦରିଆ ଅର୍ଡର ସଂଗ୍ରହ କରନ୍ତି । ଦଲାଲମାନଙ୍କ ସମିତିରେ କୌଣସି ଜିନିଷ ତିଆର ହେବାର ବର୍ଷକ ଆଗରୁ ତାର ବିକି ସରିଥାଏ । ତେଣୁ କାରଖାନାର ମାଲିକର କାମ ହେଉଛି, ଜିନିଷ ତିଆର କରି ମୋଟା ବେପାରୀଙ୍କୁ ଧରାଇଦେବା । ଆଉ ମୋଟା ବେପାରୀମାନଙ୍କର କାମ ହେଉଛି, ଦଲାଲମାନଙ୍କ ସାହାଯ୍ୟରେ ଛୋଟ ଛୋଟ ମୋଟା ବେପାରୀଙ୍କୁ ଧରାଇଦେବା । ଦଲାଲମାନଙ୍କର କାମ ହେଉଛି ତାଙ୍କର ସମିତିରେ କେଉଁ ଜିନିଷ ତିଆରି ହେବା ଆଗରୁ ତାର ବଜାରଦର ସ୍ଥିର କରିବା । ସମାଜରେ ଏହିପରି କାମର ବହୁତ ଲୋକ ରହିଛି । କିନ୍ତୁ ତାହା ଫୁଲକୋବିୱାଲା କିମ୍ବା ରାସ୍ତାକଡ଼ର ପାନ ଦୋକାନର ସୁବିଧା ପାଇଁ ନୁହେଁ, କେବଳ ଟାଟା, ବିର୍ଲା ଆଦି ବଡ଼ ବଡ଼ ପୁଞ୍ଜିପତିଙ୍କ ସୁବିଧା ପାଇଁ ।

ପୁଣି, ପୁଞ୍ଜିପତି ଯେ ଗ୍ରାହକମାନଙ୍କ ରୁଚି ଅନୁସାରେ ଜିନିଷ ପ୍ରସ୍ତୁତ କରେ, ତା ନୁହେଁ । ଅବଶ୍ୟ ପୁଞ୍ଜିପତି ଚେଷ୍ଟା କରେ

ଗ୍ରାହକମାନେ ପସନ୍ଦ କରିବା ଭଳି ଜିନିଷ ତିଆରି କରିବାକୁ; ମାତ୍ର ଅଧିକାଂଶ ସମୟରେ ଗ୍ରାହକମାନେ ପୁଞ୍ଜିପତିଦ୍ୱାରା ପ୍ରସ୍ତୁତ ଜିନିଷ ଦେଖି ନିଜର ରୁଚି ସ୍ଥିର କରନ୍ତି ।

ଆମ୍ଭେମାନେ ଯେତେବେଳେ ଲୁଗା କିଣିବାକୁ ଯାଉଁ, ଆମ ଦୋକାନୀକୁ କହୁଁ, 'ଭଲ ଲୁଗା ଦେଖାଅ' । ସେ ଦେଖାଉଥିବା ଲୁଗା ମଧ୍ୟରୁ ଆମେ ପସନ୍ଦ କରୁଁ । ଅର୍ଥାତ୍ ଆମେ ଲୁଗା ଦୋକାନକୁ ଗଲାକ୍ଷଣି ପ୍ରକାରାନ୍ତରେ ପଚାରୁଁ, 'ପୁଞ୍ଜିପତି ମହାଶୟ ଆମ ସୁବିଧା ନିମନ୍ତେ କି କି ଲୁଗା ପଠାଇଛନ୍ତି ?' ତା ମଧ୍ୟରୁ ଆମର ରୁଚି ଆମେ ସ୍ଥିର କରୁଁ ।

ବସ୍ତୁତଃ ଆଜିକାଲି ଜଗତଟାଯାକ ପୁଞ୍ଜିପତିର । ପୁଞ୍ଜି ନ ଥିବା ଲୋକର ବ୍ୟବସାୟରେ ସ୍ଥାନ ନାହିଁ । ତେଣୁ ଆଜିକାଲିର ବ୍ୟବସାୟ ପଦ୍ଧତିକୁ ପୁଞ୍ଜିବାଦ କୁହାଯାଉଛି ।

## ତୃତୀୟ ପରିଚ୍ଛେଦ

## ପୁଞ୍ଜିବାଦର ଉପକାରିତା

—ଏକ—

ଏଠାରେ ପ୍ରଶ୍ନ ଉଠିପାରେ, ଏପରି ଭାବରେ ସମାଜରେ ବ୍ୟବସାୟ ଚଳିବାଦ୍ୱାରା କି ଉପକାର ହେଉଅଛି ? ଏହାର ଉତ୍ତର ଦେବାକୁ ହେଲେ ଟିକିଏ ଭାବିବାକୁ ପଡ଼େ ।

ପ୍ରଥମେ ଦେଖିବାକୁ ହେବ ଯେ, ଏପରି ବ୍ୟବସାୟର ସ୍ୱାଧୀନତା ଅନ୍ୟ କୌଣସି ପ୍ରକାରରେ ମିଳିବ ନାହିଁ । ବର୍ତ୍ତମାନ ଜଗତରେ ତୁମେ ଯଦି କେଉଁଠାରୁ କିଛି ପୁଞ୍ଜି ସଂଗ୍ରହ କରିପାରିବ, ତୁମେ ଯେ କୌଣସି ଜାତି, ଧର୍ମ ବା ସମ୍ପ୍ରଦାୟର ଲୋକ ହୁଅ ନା କାହିଁକି, ଅକ୍ଲେଶରେ ବ୍ୟବସାୟ-ରାଜ୍ୟରେ ପ୍ରବେଶ କରିବ । ଆଜିକାଲି ଜଗତରେ ସାଧାରଣ ବୁଦ୍ଧି ଥିବା ଲୋକ ଯଦି ସାଧୁଭାବରେ ଉଦ୍ୟମ କରେ, ସେ ମଧ୍ୟ ପୁଞ୍ଜିପତିର ସହାୟତା ନେଇ କାର୍ଯ୍ୟ କରିପାରିବ । ଟ୍ରକ୍, ଭଡ଼ା ଗାଡ଼ି ଗୋଟିଏ ସୁନିଶ୍ଚିତ ବ୍ୟବସାୟ ସହଜ ସ୍ଥିର କରିପାରିଲେ ବ୍ୟାବସାୟିକ ବ୍ୟାଙ୍କରୁ ମଧ୍ୟ ସାହାଯ୍ୟ ମିଳିବ ।

ସମାଜ ସୃଷ୍ଟି ହେଲେ ଅଂଶ ବିକ୍ରି ବାହାରୁ ମଧ୍ୟ ଆର୍ଥିକ ସାହାଯ୍ୟ ଆୟୋଜନ କରାହେବ । ଆମ ଦେଶରେ ଏ ଧରଣର ଏହାର ଦୃଷ୍ଟାନ୍ତ ଦେଖି ନାହିଁ । ତେବେ ଆର୍. ଏନ୍. ମୁଖର୍ଜି ଓ ଆଶୁତୋଷ ଦାସ ପ୍ରଭୃତି କେତେକ ବ୍ୟବସାୟୀ କାଳକ୍ରମେ ଏ ଦିଗରେ ଖୁବ୍ ଦକ୍ଷତା ଯେ ନ ଦେଖାଇଛନ୍ତି, ତାହା ନୁହେଁ । ମୋଟ ଉପରେ ବର୍ତ୍ତମାନ ଜଗତରେ ବ୍ୟବସାୟିକ ସ୍ୱାଧୀନତାର ଯଥେଷ୍ଟ ସୁଯୋଗ ଅଛି । ଏହା ଫଳରେ ବ୍ୟକ୍ତିଗତ ଉତ୍ସାହ, ସାହସ ଓ ବଳର ନିମନ୍ତେ ବ୍ୟବସାୟ-ରାଜ୍ୟରେ ଉନ୍ମୁକ୍ତ ହୋଇ ରହିଛି ।

ଅବଶ୍ୟ ଅନେକ କ୍ଷେତ୍ରରେ ପୁଞ୍ଜିପତିର ସୁଯୋଗ ବେଶି ଅଛି; ଅର୍ଥାତ୍ ପୁଞ୍ଜିପତି ଯେତେ ସୁବିଧାରେ କାର୍ଯ୍ୟ କରିପାରିବ, ମଧ୍ୟବିତ୍ତ ଲୋକ ତାହା କରିପାରିବ ନାହିଁ । ତଥାପି ଏକଥା ଅସ୍ୱୀକାର କରାଯିବ ନାହିଁ ଯେ, ଉତ୍ସାହ, ସାହସ ଓ ଶକ୍ତି ଥିବା ବ୍ୟକ୍ତି ଯଥାର୍ଥ ଚେଷ୍ଟା କଲେ ନିଜ ନିମନ୍ତେ ସୁଯୋଗ ଓ ସୁବିଧା ଖୋଜି ନେଇପାରିବ ।

ଏହିପରି ଦେଖାଯାଏ ଜଗତରେ ଯେତେ ଯେଉଁଠାରେ ସୁଯୋଗ ଅଛି, ପ୍ରତ୍ୟେକ ଲୋକ ତାହା ନିଜ ସ୍ୱାର୍ଥ ନିମନ୍ତେ ଖୋଜି ବୁଲୁଛି । ସ୍ୱାର୍ଥଠାରୁ ବଡ଼ ଜିନିଷ ଜଗତରେ ନାହିଁ । ପ୍ରତ୍ୟେକ ଲୋକ ନିଜ ସ୍ୱାର୍ଥ ସିଦ୍ଧି ନିମନ୍ତେ ଯେତେ ପରିଶ୍ରମ ଓ ଉଦ୍ୟମ କରିପାରେ, ଅନ୍ୟ କୌଣସିପାଇଁ ସେ ଏତେ ଶ୍ରମ ସ୍ୱୀକାର କରିବାକୁ ସାଧାରଣତଃ ରାଜି ହେବ ନାହିଁ । ଅତଏବ ବ୍ୟବସାୟ-ଜଗତର ବର୍ତ୍ତମାନ ଯୁଗରେ ପ୍ରଧାନ ପ୍ରେରଣା ଅଛି ପ୍ରତ୍ୟେକ ଲୋକର ବ୍ୟକ୍ତିଗତ ସ୍ୱାର୍ଥକୁ । ପ୍ରତ୍ୟେକ ଲୋକ ନିଜ ସ୍ୱାର୍ଥ ସିଦ୍ଧି କରିବାକୁ ଉଦ୍ୟମ କରିବାର ଅର୍ଥ ସମାଜର ସମଷ୍ଟେ ସମସ୍ତଙ୍କର ସ୍ୱାର୍ଥ ବୃଦ୍ଧି କରିବା । ଫଳରେ ଏହାଦ୍ୱାରା ସମାଜର ସମସ୍ତ ଇଚ୍ଛା, ଆକାଂକ୍ଷା ଓ ଅଭାବ ସୁବିଧାଜନକ ଉପାୟରେ ସିଦ୍ଧ ହୋଇଅଛି । ଏ ବିଶାଳ ବ୍ୟବସାୟ-ରାଜ୍ୟକୁ କେହି ଯଦି

କୃଷକ ନିଯୁକ୍ତିତ କରନ୍ତା ଓ ସମାଜର ଅନ୍ୟମାନେ ଯଦି ତାର ତଥା ମାଛ ଧରି ଖୋଳନ୍ତେ, ତେଲ ପେଡ଼ନ୍ତେ ବା ଲୁଗା ବୁଣନ୍ତେ, ତେବେ କାର୍ଯ୍ୟରେ ସେମାନଙ୍କର ଏତେ ଉଲ୍ଲାସନା ଅସନ୍ତା ନାହିଁ। ଲୋକେ ନିଜ ଇଚ୍ଛାରେ ନିଜ ସ୍ୱାର୍ଥ ପାଇଁ ଯେତେ ଶ୍ରମ ସ୍ୱୀକାର କରିବାକୁ ରାଜି ହେବେ, ଅନ୍ୟର ଇଙ୍ଗିତରେ ସମାଜର ସମୂହ କଲ୍ୟାଣ ପାଇଁ ଏତେ ଶ୍ରମ ସ୍ୱୀକାର କରିବା ସମ୍ଭବପର ହେବ ନାହିଁ।

ପ୍ରକୃତ ମନୁଷ୍ୟର ବ୍ୟବହାରଯୋଗ୍ୟ ଯେତେ ସାମଗ୍ରୀ ପୃଥିବୀରେ ସଞ୍ଚିତ ରହିଛି, ପ୍ରତ୍ୟେକ ଲୋକ ଉତ୍ପନ୍ନ ସାହାଯ୍ୟରେ ସେଗୁଡ଼ିକୁ ନିଜର ଲାଭ ଆଶାରେ ବ୍ୟବସାୟରେ ଲଗାଇବାକୁ ଚେଷ୍ଟା କରିବା ଦ୍ୱାରା ମୋଟ ଉପରେ ସବୁ ଜିନିଷ ମଣିଷର କାର୍ଯ୍ୟୋପଯୋଗୀ ହୋଇ ଉଠୁଛି। ମଣିଷର ଚେଷ୍ଟାରେ ପୃଥିବୀର କେଉଁ ଅଜଣା କୋଣରେ ଥିବା କୋଇଲା, କିରାସିନ, ଲୁହା ଆଦି ଜିନିଷ ଆସି ସହର ବଜାରରେ ସମାଜର ବ୍ୟବହାର ନିମନ୍ତେ ହାଜର ହେଉଛି। ଯେଉଁମାନେ ଏ ସବୁ ବ୍ୟବସାୟରେ ଲାଗିଛନ୍ତି, ସେମାନେ କେବଳ ନିଜର ଲାଭ ପାଇଁ। କିନ୍ତୁ ଫଳରେ ସମାଜର ସମସ୍ତ ଅଭାବ ଦୂର ହେଉଛି। ବହି ଦୋକାନୀ ବହି ବିକୁଛି ନିଜର ଲାଭ ପାଇଁ, ଗ୍ରନ୍ଥକାର ଗ୍ରନ୍ଥ ଲେଖୁଛି ନିଜର ଲାଭ ପାଇଁ, କିନ୍ତୁ ତା ଫଳରେ ତ ଘର ବା ପାଠକଙ୍କ ଲୋକର ପଢ଼ିବାର ତୃଷ୍ଣା ପୂର୍ଣ୍ଣ ହେଉଛି। ଚାଷୀ ଚାଷ କରୁଛି ନିଜର ଲାଭ ପାଇଁ; କିନ୍ତୁ ପ୍ରତ୍ୟେକ ଚାଷୀ ଏପରି କରିବାରେ ତ ପ୍ରତ୍ୟେକ ଜମିରେ ଚାଷ ହେଉଛି ଓ ପ୍ରତ୍ୟେକ ଲୋକର ଖାଦ୍ୟଲିପ୍ସା ଚରିତାର୍ଥ ହେଉଛି। ଯଦି ଚାଷୀ ନିଜର ଜୀବିକା ପାଇଁ ଚାଷ ନ କରି ସମାଜର ଇଙ୍ଗିତରେ ପରୋପକାର ନିମନ୍ତେ ଚାଷ କରନ୍ତା କିମ୍ବା ବହି ଦୋକାନୀ ଯଦି ବିନା ଲାଭରେ କେବଳ ସମାଜର ହିତ ପାଇଁ ବହି ବିକନ୍ତା, ତେବେ ବୁଝ ତ ସମାଜର ବ୍ୟବହାର ପାଇଁ ଏତେ ଫସଲ ଓ ଏତେ ବହି ମିଳନ୍ତା ନାହିଁ।

ବର୍ତ୍ତମାନ ଯୁଗରେ ପୁଞ୍ଜିପତି ଯେପରି ବ୍ୟବସାୟରୁ ଲାଭ ଉଠାଏ, କ୍ଷତି ହେଲେ ସେଇ ସହେ । ତା ଲାଗି ସମାଜ ଭ୍ରୂକ୍ଷେପ କରେ ନାହିଁ । ପ୍ରତ୍ୟେକ ବ୍ୟବସାୟରେ ହାନି ଓ ଲାଭ ନିହିତ ଅଛି । ଲାଭ ପାଇଁ ସମସ୍ତେ ବ୍ୟବସାୟ କରନ୍ତି, ସମାଜକୁ ଜିନିଷ ଯୋଗାଇବା ପାଇଁ ସୁନ୍ଦର ଅକ୍ଳାନ୍ତ ପରିଶ୍ରମ କରନ୍ତି; କିନ୍ତୁ ବ୍ୟବସାୟରେ କ୍ଷତି ହେଲେ ସମାଜ କଣ ତାଙ୍କୁ 'ଅଧା' ଦେବେ ? ମୋଟ ଉପରେ ସମାଜରେ ପ୍ରତ୍ୟେକ ଲୋକର ବ୍ୟବସାୟିକ ସ୍ୱାଧୀନତା ଥିବା ହେତୁରୁ ସେ କ୍ଷତି ସହିବାକୁ ପ୍ରସ୍ତୁତ ଥାଏ, ଲାଭ କେବଳ ସେହି ପାଏ । ଏପରି ବ୍ୟବସାୟ ନ ହୋଇ ଯଦି ସମାଜର ନିର୍ଦ୍ଦେଶନାମତେ ସମାଜର ଇଙ୍ଗିତରେ ବ୍ୟବସାୟ କରା ହେଉଥାନ୍ତା, ତାହେଲେ କ୍ଷତିବେଳେ କିଏ ପିଠିରେ ପଡନ୍ତା ?

•

ବର୍ତ୍ତମାନ ସମାଜ ଯେପରି କି ବ୍ୟବସାୟୀମାନଙ୍କୁ କହୁଛନ୍ତି, “ବାବା, ତୁମ୍ଭମାନେ ବ୍ୟବସାୟ କର, ଅନ୍ୟର ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ଜିନିଷ ଯୋଗାଅ, ଲାଭ ହେଲେ ତୁମର, କ୍ଷତି ହେଲେ ତୁମର । ତୁମର କ୍ଷତି ଲାଭ ବିଷୟରେ ଆମେ ମୁଣ୍ଡ ଖେଳାଉ ନାହିଁ ।” ସମାଜ ଏତିକି କହି ନିଶ୍ଚିନ୍ତ ରହେ । ବ୍ୟବସାୟୀ ଚାହିଁ ବସେ । ଆଜି ଦେଶରେ ଦୁର୍ଭିକ୍ଷ—ଚାଉଳ ନାହିଁ । ବ୍ୟବସାୟୀ ଦେଖିଲା ସେ ବଙ୍ଗଳାରୁ ଚାଉଳ ଆଣିପାରିଲେ ତାର ଯଥେଷ୍ଟ ଲାଭ ହେବ । ସେ ସୁନ୍ଦର ଧାଇଁ, ରେଳରେ ଡଙ୍ଗାରେ ଯାଇ, ଶଗଡ଼ରେ ଗାଁ ଗାଁ ବୁଲି, ବଙ୍ଗଳାର କୋଣ ଗାଁ ଗହଳରୁ ଧାନ ଚାଉଳ ଯୋଗାଡ଼ କଲା । କାହାକୁ ଲାଞ୍ଚ ଦେଇ, କାହାକୁ ମିଛ କହି, କେଉଁଠି ଆଦାଳତରେ ଅଟକି ରହି, ଖଣ୍ଡି ଖଣ୍ଡି ଚାଉଳ ଦଶ ଶଗଡ଼ ନେଇ ଆସିଲା । ସବୁ ଲାଭ ପାଇଁ । କିନ୍ତୁ କେବେ ନାସ୍ତିକରେ ଲୋକ ଉଠିଲେ, ଚାଉଳ ଆସି ପହଞ୍ଚିଲା ତ କିଣିନେଲେ ।

ଅବଶ୍ୟ ଅତିରିକ୍ତ ଲାଭ ନେବା ଦୋଷରେ ତାକୁ ଅନେକ ସମୟରେ ଚୋର, ଲୁଣ୍ଠନକାରୀ, ମୁନାଫାଖୋର ଆଦି ଗାଳି ଶୁଣିବାକୁ ପଡ଼େ । ତଥାପି ବିଶ୍ଳେଷଣ କରି ବୁଝିଲେ ଜଣାଯିବ ଯେ, ସେ ଦଣ୍ଡିଆ

ଅକ୍ଲାନ୍ତ ପରିଶ୍ରମ କରି ସମାଜ ନୈତିକ ହୋଇ ଶୋଭୁଥିବାବେଳେ ଧନଗର୍ବ ଥାଇ ଧନୀକ ଗଠାପସନ୍ଦଙ୍କର ଜୀବନ ଅତି ପଙ୍ଗୁ ।

ପକ୍ଷାନ୍ତରେ ଦେଖ, ଯେତେବେଳେ ସମାଜ ଜଣକୁ ଫସଲର ଉତ୍ପନ୍ନ କରାଯାଏ, ଅଧିକାଂଶ ସମୟରେ ଲୋକ ସମସ୍ତ ବାଢ଼ିବା ପରେ ତାହା ସ୍ବାମୀମାନଙ୍କୁ ମିଳେ । ସେତେବେଳେ ସ୍ବାମୀ ଅଧିକ ଦାମରେ ବେଚିଲେ ମଧ୍ୟ ବଜାରର ଦେଶାଚାରଠାରୁ ଅଧିକ କଣି ଗ୍ରାହକଙ୍କ ଚଳାଏ । ଏପରି ହେବା ଦ୍ବାରା ସୁବିଧା ଏହିକି ହୁଏ ଯେ, ସମାଜ ବା ଗ୍ରାହକର ଅଭ୍ୟନ୍ତରର କୌଣସି ମୂଲ୍ୟ ନାହିଁ । ଏହି ସମ୍ବନ୍ଧରେ ଯେ ପ୍ରସ୍ତୁତ, ସେଇ କେବଳ ଲାଭରେ ବିକ୍ରୀ ହୁଏ ।

ପୁନଶ୍ଚ ପୁଞ୍ଜିବାଦର ଆଉ ଏକ ସୁବିଧା ଯେ, ଟଙ୍କ ଟଙ୍କାଠାରୁ ବଡ଼ ବଡ଼—ତୁମ ଟଙ୍କା ମୂଳଧନର ପାନ ଦୋକାନଠାରୁ କୋଟି କୋଟି ମୂଳଧନର କଳ ଖୋଲାଯାଏ, ସବୁ ଧରଣର ବ୍ୟବସାୟ ଏଥିରେ ସମ୍ଭବ ।

ତୁମେ ଯେତିକି ଇଚ୍ଛା ସେତିକି ବ୍ୟବସାୟ କରିପାର । ତୁମେ ଏକାକୀ ଦୋକାନ ଖୋଲିଏ କରିପାର, ଦୁଇ ଜଣ ମିଶି କରିପାର, କମ୍ପାନୀଟିଏ ଗଢ଼ି କରିପାର କିମ୍ବା କେତେକ କମ୍ପାନୀ ଗଢ଼ି ସେଥିରେ ତୁମର କର୍ତ୍ତୃତ୍ବ ସୁରକ୍ଷିତ ରଖିପାର । ତୁମେ ସମବାୟ ବନ୍ଧନ କରିଥିଲେ କୋ-ଅପରେଟିଭ ବ୍ୟବସାୟ କରିପାର, ବଣିକସଂଘ ବା ଶ୍ରମିକସଂଘ-ଗଢ଼ି ଯେତେ ପ୍ରକାର ନୂଆ ଯୋଜନା କରିପାର—ସବୁ ତୁମର, ସବୁ ତୁମର । ସମାଜକୁ ଯେତେବେଳଯାଏ ତୁମେ ସେ ଦିଗରେ କ୍ଷତି ନ କରୁଛ, ସେତେବେଳଯାଏ କେହି ତୁମର ବ୍ୟବସାୟ ପଥରେ ବାଧା ଦେବ ନାହିଁ ।

ସରକାର ଯଦି ପୁଞ୍ଜିବାଦ ପଦ୍ଧତିରେ ବ୍ୟବସାୟ କରିବସନ୍ତି ( ଯଥା :—ସରକାରୀ ରେଳକମ୍ପାନୀ, ସରକାରୀ ଡାକ ବ୍ୟବସାୟ ) ତେବେ ମଧ୍ୟ ଏଥିରେ ବାଧା ନାହିଁ । ଅର୍ଥାତ୍ ପୁଞ୍ଜିବାଦ

ପଦ୍ଧତିରେ ପ୍ରଗତିର ପଥ ସବୁବେଳେ ଉନ୍ମୁକ୍ତ । ପକ୍ଷାନ୍ତରରେ ସମାଜ-ବାଦ ସମସ୍ତ ବ୍ୟବସାୟ-ବାଣିଜ୍ୟକୁ ନିୟନ୍ତ୍ରିତ କରନ୍ତା, ପ୍ରଗତିର ପଥ ଏତେ ସୁଗମ ହୁଅନ୍ତା ନାହିଁ, ଗୋଟିଏ ଯୋଜନା ଦେଇ ସମସ୍ତଙ୍କୁ ଚଳିବାକୁ ହୁଅନ୍ତା ।

## —ଦୁଇ—

ପୁଞ୍ଜିବାଦ ପଦ୍ଧତିରେ କଳକାରଖାନାର ଅବାଧ ବୃଦ୍ଧି ଫଳରେ ମନୁଷ୍ୟ ଓ କଳକାରଖାନା ମଧ୍ୟରେ ଶ୍ରମର ବିଭାଗ ହୋଇ ଢେର୍ ଶସ୍ତାରେ ଜିନିଷପତ୍ର ଉତ୍ପନ୍ନ ହୁଏ ।

ପ୍ରତ୍ୟେକ ଲୋକ, ପ୍ରତ୍ୟେକ କାରଖାନା ଯଥାସାଧ୍ୟ ଉଦ୍ୟମ କରନ୍ତି, ଯଦ୍ୱାରା ଅନ୍ୟଠାରୁ ଶସ୍ତାରେ ସେମାନେ ନୂଆ ନୂଆ ଧରଣର ଜିନିଷ ତିଆରି କରିପାରିବେ । ସବୁବେଳେ ନୂଆ ନୂଆ ଧରଣର ଉନ୍ନତ କଳକାରଖାନା ନିଯୁକ୍ତ କରି ସମାଜକୁ ଶସ୍ତା ଦରରେ ଜିନିଷ ଯେ ଯୋଗାଇପାରିବ, ତାହାରି ସବୁଠାରୁ ବେଶି ଲାଭ ହେବ । ମାଞ୍ଚେଷ୍ଟରରୁ କାରଖାନାମାନେ ଏ ଦେଶକୁ ଶସ୍ତା ଜିନିଷ ଯୋଗାଇ କପଡ଼ା ଲୁଟିବାକୁ ବସିଥିଲେ ଏହା ସମସ୍ତଙ୍କୁ ଜଣା ଥିବ । ବଜାରରେ ଗ୍ରାହକ ପାଇବାପାଇଁ ପୁଣି ପ୍ରତିଯୋଗିତା ନ ଥିଲେ, ଏତେ ଶସ୍ତାରେ ଜିନିଷ ମିଳନ୍ତା ନାହିଁ । ସବୁ ବ୍ୟବସାୟୀଙ୍କର ଭୟ, କାଳେ ତାଙ୍କ ଜିନିଷ ବଜାରରେ ନ କଟିବ, କାଳେ ତାଙ୍କଠାରୁ ଅଳ୍ପ ଶସ୍ତାରେ କିଏ ଜିନିଷ ଯୋଗାଇ ଦେଇ ବେଶି ଲାଭ ଉଠାଇନେବ । ବଜାରରେ ଏହିପରି ପ୍ରତିଯୋଗିତା ହେବା ଫଳରେ ସମାଜର ଲୋକମାନେ ଯେତେ ଶସ୍ତାରେ ଜିନିଷ ପାଇପାରିବା କଥା, ସେତେ ଶସ୍ତାରେ ପାଆନ୍ତି ।

ପକ୍ଷାନ୍ତରରେ ମଣିଷ ମଣିଷ ମଧ୍ୟରେ, ମଣିଷ ଓ କଳକାରଖାନା ମଧ୍ୟରେ ଶ୍ରମବିଭାଗ ହେବା ଦ୍ୱାରା ବ୍ୟବସାୟୀମାନେ ତାଙ୍କର ବ୍ୟୟସଙ୍କୋଚ କରି ଅଳ୍ପ ମୂଲ୍ୟରେ ଜିନିଷପତ୍ର ଉତ୍ପନ୍ନ କରିବାକୁ ମଧ୍ୟ ସମର୍ଥ ହୁଅନ୍ତି ।

ଏହା ସମସ୍ତଙ୍କୁ ଜଣା ଯେ, ଯେଉଁ ବ୍ୟବସାୟରେ ପୂର୍ଣ୍ଣ ପ୍ରତିଯୋଗିତା ଥାଏ, ସେଠାରେ ଜିନିଷପତ୍ର ଖୁବ୍ ଶସ୍ତାରେ ମିଳେ । ମଟରବାଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗିଲେ ମଟର ଭଡ଼ା ଶସ୍ତା ହୋଇଯିବାର ଅନୁଭୂତି ଓଡ଼ିଶାରେ ବହୁତ ଲୋକଙ୍କର ଥିବ । ମାତ୍ର ଧୀବର ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ଯେଉଁ ଦିନ ଲାଗିଯାଏ, ସେ ଦିନ ଦେଖିବ ବଜାରରେ ଖୁବ୍ ଶସ୍ତାରେ ମାଛ ମିଳେ । ତେଣୁ ବୁଝିବାକୁ ହେବ ଯେ, ମୁକ୍ତିବାଦ ପଦ୍ଧତିରେ ପୂର୍ଣ୍ଣ ପ୍ରତିଯୋଗିତା ସମ୍ଭବ ହେଉଥିବାରୁ ଜିନିଷପତ୍ର ଯେତେ ଶସ୍ତାରେ ମିଳିପାରେ ଅନ୍ୟ କୌଣସି ପଦ୍ଧତିରେ ଏତେ ଶସ୍ତାରେ ମିଳିବା ନାହିଁ ।

କପଡ଼ା କଲେ ଜିନିଷ ଶସ୍ତାରେ ମିଳିବ, ଏଥିପାଇଁ ମୁକ୍ତିପନ୍ଥୀମାନଙ୍କ ମଧ୍ୟରେ ସବୁବେଳେ ପ୍ରତିଯୋଗିତା ଓ ଚେଷ୍ଟା ଲାଗି ରହିଛି । ବଡ଼ ବଡ଼ କଳ କାରଖାନାମାନ ତିଆରି କରିବାର ଆବଶ୍ୟକତା ଏଇଠାରେ । ଖୁବ୍ ବଡ଼ କଳଟିଏ ଦଶ ଘଣ୍ଟା କାମ କଲେ ଯେତେ ଜିନିଷ ଉତ୍ପନ୍ନ କରିପାରିବ, ମଣିଷ ନିଜ ହାତରେ ବା ଛୋଟ କଳ ସାହାଯ୍ୟରେ ଏତେ ଶସ୍ତାରେ ଜିନିଷ ବେଳେବେଳେ ପ୍ରସ୍ତୁତ କରିପାରିବ ନାହିଁ । ତିନିକିମୂଳ କଳଗୁଳଠାରୁ ବେଳେବେଳେ ଶସ୍ତା ହୋଇପାରିବ ନାହିଁ ବା ହାତବୁଣା ଲୁଗା କଳଲୁଗାଠାରୁ ବେଳେବେଳେ ଶସ୍ତା ହୋଇପାରିବ ନାହିଁ । ମଣିଷର ହାତ କ୍ଳାନ୍ତ ହୋଇ ପଡ଼ିପାରେ, ମାତ୍ର କଳ ତ ଆଉ ଥକିବ ନାହିଁ । 'ଦାନ୍ତୁମନ୍ତୁ ଘୁମାନ୍ତୁ' ଯନ୍ତ୍ର ସେ ଦିନରାତି ଚାଲିଥିବ; କେବଳ ବନ୍ଦ କଲେ ବନ୍ଦ ହେବ ।

ପୁଣି କୋଇଲା-ଚାଳିତ କଳଠାରୁ ତେଲ-ଚାଳିତ କଳ ଶସ୍ତା । ତେଲ-ଚାଳିତ କଳଠାରୁ ବିଜୁଳି-ଚାଳିତ କଳ ଶସ୍ତା ଓ ତାଠାରୁ ଜଳବିଦ୍ୟୁତ୍ ଚାଳିତ କଳ ଅଧିକ ଶସ୍ତା ଜିନିଷ ଉତ୍ପନ୍ନ କରେ । ବ୍ୟବସାୟୀମାନେ ପ୍ରତିଯୋଗିତାମୂଳକ ବ୍ୟବସ୍ଥାରେ ସ୍ୱାଧୀନ ଭାବରେ କାର୍ଯ୍ୟ କରୁଥିବାରୁ ଯେଉଁ ବାଟରେ ଶସ୍ତା ଜିନିଷ ତିଆରି କରିହେବ,

ଆଗରୁ ସର୍ତ୍ତ କରାଇ ନଅନ୍ତି ଯେ ଦେଖ, ଅମୁକ ବଜାରର ଦରଦାମ ଏଇ ହେବ; ତେଣୁ ଲୋକେ ଜଣେ ପଡ଼ିବା ଆଗରୁ ସାବଧାନ ହୋଇଯାଆନ୍ତି । ଅଥବା କେଉଁ ଜିନିଷର ଦାମ ଦରଦାମକୁ ବଢ଼ିବ ବା କେଉଁ ଜିନିଷର ଦାମ ଦରଦାମକୁ କମିବ—ଦଲାଲମାନେ ଏ ବିଷୟରେ ଦେଶବାସୀଙ୍କୁ ଓ ଏମାନଙ୍କ ବ୍ୟବସାୟୀମାନଙ୍କୁ ସୂଚନା ଦିଅନ୍ତି । କୌଣସି ଜିନିଷର ଦାମ ବଢ଼ିବାର ଜାଣିଲେ ବ୍ୟବସାୟୀମାନେ ସେଥିରେ ବେଶୀ ଟଙ୍କା ଖଟାନ୍ତି, ଫଳରେ କାଳକ୍ରମେ କିନ୍ତୁ ଜିନିଷର ଦାମ ଯେତେ ବଢ଼ନ୍ତା ସେତେ ବଢ଼େ ନାହିଁ । ସେହିପରି କୌଣସି ଜିନିଷର ଦାମ କମିବାର ହେଲେ, ଠିକ୍ ଠିକ୍ ବ୍ୟବସାୟୀ ସେ କାରବାରକୁ ବାନ୍ଧିଯାଆନ୍ତି । ଫଳରେ ଜିନିଷର ଦାମ ଯେତେ- କମିବାର ଅଛି, ସେତେ କମେ ନାହିଁ ।

ଆଉ ଏକପ୍ରକାର ଦଲାଲ ଅଛନ୍ତି, ଯେଉଁମାନେ କି ଫସଲ- କଣାକଟାର ବନ୍ଦୋବସ୍ତ କରନ୍ତି । ମନେକର ଆମେରିକାରେ ଫୋର୍ଡ କମ୍ପାନୀର ଲକ୍ଷ ଲକ୍ଷ ଶ୍ରମିକଙ୍କୁ ବର୍ଷସାରା ଖାଦ୍ୟ ଯୋଗାଇବା ପାଇଁ ଜଣେ ଲୋକ ଠିକା ନେଲା; ଦର ମଧ୍ୟ ଆଗରୁ ଧାର୍ଯ୍ୟ ହୋଇଗଲା । ସେ ଭାବିଲା, ଯଦି ଏ ବର୍ଷ ମଧ୍ୟରେ ଦର କମିଯାଏ, ତେବେ ତ ମୁଁ ବର୍ଷସାରା ଅଧିକ ଲାଭ ଉଠାଇବି; କିନ୍ତୁ ଯଦି ଦର ବଢ଼ିଗଲା, ମୋର ତ ବହୁତ ନୁକସାନ ହେବ । ତେଣୁ ସେ ସବୁ ଦେଶର ଦଲାଲମାନଙ୍କୁ ଖବର ଦେଲା, ଯେଉଁ ଦେଶରେ ଏତେ- ଦାମରୁ କମରେ ଚାଉଳ ବା ଗହମ ମିଳିବ, ମୋତେ ଆଉ ବର୍ଷପାଇଁ- ଏତେ ଲକ୍ଷ ମହଣ କିଣାଇଦିଅ ।

ତେବେଣି ଦେଖ, ଜଣେ କାହା ବୁଦ୍ଧି ପ୍ରଭାବରେ ଚଳପ୍ରଚଳନ- ବ୍ୟବସ୍ଥା ହେବା ଫଳରେ ବହୁତ ବ୍ୟକ୍ତି କର ଦଶହଜାର ଏକର ଜମିରେ ଧାନ ଓ ଗହମ ଫସଲ କରନ୍ତି । ତାର ଖାଉଁଟି- ଲୁହି ସେ ଜାଣୁଛ, ଏତେ ଦରରୁ କମ ହେଲେ ତ ମୋତେ

ଯୋଗାଇବ ନାହିଁ, ମୁଁ କାହିଁକି ଉନ୍ନତି ଦେବି ? ସେ ମଜୁରମାନଙ୍କୁ ଖବର ଦେଲା, ଅସନ୍ତା ବର୍ଷ ଏତେ ଟଙ୍କାଠାରୁ ବେଶି ଦରରେ ଯଦି କେହି ଚାଉଳ ବା ଗହମ କିଣିବାକୁ ଚାହିଁବ, ତେବେ ମୋର ଏତେ ଲକ୍ଷ ମହଣ ଚାଉଳ ବା ଗହମ ଧରି କରାଯାଇ ଦେବାର ବ୍ୟବସ୍ଥା କରୁ ।

ବଣିକ ତାର ଅଫିସରେ ବସି ଦୁଇ ଅକ୍ଷର ଖବର ପାଇ, ପଞ୍ଜାବ ଲୋକର ଧାନ ଓ ଗହମ ଅମେରିକା ଲୋକଙ୍କୁ ଦର ଦେଲା; ନିଜସ୍ୱ ଦରରୁ କମିଶନ ପାଇଲା ।

ଏଥିରେ ସମାଜର କି ଉପକାର ହେଲା ? ପ୍ରଥମତଃ ପଞ୍ଜାବର କୃଷୀ ନିର୍ଦ୍ଦିଷ୍ଟ ମୂଲ୍ୟ ଅଭାବରେ ଫସଲରେ ଲାଗିଲା । ଏ ଅର୍ଥ ନ ପାଇଥିଲେ ସେ କୃଷି ତ ବୃଦ୍ଧି କରି ନ ଥାନ୍ତା । ଦ୍ୱିତୀୟରେ ଅମେରିକାର ଲୋକମାନଙ୍କର ଖାଦ୍ୟଶସ୍ୟ ଖାଇବାର ଦର ବର୍ଷକପାଇଁ ନିଶ୍ଚିତ ହୋଇଗଲା । ସେୟାର୍ ବଜାରର ମାଲିକମାନେ ସେ ଦରରେ ନିଶ୍ଚିନ୍ତ ରହିଲେ ଓ ଠିକାଦାର୍ ମଧ୍ୟ ନିଶ୍ଚିନ୍ତ ରହିଲା । ତୃତୀୟରେ ବର୍ଷ ଆଗରୁ ଏ ଦରଧାର୍ଯ୍ୟ କାର୍ଯ୍ୟ ମଜୁରମାନେ ଜାଣିଦେବାରୁ ହଠାତ୍ ଦର ବଢ଼ିଯାଇ ବା କମିଯାଇ ଦେଶରେ ଯେଉଁ ଅନିଶ୍ଚିତ ପରିସ୍ଥିତି ସୃଷ୍ଟି ହୁଏ ତାହା ଆଉ ଘଟିବାର ସୁଯୋଗ ରହିଲା ନାହିଁ । ଅବଶ୍ୟ ମଜୁରମାନେ ନିଜ ଲାଭପାଇଁ ପରିଶ୍ରମ କଲେ, କିନ୍ତୁ ସମାଜର ମଧ୍ୟ ଉପକାର ହେଲା ।

ବ୍ୟବସାୟରେ ବ୍ୟୟ ସଂକୋଚ କରିବାପାଇଁ ବ୍ୟବସାୟୀମାନେ ଏହିପରି ଅନେକ ପ୍ରକାର ପନ୍ଥା ଅନୁସରଣ କରନ୍ତି ।

କଳଦ୍ୱାରା କାମ କଲେ କାର୍ଯ୍ୟ ଶସ୍ତାରେ ହୁଏ ବୋଲି ତ ଆଗରୁ କୁହାଯାଇଛି । ଏବେ ପୁଣି ଛୋଟ କଳସବୁ କାଣ୍ଡାପର ଶସ୍ତାରେ ୭୫ ଟା, ସେଥି ନିମନ୍ତେ ସେହି କଳସବୁ ପୁଣି ବଡ଼ ବଡ଼ କଳ ସାହାଯ୍ୟରେ

ପ୍ରସ୍ତୁତ କରୁହେଉଛି । ଏହା ଫଳରେ କଳଗୁଡ଼ିକ ବି ଶସ୍ତାରେ ମିଳୁଛି; ତା ଛଡ଼ା ପ୍ରତ୍ୟେକଟି କଳଠାରୁ ହୋଇଥିବାରୁ ତାହାର ଆକାର, ପରିସର, ଓଜନ ଏପରିକି ଅଙ୍ଗ ପ୍ରତ୍ୟଙ୍ଗ, ଯେତ, କକଳା ପୁର୍ଜା ଠିକ୍ ଏକ ପ୍ରକାରର ହେଉଛି । ତେଣୁ ଯେଉଁଟିଏ ବି କଳର ଗୋଟିଏ ଅଙ୍ଗ ଭାଙ୍ଗିଗଲେ ବା ନଷ୍ଟ ହୋଇଗଲେ, ତାହା ବଦଳାଇବା ପାଇଁ ପୁଣି କଳ କିଣା ଯାଇଥିବା କମ୍ପାନୀକୁ ଲେଖିବାକୁ ପଡ଼ୁ ନାହିଁ । ବଜାରରେ ମିଳୁଥିବା ଯେ କୌଣସି କମ୍ପାନୀ ଠାରୁ ସେହିପରି ଯେଉଁଟିଏ, ବଡ଼୍କାଟିଏ କମ୍ପା କଳର ଅଙ୍ଗ ପ୍ରତ୍ୟଙ୍ଗଟିଏ କିଣି ଆଣିଲେ ତାହା ଭଗ୍ନ କଳର ଭଗ୍ନ ଭାଗରେ ଠିକ୍ ଫିଟ୍ ହୋଇଯାଉଛି; ସୁତରାଂ ହେଲେ ତାରତମ୍ୟ ହେବାର କୁ ନାହିଁ । କିନ୍ତୁ ତାରତମ୍ୟ ହେଉଥିଲେ, କଳକବ୍ଜା ଆଉ ଚଳନ୍ତା ନାହିଁ ଓ କାମ ଅନେକ ଦିନଯାଏ ବନ୍ଦ ହୋଇଯାନ୍ତା ।

ଏହାଦ୍ୱାରା ଅନ୍ୟ ଏକ ଲାଭ ହେଉଛି ଯେ, ଗୋଟିଏ କମ୍ପାନୀ ଯଦି କଳ ତିଆରି କଲା, ଆଉ ଗୋଟିଏ ଛୋଟ କମ୍ପାନୀ ବା କେତେଗୁଡ଼ିଏ ଛୋଟ ଛୋଟ କମ୍ପାନୀ ଭଗ୍ନ କଳର ଅଙ୍ଗ ପ୍ରତ୍ୟଙ୍ଗ ତିଆରି କରିବାରେ ଲାଗିଗଲେ । ଫଳରେ ଏ ଦିଗରେ ମଧ୍ୟ ନୂତନ ଉଦ୍ୟମର ଶ୍ରୀବୃଦ୍ଧି ହେଲା ଓ ତା ଫଳରେ ଶସ୍ତାରେ ଜିନିଷ ତିଆରି ହୋଇପାରୁଛି ।

ପୁଞ୍ଜିବାଦ ଯୁଗର ଆଉ ଗୋଟିଏ ଲକ୍ଷଣ ଯେ, ଯେଉଁଠାରେ ଗୋଟିଏ କାରଖାନା ଖୋଲାଯାଏ, ସେଠାରେ ଅନ୍ୟ କଳକାରଖାନା ସୁବିଧାରେ ହୋଇପାରେ ।

ଭାରତର ଅଧିକାଂଶ କଳକାରଖାନା କଲିକତା, ବମ୍ବାଇ, ଦିଲ୍ଲୀ, କାନପୁର, ଜାମସେଦପୁର ସହରରେ ଅବସ୍ଥିତ । କାହିଁକି ଏହି ସହରମାନଙ୍କରେ କଳକାରଖାନା ବେଶି ହୋଇଛି ଓ ଅନ୍ୟ ସ୍ଥାନମାନଙ୍କରେ କମ୍ ଅଛି, ଏହାର ବିଶେଷ କାରଣ ଅଛି ।

ସେହି ସ୍ଥାନମାନଙ୍କରେ କଞ୍ଚାମାଲ ଓ ଶକ୍ତି ଏକା ଜାଗାରେ ମିଳେ, ସେଠାରେ ସୁବିଧାରେ କାରଖାନା ହୋଇପାରେ । ଅଧିକାଂଶ କଳ କୋଇଲାରେ ଚାଲେ । କୋଇଲା ଭାରି ପଦାର୍ଥ । ତାକୁ ବୋହି ନେବାପାଇଁ ବହୁତ ଖର୍ଚ୍ଚ ଲାଗେ । କୋଇଲାଖଣି ଠାରୁ ବହୁ ଦୂରରେ କଳକାରଖାନା କଲେ ଖର୍ଚ୍ଚା ବଢ଼ିଯିବ ଓ ତାହାହେଲେ ଜିନିଷର ଦାମ ବଢ଼ିଯିବ । ସେହିପରି କଞ୍ଚାମାଲଠାରୁ ଦୂରରେ କାରଖାନା କଲେ କଞ୍ଚାମାଲ ସବୁକୁ ବୋହିବାର ଖର୍ଚ୍ଚ ମଧ୍ୟ ବଢ଼ିଯିବ । ତେଣୁ ଏପରି ଜାଗାରେ ବ୍ୟବସାୟ ହୁଏ, ଯେଉଁଠାରେ ଉଭୟର ସୁବିଧା ହେବ । ଯାମସେଦପୁରର ଲୁହା କାରଖାନା ସେହି ଦୃଷ୍ଟିରୁ ଲୁହାଖଣି ଓ କୋଇଲାଖଣିର ନିକଟରେ ଅବସ୍ଥିତ ।

କଲିକତାର ଛୋଟ କାରଖାନା ମଧ୍ୟ ଛୋଟ ଅଞ୍ଚଳର ମଧ୍ୟରେ । କୋଇଲା କଲିକତାକୁ ଆସିବାକୁ ବେଶୀ ଖର୍ଚ୍ଚ ପଡ଼େ ନାହିଁ ।

ଲୁଗାକଳ ଅଧିକାଂଶ ବମ୍ବାଇରେ । କାରଣ ବମ୍ବାଇ ନିକଟରେ ତୁଳା ବେଶି ହୁଏ ଓ କଳ ବିଦ୍ୟୁତଶକ୍ତି ସେଠାରେ ଶସ୍ତା । ଦକ୍ଷିଣ ଆଫ୍ରିକା ଓ ଭାରତରୁ ସେଠାକୁ ସହଜରେ କୋଇଲା ଆସେ । କୋଇଲା ଜାହାଜରେ ଆସିବାକୁ ବେଶି ଭଡ଼ା ଲାଗେ ନାହିଁ । କାରଣ ଜାହାଜର ମାଲିକମାନେ ଜାହାଜ ତଳେ କେତେକ ଓଜନ ଜିନିଷ ନ ଥିଲେ ଜାହାଜଟା ମଙ୍ଗ ପର୍ଯ୍ୟନ୍ତ ଠିକ୍ ରହିବ ନାହିଁ ଓ ତାହା ନୋହିଲେ ଚଳିବା ସମୁଦ୍ରରେ ଅଧିକ ହଲିବ । କୋଇଲା ଏହିପରି ଅତ୍ୟାବଶ୍ୟକ କାରଣରେ ଜାହାଜରେ ବୋଝାଇ ହେଉଥିବାରୁ ସେଥିପାଇଁ ଭଡ଼ା କମ୍ ଲାଗେ ।

ବାଉଁଶ ନିକଟରେ ମିଳିବା ହେତୁ ଆମ ଓଡ଼ିଶାର ସମ୍ବଲପୁରରେ କାଗଜ କଳ ସୁବିଧାରେ ହୋଇପାରିବ ।

ଗୋଟିଏ ଜାଗାରେ ଉପର୍ଯ୍ୟୁକ୍ତ କୌଣସି କାରଣରୁ ଗୋଟିଏ ବଡ଼ ଧରଣର କାରଖାନା ବସିଲେ, ଅନ୍ୟ ଛୋଟ ଛୋଟ କାରଖାନା ବା ସୁବିଧାରେ ହୋଇଯାଏ । କାରଣ, ବଡ଼ କାରଖାନା ଯେଉଁ ଜିନିଷଗୁଡ଼ିକ ଛାଡ଼ିଦିଏ, ସେଗୁଡ଼ିକୁ କାମରେ ଲଗାଇ ସାନ କାରଖାନାଟିଏ ଚଳିପାରେ । ପୁଣି ଯେଉଁଠାରେ ବଡ଼ କାରଖାନାଟିଏ ଥାଏ, ସେଠାରେ କୁଲି ମିଳିବାରେ କଷ୍ଟ ପଡ଼େ ନାହିଁ, କାରଣ ଗାଁ ଗହଳରୁ ଅନେକ ଲୋକ ସେଠାକୁ କାମ ପାଇଁ ଯାଆନ୍ତି । ବିଶେଷଜ୍ଞମାନଙ୍କର ମଧ୍ୟ ଅଭାବ ସେଠି ହୁଏ ନାହିଁ । ବଡ଼ କାରଖାନାର ବିଶେଷଜ୍ଞମାନଙ୍କଠାରୁ ମଧ୍ୟ ଛୋଟ କାରଖାନାର ମାଲିକ ଅଳ୍ପ ବ୍ୟୟରେ ପସ୍ପର ବୁଝି କାମ କରିପାରେ । ପୁଣି ବଡ଼ କାରଖାନାର ପ୍ରୟୋଜନୀୟ ଜିନିଷ ଯୋଗାଇବାପାଇଁ ମଧ୍ୟ କେତୋଟି ଛୋଟ କାରଖାନା ଚଳିପାରେ ।

ଏହିସବୁ କାରଣରୁ ବଡ଼ ବଡ଼ ସହରମାନ କ୍ରମେ କ୍ରମେ କଳକାରଖାନାରେ ଭରି ଉଠେ । ଏ ସବୁର ବଳୁ ଉଦ୍ଦେଶ୍ୟ ଏକ — ସମାଜକୁ ଯେତେଦୂର ସମ୍ଭବ ଶସ୍ତାରେ ଜିନିଷ ଯୋଗାଇବା ।

ବଡ଼ ବଡ଼ କାରଖାନାମାନଙ୍କରେ ଆଜିକାଲି ଶ୍ରମବିଭାଗର ପଦ୍ଧତି ଏତେ ଉନ୍ନତ ହେଲାଣି ଯେ, କୁଲିମାନେ କୋଉଠାରୁ କେଉଁ ଅଙ୍ଗ କେଉଁ ଅଙ୍ଗକୁ କେତେ ଜୋରରେ କେତେ ଦୂରପର୍ଯ୍ୟନ୍ତ ଚଳାଇବେ, ସେଗୁଡ଼ିକ ମଧ୍ୟ ଆଗରୁ ବିଶେଷଜ୍ଞମାନେ ସ୍ଥିର କରନ୍ତି । ଯେପରି କଲେ ସବୁଠାରୁ ଶୀଘ୍ର ଓ ଅଳ୍ପ ପରିଶ୍ରମରେ କାମ ହୋଇପାରିବ, ତାହା ଆଗରୁ ସ୍ଥିର ହୋଇ ପ୍ରତ୍ୟେକ କର୍ମୀର କାର୍ଡରେ ଲେଖା ହୋଇ ରହିଥାଏ । ଶ୍ରମିକର କେବଳ ସେତିକି କରିବାର କଥା । ଆମେରିକାରେ ଏହାକୁ ବୈଜ୍ଞାନିକ ପରିଚାଳନା ବୋଲି କହନ୍ତି । ଏହାର ଉଦ୍ଦେଶ୍ୟ ମଧ୍ୟ ସେହି ଏକ — ଶସ୍ତାରେ ଜିନିଷ ଯୋଗାଇବା ।

ପୁଞ୍ଜିବାଦସଙ୍କଟ ଦେଶଙ୍କରେ ବସ୍ତୁତ କିଛି କହିବାକୁ ଥିଲେହେଁ ଉପରୋକ୍ତ ଲକ୍ଷଣମାନ ଭଲଭାବରେ ଲକ୍ଷ୍ୟ କଲେ ବୁଝାଯିବ ଯେ, ଏହା ବହୁ ପୂର୍ବ ଧନ ସମାଜର ବହିର୍ମୁଖୀ ରୂପକାର ଫଳ ଅଟଇ । ବିଗତ ବିଂଶ ଶତାବ୍ଦୀ ଧରି ପୁଞ୍ଜିବାଦ ଦେଶଙ୍କରେ ଯେଉଁ ସବୁ ଗୁରୁତ୍ୱ ସାମାଜିକ ଆନ୍ଦୋଳନ ଘଟି ଆସୁଛି, ସେ ସବୁର କାରଣ ଓ ପରିଣତି ବିଷୟ ପରବର୍ତ୍ତୀ ଅଧ୍ୟାୟଠାରୁ ଆଲୋଚନା କରାଯାଉ !

## ଚତୁର୍ଥ ପରିଚ୍ଛେଦ

# ପୁଞ୍ଜିବାଦର ଅପକାରିତା ଓ ତାର ପ୍ରତିକାର

—ଏକ—

ଯେତେ ଦିନ ପର୍ଯ୍ୟନ୍ତ ପୁଞ୍ଜିବାଦ [illegible] ପୂର୍ଣ୍ଣ ପ୍ରତିଯୋଗିତାମୂଳକ ଥିଲା, ସେତେବେଳଯାଏ ଏହାଦ୍ୱାରା ସମାଜର ପୂର୍ଣ୍ଣ କଲ୍ୟାଣ ହେଉଥିଲା । ପ୍ରତିଯୋଗିତା ବଜାରରେ ବ୍ୟବସାୟୀମାନେ ଯେତେ ଶସ୍ତାରେ ପାରୁଥିଲେ ଜିନିଷପତ୍ର ବିକ୍ରି କରୁଥିଲେ; କାରଣ ସେମାନେ ତାହା ନ କଲେ ଅନ୍ୟମାନେ ତାଙ୍କଠାରୁ ଶସ୍ତାରେ ବିକ୍ରି କରିଦେଇ ମାରିଦେବେ ଓ ତାଙ୍କ ଜିନିଷ ଅଚଳା ପଡ଼ିବ । ଶସ୍ତାରେ ଜିନିଷ ମିଳିଲେ ତ ସମାଜରେ ତାଙ୍କ ଜିନିଷ କେହି ନେବେ ନାହିଁ; ତେଣୁ ସମସ୍ତେ ଯେତେ ଦୂର ସମ୍ଭବ ବ୍ୟୟ ସଂକୋଚ କରି ଯେତେ ଶସ୍ତାରେ ପାରନ୍ତି ବିକ୍ରି କରୁଥିଲେ ।

ଫଳରେ ପୁଞ୍ଜିବାଦର ପ୍ରତିଯୋଗିତାମୂଳକ ଯୁଗରେ ଜିନିଷପତ୍ରର ଦର ବଢ଼ିବା ଦୂରେ ଥାଉ, ସେଥିରୁ ଉପରେ ବେପାରୀମାନେ ନିଜର ଅଳ୍ପ ଲାଭ ରଖି ବିକ୍ରି କରୁଥିଲେ । କିନ୍ତୁ କଳକାରଖାନା ଯୁଗରେ ତାହା ବହୁ ପରିମାଣରେ ଓଲଟିଗଲା । ଗୋଟିଏ କାରଖାନା ଖୋଲିବାକୁ ଏତେ ପୁଞ୍ଜିର ପ୍ରୟୋଜନ ହେଲା ଯେ, ସମସ୍ତଙ୍କ ପକ୍ଷରେ କାରଖାନା

ଖୋଲିବା ସମ୍ଭବ ହେଉ ନାହିଁ । ଏପରି ହେଲେ ହେଁ ଦେଖାଯାଏ ଯେ ବିଭିନ୍ନ ବ୍ୟବସାୟକୁ ଗୋଟିଏ ବା ଦୁଇଟି କମ୍ପାନୀ ଏକଚାଟିଆ କରିନେଇଛନ୍ତି । ରେଳ, ଇଞ୍ଜିନିୟରିଂ ଉତ୍ପାଦ ବ୍ୟବସାୟରେ ତ ଏହି ଏକଚାଟିଆ ବାଣିଜ୍ୟ ସୁଲଭରେ ହୋଇଉଠେ । କାରଣ ଦୁଇଟା ରେଳ କମ୍ପାନୀ କୌଣସି ଏକ ଜାଗାରେ ଦୁଇଟା ଲାଇନ ପକାଇବା ଲାଭପ୍ରଦ ହେବ ନାହିଁ କିମ୍ବା ଦୁଇଟା ବଡ଼ବଡ଼ କମ୍ପାନୀ ଏକ ସହରରେ ପ୍ରତିଯୋଗିତା କରି ଦୁଇ ଧାଡ଼ି ତାର ଖୁଣ୍ଟ ଆଦି ବସାଇ ପାରିବେ ନାହିଁ ।

ଯେଉଁଠାରେ ଏକଚାଟିଆ ବାଣିଜ୍ୟ ବ୍ୟବସାୟ ହୋଇଉଠିଛି, ସେଠାରେ ଆଉ ପ୍ରତିଯୋଗିତା ରହୁ ନାହିଁ । ପ୍ରତିଯୋଗିତା ନ ଥିବା ସ୍ଥଳେ ଏକଚାଟିଆ ବ୍ୟବସାୟୀ ତାର ଜିନିଷକୁ ମନଇଚ୍ଛା ଦାମରେ ବିକିବାକୁ ଲାଗିଲା । ଲୋକଙ୍କର ଅନ୍ୟ ଉପାୟ ନ ଥିବାରୁ ସେମାନେ ତାହାଠାରୁ ଜିନିଷ ବା ସେବା କିଣିବାକୁ ବାଧ୍ୟ ହେଲେ । ଫଳରେ ସମାଜର ଉପକାର ହେବା ପରିବର୍ତ୍ତେ ଅପକାର ହେଲା ।

କୌଣସି କୌଣସି ସ୍ଥାନରେ ଦେଖାଯାଏ ଯେ, ଏକଚାଟିଆ ବାଣିଜ୍ୟ ନ ଥିଲେ ମଧ୍ୟ, ଗୋଟିଏ ଗୋଟିଏ ବ୍ୟବସାୟରେ କେବଳ ଦୁଇ ବା ତିନୋଟି ବଡ଼ ବଡ଼ କମ୍ପାନୀ କାର୍ଯ୍ୟ କରୁଅଛନ୍ତି । ସେ ଦୁଇ ତିନୋଟି ଏକାଠେଇଁ ସମ୍ମିଳିତ କରି ଏକା ଦର ଧାର୍ଯ୍ୟ କରିଦେଲେ । ସେଥି ଦରରେ ଲୋକମାନେ ଜିନିଷ କିଣିବାକୁ ବାଧ୍ୟ ହେଲେ । ଆମ ଦେଶରେ ମଟର ଆସୋସିଏସନ ଯେଉଁଠି ଅଛି, ସେଠାରେ ଦେଖାଯାଏ, ଯେଉଁ ବସ୍‌ରେ ଗଲେ ମଧ୍ୟ ଭଡ଼ା ଏକ । ପୁଣି ଆସୋସିଏସନ ଭାଙ୍ଗିଗଲେ ମଟର ମାଲିକମାନଙ୍କ ମଧ୍ୟରେ ପ୍ରତିଯୋଗିତା ଫଳରେ ମଟର ଭଡ଼ା ଶସ୍ତା ହୋଇଯାଏ ।

ଅବଶ୍ୟ ଏକଚାଟିଆ ବ୍ୟବସାୟ ହେଲେ ଯେ ଦର ନିଶ୍ଚୟ ବଢ଼ି ବେଶି ହୋଇଯିବ, ତାହା ଭାବିବା ଠିକ୍ ନୁହେଁ । କାରଣ ଜିନିଷର ଦର

କମ ହେଲେ ଲୋକେ ବେଶୀ କିଣିବେ ଓ ବେଶୀ ହେଲେ ଲୋକେ କମ୍ କିଣିବେ, ଏ କଥାର ଉପର ବ୍ୟବସାୟୀ ଦର ଧାର୍ଯ୍ୟ କରେ ।

ଅବଶ୍ୟ କେତେଗୁଡ଼ିଏ ଜିନିଷ ଅଛି ଯାହାର ଦର ବେଶୀ ହେଲେ ଲୋକେ ଯେତିକି କିଣିବେ, କମ୍ ହେଲେ ମଧ୍ୟ ସେତିକି କିଣିବେ । ଯେଉଁ ଜିନିଷ ଲୋକଙ୍କର ନିତ୍ୟ ବ୍ୟବହାର୍ଯ୍ୟ ବା ଯେଉଁ ସ୍ଥାନରେ ଯେଉଁ ଜିନିଷର ଅଭାବ ବେଶୀ, ସେହି ଜିନିଷର ଦାମ୍ କମ ବେଶୀ ହେଲେ କିଣାବିକାରେ ସେତେ କମ ବେଶୀ ହେବ ନାହିଁ । ମନେ କର ଲୁଣ । ଖୁବ୍ ଶସ୍ତା ହେଲେ ଲୋକେ ବେଶୀ ଗୁଡ଼ାଏ ଲୁଣ ଖାଇ ପକାଇବେ ନାହିଁ କିମ୍ବା ଖୁବ୍ ମହର୍ଘ ହେଲେ ମଧ୍ୟ ସେମାନେ ଲୁଣ ଖର୍ଚ୍ଚ କମାଇପାରିବେ ନାହିଁ । ସେହିପରି ଆମ ଦେଶରେ ଚାଉଳ, ପାନଗୁଆ, ଲୁଗା ଇତ୍ୟାଦି ।

ମାତ୍ର ଆଉ କେତେକ ଜିନିଷ ଅଛି, ଯାହାକୁ ଶସ୍ତା ହେଲେ ଲୋକେ ବେଶୀ ବ୍ୟବହାର କରିବେ ଓ ମହର୍ଘ ହେଲେ ଖୁବ୍ କମ୍ ବ୍ୟବହାର କରିବେ ଯଥା:—ବାସନା ତେଲ । ମନେ କର ବାସନା ତେଲ ଶିଶିକ ଟଙ୍କାଟିଏ ହେଲେ ହଜାରେ ଜଣ କିଣିବେ ଓ ଆଠଅଣା ହେଲେ ଦଶହଜାର ଜଣ କିଣିବେ । ଯଦି ଶିଶିକେ ତାର ସାତ ଅଣା ଖର୍ଚ୍ଚ ପଡ଼େ, ତେବେ ଆଠଅଣା ରଖିଲେ ବ୍ୟବସାୟୀର ଯେତେ ଲାଭ ହେବ, ଟଙ୍କାକରେ ରଖିଲେ ତାର ମୋଟ ଉପରେ ଊଣା ଲାଭ ହେବ । ତେଣୁ ସେ ଶିଶିକୁ ଟଙ୍କାକରେ ନ ରଖି ଆଠ ଅଣାରେ ରଖିବ ।

ଏ ଦର କିଏ ତ ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବ୍ୟବସାୟରେ ମିଳିବା କଷ୍ଟ ହୁଅନ୍ତା; କାରଣ ଏକଚାଟିଆ ବେପାରୀ ଖୁବ୍ ବଡ଼ ଧରଣରେ ବ୍ୟବସାୟ କରିବାରୁ ଯେତେ ଶସ୍ତାରେ ଜିନିଷ ଉତ୍ପନ୍ନ କରିବ, ଛୋଟିଆ ଛୋଟିଆ ବେପାରୀ ସେତେ ଶସ୍ତାରେ ଜିନିଷ ଉତ୍ପନ୍ନ କରିପାରିବେ ନାହିଁ ।

ମାତ୍ର ସବୁ ବ୍ୟବସାୟରେ ତ ଏପରି ହେବ ନାହିଁ । ଅଧିକାଂଶ ବ୍ୟବସାୟରେ ଏକଚାଟିଆ ବ୍ୟବସାୟୀ ଅଳ୍ପ ଦରରେ ଜିନିଷ ଦେଇ

ସମାଜକୁ କ୍ଷତିଗ୍ରସ୍ତ କରିପାରେ । ପୁଣି କୌଣସି ବ୍ୟବସାୟରେ ଏକଚାଟିଆ ବ୍ୟବସାୟୀର ଆବିର୍ଭାବ ହେଲେ ସେଥିରେ ପୁଣି ପ୍ରତିଯୋଗିତା ଆରମ୍ଭ ହେବା ପ୍ରାୟ ସମ୍ଭବ ହୁଏନି । ପୁନଶ୍ଚ କୌଣସି ପ୍ରତିଯୋଗୀ ନୂତନ ବ୍ୟବସାୟରେ ପଶିଲେ ଏକଚାଟିଆ ବ୍ୟବସାୟୀ କିଛି ଦିନ ଖୁବ୍ ଶସ୍ତାରେ ଜିନିଷ ବିକି ତାର ପ୍ରତିଦ୍ୱନ୍ଦ୍ୱୀକୁ ଆର୍ଥିକ କ୍ଷତିଗ୍ରସ୍ତ କରିଦେଇପାରେ । ଏଥିରେ ନିଜର କିଛି ଲୋକସାନ ହେଲେ ମଧ୍ୟ ଭବିଷ୍ୟତରେ ଲାଭ ଉଠାଇବା ଆଶାରେ ସେ ଭ୍ରୂକ୍ଷେପ ନ କରିପାରେ । ପ୍ରତିଯୋଗୀ ବ୍ୟବସାୟୀ ସର୍ବସ୍ୱାନ୍ତ ହୋଇ ବାହାରିଗଲେ ଏକଚାଟିଆ ବଣିକ ପୁଣି ଜିନିଷର ଦାମ ଅଧିକ ବଢ଼ାଇଦିଏ ।

ସମାଜକୁ ଏକଚାଟିଆ ବାଣିଜ୍ୟର ଦାଉରୁ ରକ୍ଷା କରିବା ପାଇଁ ଅନେକ ପ୍ରକାର ଚେଷ୍ଟା କରାଯାଇଅଛି; କିନ୍ତୁ ସବୁଥିରେ ଫଳ ମିଳି ନାହିଁ ।

ଆମେରିକାରେ ତେଲ କମ୍ପାନୀମାନଙ୍କର ଏକଚାଟିଆ ବେପାର ଉପରେ ବହୁତ ଆଇନ କରାଗଲା; ଏମିତି ସହଯୋଗମୂଳକ ଏକଚାଟିଆ ବ୍ୟବସାୟ ବେଆଇନ ବୋଲି ଘୋଷଣା କରାଗଲା; କିନ୍ତୁ ବ୍ୟବସାୟୀମାନେ ଏଭଳି କୌଶଳ କଲେ ଯେ, ଆଇନର ଫଳ କିଛି ହେଲା ନାହିଁ । ଜର୍ମାନୀରେ ସରକାର ପକ୍ଷରୁ ଏ ସବୁ ଜିନିଷର ଦର ଧାର୍ଯ୍ୟ କରାଗଲା ଓ ସରକାରର କର୍ମଚାରୀମାନଙ୍କୁ ଉକ୍ତ ବ୍ୟବସାୟୀମାନଙ୍କର କାଗଜପତ୍ର ତଦାରଖ କରିବାର ଅଧିକାର ଦିଆଗଲା । ତଥାପି କୌଣସି ଜାଗାରେ ଏକଚାଟିଆ ବାଣିଜ୍ୟର ଅପକାର ପୂର୍ଣ୍ଣ ନିବାରଣ କରିହେଲା ନାହିଁ ।

ଆମ ଦେଶରେ ମଟର ଭଡ଼ା, ରେଳ ଭଡ଼ା ପ୍ରଭୃତିରେ ଓ ଅବଶ୍ୟକ ଦ୍ରବ୍ୟର ଦରଦାମ ସ୍ଥିର କରିବାରେ ଜ ସରକାରଙ୍କର ତତ୍ତ୍ୱାବଧାନ ଆଗରୁ ନିଶ୍ଚିତ ହୋଇଥିଲା । ତା ଛଡ଼ା ମୁକ୍ତ ବଜାରରେ ପ୍ରତ୍ୟେକ ଜିନିଷର ଦର ଧାର୍ଯ୍ୟ କରିବା ଅତ୍ୟନ୍ତ

ପ୍ରୟୋଜନୀୟ ହୋଇପଡ଼ୁଛି । କାରଣ, ଯୁଦ୍ଧ ବଜାରରେ ଜିନିଷ ଦର ମିଳୁଥିବାରୁ ଯେ କିଛି ଜିନିଷ ଉଠାଇ ରଖି ବା ଲୁଚାଇ ପାରିଲା, ସେ ନିଜ ଅଞ୍ଚଳରେ ଏକରକମ ଏକଚାଟିଆ ବ୍ୟବସାୟୀ ହୋଇଯାଉଛି । କିନ୍ତୁ ଏହି ଦର ଧାର୍ଯ୍ୟ କରି ଦେଲା । ବ୍ୟବସାୟୀମାନଙ୍କର କାଗଜପତ୍ର ଯାଞ୍ଚ କରି ଲୁଚା ମୁନାଫାଖୋରମାନଙ୍କୁ ନିବାରଣ କରିହେଉ ନାହିଁ ।

ତେଣୁ ସମାଜ ବା ସରକାର ଅନେକ ସମୟରେ ନିଜ ହାତକୁ କେତେକ ବ୍ୟବସାୟ ନେଇ ନିଏ । ଆମ ଦେଶରେ ଡାକବିଭାଗ ମୂଳରୁ ସରକାରଙ୍କ ନିଜର ବ୍ୟବସାୟ ରୂପରେ ଚାଲି ଆସୁଅଛି । ଗୋଲାବାରୁଦ ଆଦି ସମାଜର ନିରାପତ୍ତା ଦୃଷ୍ଟିରୁ ଆମ ଦେଶର ସରକାର ସବୁବେଳେ ନିଜେ ଚଳାଉଛନ୍ତି । ସମୟ ସମୟରେ ସରକାର ନିଜେ ଲୁଣ, ଅଫିମ, ଗଞ୍ଜେଇ ଓ ମଦ୍ୟର ବ୍ୟବସାୟ ସ୍ୱତନ୍ତ୍ର ଭାବରେ କରନ୍ତି । ସ୍ଥଳେ ସ୍ଥଳେ ମଧ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ଅନ୍ୟ ଠିକାଦାରଦ୍ୱାରା ଉକ୍ତ ବ୍ୟବସାୟ ଚାଳିତ ହୁଏ ଓ ସରକାରଙ୍କ ନିର୍ଦ୍ଧାରିତ ଦରରେ ବିକ୍ରି ହୁଏ । ସେହିପରି ବିଜୁଳିବତୀ କାରଖାନାମାନ ଅନେକ ସହରରେ ସରକାରଙ୍କ ତତ୍ତ୍ୱାବଧାନରେ କମ୍ପାନୀମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ । ଏବେ ପ୍ରାୟ ଆମ ଦେଶର ସମସ୍ତ ରେଳବାଇ କମ୍ପାନୀ ସରକାର ନିଜ ହାତକୁ ନେଇ ସାରିଲେଣି ।

ସମାଜ ବା ସରକାର ନିଜ ହାତକୁ ନେଇ ବ୍ୟବସାୟ ଚଳାଇବା ସପକ୍ଷରେ ଓ ବିପକ୍ଷରେ ବହୁତ ଯୁକ୍ତି ବହୁକାଳରୁ ହୋଇ ଆସୁଛି । କିନ୍ତୁ ଏକଥା ନିଶ୍ଚିତ ଯେ, ଯେଉଁ ସ୍ଥଳରେ ଏକଚାଟିଆ ବାଣିଜ୍ୟ ହୋଇ ଉଠିବାର ସମ୍ଭାବନା ଅଛି, ସେଠାରେ ସରକାର ଉକ୍ତ ବ୍ୟବସାୟ ନିଜେ ଚଳାନ୍ତୁ ବା ନିଜର ତତ୍ତ୍ୱାବଧାନରେ ଅନ୍ୟଦ୍ୱାରା ତାହାର ପରିଚାଳନା କରାନ୍ତୁ, ଯେ କୌଣସିମତେ ସମାଜର ତା ଉପରେ ହାତ ରହିବା ଉଚିତ ।

ଅସ୍ତ୍ରଶସ୍ତ୍ର ବ୍ୟବସାୟ ସମାଜ ବା ସରକାର ନିଜ ହାତରେ ରଖିବାର ଅର୍ଥ ଏହି ଯେ, ଅସ୍ତ୍ରଶସ୍ତ୍ର ଯେ କୌଣସି ଲୋକ ତିଆରି କଲେ

ଦେଶରେ ଅଶାନ୍ତି ହୋଇଯିବ । ତା ଛଡ଼ା ଅସ୍ତ୍ରଶସ୍ତ୍ର ତ ସରକାରଙ୍କର ବେଶି ଲୋଡ଼ା । ତେଣୁ ସରକାର ନିଜେ ତାହା ନିର୍ମାଣ କଲେ ରାଜ୍ୟ ରକ୍ଷାପାଇଁ ଆବଶ୍ୟକ ପଡ଼ିଲାବେଳେ ପର ହାତକୁ ଚାହିଁ ରହିବାକୁ ହେବ ନାହିଁ । ଅବଶିଷ୍ଟ ଦ୍ରବ୍ୟର ବ୍ୟବସାୟ ସରକାର ନିଜ ହାତରେ ରଖିବାର ଅର୍ଥ ଏହି ଯେ, ଏହି କ୍ଷତିକାରକ ମାଦକ ଦ୍ରବ୍ୟଗୁଡ଼ିକ ଯେ ଇଚ୍ଛା ସେ ପ୍ରସ୍ତୁତ କରି ବଜାରରେ ଯେ ଇଚ୍ଛା ସେ ଦରରେ ବିକିଲେ ସମାଜର ପ୍ରଭୂତ କ୍ଷତି ହେବ ।

ଆଉ କେତେଗୁଡ଼ିଏ ବ୍ୟବସାୟ ଅଛି ଯହିଁରେ ସମାଜ ଅର୍ଥାତ୍ ସରକାର ଏକ କାରଣରୁ ନିଜ ହାତକୁ ନିଅନ୍ତି ବା ନିଜର ତତ୍ତ୍ୱାବଧାନରେ ରଖନ୍ତି । ତାହା ହେଉଛି, ଦେଶର କୌଣସି ପ୍ରାକୃତିକ ସାମଗ୍ରୀର ଭବିଷ୍ୟତ ସଂରକ୍ଷଣ ।

ମନେକର ଭଲ ଗୋଟିଏ ଜଙ୍ଗଲ ତିଆରି ହେବାକୁ ବହୁବର୍ଷ ଯିବ; କିନ୍ତୁ ତାକୁ କାଟି ପକାଇବାକୁ କେତେକ୍ଷଣ ? ଯଦି ପୁଞ୍ଜିପତିମାନଙ୍କୁ ଅବାଧିତଭାବରେ ଜଙ୍ଗଲ କାଟିବାକୁ ଛାଡ଼ି ଦିଆଯାଏ, ସେମାନେ ଆଠ ଦିନରେ ସମସ୍ତ ଜଙ୍ଗଲ କାଟି ବିକିଦେବେ । ସେମାନେ ତ ଆଉ ଦେଶର ଭବିଷ୍ୟତ୍ କଥା ଭାବିବେ ନାହିଁ; ଫଳରେ ଜଙ୍ଗଲ ସବୁ ସଫା ହୋଇଗଲେ ବର୍ଷା ହେବ ନାହିଁ, ବନ୍ୟାର ବାଢ଼ି ବଢ଼ିବ, ଜମିମାନଙ୍କରୁ ସାର ଯିବ ଓ ଭବିଷ୍ୟତକୁ ଜାଳେଣି କାଠ, ଖୁଣ୍ଟ, ବରଗା, କବାଟ, ଚୌକାଠ ଆଦି ଦୁର୍ମୂଲ୍ୟ ହୋଇଯିବ । ତେଣୁ ସମାଜ ଦେଶରେ ଜଙ୍ଗଲରକ୍ଷଣ ଭାର ନିଜ ହାତରେ ରଖେ ଓ ଯେପରି କଲେ ବର୍ତ୍ତମାନ ଯୁଗର ଅଭାବ ମେଣ୍ଟିବ ଓ ଭବିଷ୍ୟତକୁ ମଧ୍ୟ ଅସୁବିଧା ହେବ ନାହିଁ ସେହିପରି କରେ ।

ସେହିପରି କୋଇଲା ଖଣି । ଖଣିରୁ ସବୁ କୋଇଲା ଆମେ ସାରିଦେଲେ, ଭବିଷ୍ୟତର ଦେଶବାସୀ ଆମକୁ ଦୋଷୀ କରିବେ ନାହିଁ ? ତେଣୁ ଏ ଗୁଡ଼ିକର ତତ୍ତ୍ୱାବଧାନ ସମାଜ ନିଜ ହାତରେ ରଖିବା ଉଚିତ ।

ଏଠାରେ ପ୍ରଶ୍ନ ଉଠିପାରେ, ସମାଜ ବା ସରକାର ନିଜ ହାତରେ ବ୍ୟବସାୟ କଲେ, ତାର କି ଅଧିକା ଉପକାର ହୁଏ ? ଏକଗୁଟିଆ ବ୍ୟବସାୟୀ ଯେପରି ଲାଭ ଆଶାରେ ବ୍ୟବସାୟ କରେ, ସମାଜ ବା ସରକାର ତ ସେପରି ଆଶାରେ କରନ୍ତି ନାହିଁ । ତେଣୁ ଅଧାନତଃ ଦେଶବାସୀଙ୍କର ସୁବିଧା ସେମାନେ ବେଶି ଦେଖନ୍ତି । ସରକାରୀ ରେଲବାଇମାନଙ୍କରେ ତୃତୀୟଶ୍ରେଣୀ ଯାତ୍ରୀଙ୍କ ଭଡ଼ା କମ୍ ଓ ଯାତ୍ରୀମାନଙ୍କର ସୁବିଧା ପାଇଁ ବିଶେଷ ବନ୍ଦୋବସ୍ତ ଅଛି ।

ତଥାପି ସମାଜ ତରଫରୁ ସରକାର ବା ମ୍ୟୁନିସିପାଲିଟି ଦ୍ୱାରା ଚାଳିତ ବ୍ୟବସାୟ ପଦ୍ଧତିର କେତେକ ତ୍ରୁଟି ମଧ୍ୟ ଅଛି । ମ୍ୟୁନିସିପାଲିଟିରେ ମେମ୍ବରମାନେ ଭୋଟବଳରେ କ୍ଷମତା ପାଇଥାନ୍ତି । ଗଣତନ୍ତ୍ରବାଦରେ ସରକାରମାନେ ମଧ୍ୟ ଭୋଟ ବଳରେ ଆଧିପତ୍ୟ ପାଇଥାନ୍ତି । ଯେଉଁ ବ୍ୟବସାୟ ଏପରି ଶ୍ରେଣୀର ଲୋକଙ୍କ ତତ୍ତ୍ୱାବଧାନରେ ପଡ଼େ, ତାହାର ପରିଚାଳନା ଭଲ ହୁଏ ନାହିଁ । କାରଣ ଭୋଟରେ ଯେଉଁମାନେ ନିର୍ବାଚିତ ହୋଇଥାନ୍ତି, ସେମାନଙ୍କର ଯେ ନିଶ୍ଚୟ ବ୍ୟବସାୟ ଜ୍ଞାନ ବା ବ୍ୟବସାୟ ବୁଦ୍ଧି ଥିବ, ଏହା ନିଶ୍ଚିତ ନୁହେଁ । ପୁନଶ୍ଚ ଭୋଟରମାନେ ଯେପରି ଅସନ୍ତୁଷ୍ଟ ନ ହେବେ ଏ ଚିନ୍ତା ତାଙ୍କର ବେଶି । ତେଣୁ ଯେଉଁଠାରେ ଭୋଟରମାନେ ଅସନ୍ତୁଷ୍ଟ ହେବାର ସମ୍ଭାବନା, ସେଠାରେ ଏମାନେ ବ୍ୟବସାୟ ଦୃଷ୍ଟିରୁ କ୍ଷତି ସହିବାକୁ ମଧ୍ୟ ପଛ ପଡ଼ିବା ଅସମ୍ଭବ ନୁହେଁ ।

ଦ୍ୱିତୀୟରେ ପୁଞ୍ଜିପତି ନିଜ ବ୍ୟବସାୟର ଯେତେ ଉନ୍ନତି କରେ ବା ଯେପରି ନୂଆ ନୂଆ ପନ୍ଥା ଖୋଜିବସେ, ସରକାରୀ କର୍ମଚାରୀ ସେତେ ଆଗ୍ରହ ସହିତ କାର୍ଯ୍ୟ କରିବା ସମ୍ଭବ ହୁଏ ନାହିଁ । ପର ସମ୍ପତ୍ତିରେ ସମସ୍ତେ ଦାତା ହୋଇ ଜାଣନ୍ତି । ଗୋଟିଏ କମ୍ପାନୀର କ୍ଷତି ହେଲେ ତାର ମୂଳଧନ ଚାଲି ଯିବ କିନ୍ତୁ ଅଂଶୀଦାରମାନଙ୍କର ଆଉ ଅଧିକା କ୍ଷତି ହେବ ନାହିଁ । କିନ୍ତୁ ସରକାରୀ ବ୍ୟବସାୟରେ ଲୋକସାନ ହେଲେ

କାରଖାନାରୁ ଯେ ଲୋକସାନ ସହିବାକୁ ହେବ; କରଦାତାମାନେ ଅଧିକ କର ଦେଇ ସେ ବ୍ୟବସାୟ ମୁଣ୍ଡାଇବେ । ଆଉ ଓଡ଼ିଶା ଭେକାଳ ବନ୍ଦରରେ ହୋଇଥିବା କ୍ଷତି କରଦାତାମାନେ ଅଦ୍ୟାବଧି ସହୁଛନ୍ତି ।

ପୁଣି ବ୍ୟବସାୟରେ ଲୋକସାନ ହେଲେ ସଂଚାଳନ ଖର୍ଚ୍ଚ କମେଇ କର୍ମୀଙ୍କୁ ଚାକିରିରୁ ଅନ୍ତର କରିବାକୁ ବସିଲେ, ତେବେ ସରକାରଙ୍କ କାର୍ଯ୍ୟର ତୀବ୍ର ପ୍ରତିବାଦ ଫଳରେ ତାହା କରିବା ଅସମ୍ଭବ ହେବ । ବ୍ୟବସାୟରେ କ୍ଷତି ହେଲେ ବ୍ୟବସାୟୀ ତାର କର୍ମଚାରୀମାନଙ୍କୁ ସ୍ୱଚ୍ଛନ୍ଦରେ ବିଦା କରିଦେଇପାରେ । କିନ୍ତୁ ଦେଶର ଶାସନତନ୍ତ୍ର ତାହା ସହଜରେ କରି ପାରିବ ନାହିଁ । ଫଳରେ ବ୍ୟବସାୟରେ କ୍ଷତି ହେଲେ ମଧ୍ୟ କର୍ମଚାରୀମାନଙ୍କୁ ଅନ୍ୟତ୍ର ମୁକରର୍ର ନ କରିବା ଯାଏ ସରକାର ସେ ଭାର ବୋହି ଚାଲିଥିବେ । ଆମ କଟକରେ ଯେଉଁ ସ୍ୟାଣ୍ଡ୍ କାରଖାନା ବା ଯେଉଁ କାଣ୍ଟିନ୍ ଷ୍ଟୋର ହୋଇଥିଲା, ସରକାରୀ ବ୍ୟବସାୟର ଲୋକସାନ ସେଥିରୁ ଅନୁମିତ ହୋଇପାରେ ।

ପୁଣି ସରକାରୀ ବ୍ୟବସାୟରେ ଲାଭ ହେଉଛି କି ନାହିଁ ଜାଣିବା ବଡ଼ ମୁସ୍କିଲ । ସରକାରୀ ଅଫିସରେ ଏହାର ହିସାବ ଅନେକ ସମୟରେ ଏପଟ ସେପଟ କରି କ୍ଷତିକୁ ଲାଭ ବୋଲି ଦେଖାଇ ଦିଆଯାଇପାରେ । ଆମର ଯେତେବେଳେ କୌଣସି କୋଅପରେଟିଭ ବ୍ୟାଙ୍କର ଲାଭାଂଶ ବାହାର କରାଯାଏ, ସେଥିରେ ଯେତେ ଯେତେ ସରକାରୀ କର୍ମଚାରୀମାନଙ୍କର ସମୟ ଓ ପରିଶ୍ରମ ବ୍ୟୟିତ ହୋଇଛି, ତାହା ବ୍ୟବସାୟର ଖର୍ଚ୍ଚରେ ଦିଆଯାଏ ନାହିଁ ।

ପୁନଶ୍ଚ ଗୋଟିଏ ସରକାରର ସୀମା ଯେତେ, ସେତିକି ସୀମା ଭିତରେ ବ୍ୟବସାୟ ଚଳାଇ ଲାଭଜନକ ହେବା ସମ୍ଭବ ନ ହୋଇ-ପାରେ । ମନେକର ଆମ ଓଡ଼ିଶା ସରକାର ଯଦି ଗୋଟିଏ ରେଳ ଲାଇନ ବସାଇବେ, ତାହାର କାମକୁ ଅନ୍ୟ ପ୍ରଦେଶର ସରକାରଙ୍କ ଇଚ୍ଛା

ବା ଶତ୍ରୁଜାତ ଉପଦ୍ରବ ଅନ୍ତର ହୋଇ ଯିବ । ସେତେବେଳେ ଓଡ଼ିଶା ସରକାର ଜିଲ୍ଲା ବୋର୍ଡମାନଙ୍କର ପୁଣି ତତ୍ତ୍ୱାବଧାନ କରିବା ଦରକାର ହେବ ନାହିଁ ।

ଏସବୁ ଅସୁବିଧା ଥାଇ ମଧ୍ୟ କେତେକ ସରକାରୀ ବ୍ୟବସାୟ ଅତି ସୁନ୍ଦରରୂପେ ଚାଳିତ ହେଉଥିବାର ଦେଖାଯାଉଅଛି । ସାଧାରଣତଃ ସରକାରୀ ବ୍ୟବସାୟ ବିଶେଷଜ୍ଞମାନଙ୍କ ତତ୍ତ୍ୱାବଧାନରେ ଚାଳିତ ହେଲେ, ରାଜନୈତିକ ଗୃଧ୍ର ତା ଉପରେ ନ ପଡ଼ିଲେ, ତାର ସ୍ୱାଧୀନତାର ପୂର୍ଣ୍ଣ ସୁଯୋଗ ରକ୍ଷା ହେଲେ ଓ ତାହାର ବଜାର ସୁନିଶ୍ଚିତ ହୋଇଥିଲେ, ତାହା ସମାଜର ହିତକର ହୋଇପାରେ ।

କିନ୍ତୁ ଯେଉଁ ସବୁ ବ୍ୟବସାୟରେ ସବୁବେଳେ ନୂତନ ଉଦ୍ୟମ, ନୂତନ ଆବିଷ୍କାର ଓ ନୂତନ କୌଶଳର ପ୍ରୟୋଜନ ଏବଂ ଯେଉଁଥିରେ ବଜାର ନିଶ୍ଚିତ ନୁହେଁ, ସେପରି ଅନିଶ୍ଚିତ ବ୍ୟବସାୟରେ ପଛିଆ ଦେଶର ଶାସନତନ୍ତ୍ର ପକ୍ଷରେ ସୁବିଧାଜନକ ନୁହେଁ ।

—ଦୁଇ—

ପୁଞ୍ଜିବାଦର ଆଉ ଏକ ଅପକାରିତା ହେଉଛି, ବେପାର ଓ ଉତ୍ପାଦନରେ ସମାଜର ସଞ୍ଚିତ ଧନ ଓ ପରିଶ୍ରମ ସବୁବେଳେ ଅନର୍ଥକ ବ୍ୟୟିତ ହୁଏ ।

ଲଣ୍ଡନରେ ଲଣ୍ଠନଟିଏ ତିଆରି ହେବ ଓ ତାହା ଓଡ଼ିଶା ଗଡ଼ଜାତର ମଧୁ ଲେଙ୍କାଙ୍କ ବ୍ୟବହାରରେ ଲାଗିବ । ଏହା ମଧ୍ୟରେ କେତେଣି କେତେ ଲୋକ ତା ଉପରେ ଲାଭ ନେବେ । ଏମାନେ ସମସ୍ତେ କେବଳ ସେହି ଲଣ୍ଠନଟିକୁ ଆଣି ମଧୁ ଲେଙ୍କା ହାତରେ ଧରାଇ ଦେବାପାଇଁ ବିଶାଳ ଆୟୋଜନ କରି ବସିଛନ୍ତି ଓ ଲଣ୍ଠନ ତିଆରି କରିବାରେ ଟଙ୍କାଟିଏ ଖର୍ଚ୍ଚ ହୋଇଥିଲେ, ଏ ବେପାରୀମାନେ

ମଣି ତା ଉପରେ ଟଙ୍କାଏ କା ଦେଢ଼ ଟଙ୍କା ଲାଭ ରଖିଦଅନ୍ତି । ଏ ଏକତ୍ର ପଦ୍ଧତିରେ ଯଦି ସମାଜ ଉତ୍ପନ୍ନ ତିଆରି କରି ଲୋକମାନଙ୍କୁ ଯୋଗାନ୍ତା, ଏ ମଧ୍ୟସ୍ଥମାନଙ୍କ ଏତେ ନିରର୍ଥକ ବ୍ୟୟ ଲାଗନ୍ତା ନାହିଁ ।

ପୁଣି ଅଜକାଲି ବିଜ୍ଞାପନରେ ଯାହା ବ୍ୟୟ ହୁଏ, ତାହା ବୋଧହୁଏ ଜିନିଷ ମୂଲ୍ୟର ଚତୁର୍ଥାଂଶରୁ ଅନେକ ସମୟରେ ବଳିଯାଏ । ପ୍ରତ୍ୟେକ ବେପାରୀ ବିଜ୍ଞାପନରେ ପ୍ରଚୁର ଖର୍ଚ୍ଚ କରେ ଓ ସେହି ଖର୍ଚ୍ଚକୁ ଜିନିଷର ଦାମ ଉପରେ ଲଗାଇ ଦିଏ । ଏପରି ସେ ସମାଜର କେତେ ଲୋକସାନ ହେଉଛି, ତାହା କଳନା କରିବା ବଡ଼ କଠିନ । ସମାଜ ନିଜେ ଜିନିଷ ତିଆରି କରି ଯୋଗାଉଥିଲେ ଏ ବାବଦରେ ମଧ୍ୟ ଏତେ ଖର୍ଚ୍ଚ ଲାଗନ୍ତା ନାହିଁ ।

ସମସ୍ତେ ତ ବିଜ୍ଞାପନ ଦେଉଛନ୍ତି । ବିଜ୍ଞାପନ ଆଡ଼ମ୍ବରରେ ଭୁଲି ଲୋକେ ଅନେକ ସମୟରେ ଭ୍ରମରେ ପଡ଼ି ଭଲ ଜିନିଷ ପରିବର୍ତ୍ତେ ଖରାପ ଜିନିଷ ବ୍ୟବହାର କରି କ୍ଷତିଗ୍ରସ୍ତ ହୁଅନ୍ତି । ବେପାରୀ ବା ବ୍ୟବସାୟୀ କେବଳ ଲାଭର ସାଥୀ; ଲୋକମାନଙ୍କୁ ପ୍ରକୃତ ସତ୍ୟ କହି ଦେଶର ଉପକାର କରିବା ତାର ବ୍ରତ ନୁହେଁ । ତେଣୁ ସେ ବଢ଼ାଇ ଚଢ଼ାଇ ଯାହା ଇଚ୍ଛା ତାହା ବିଜ୍ଞାପନ ଦେଲେ ମଧ୍ୟ ତାର ଦୋଷ ହୁଏ ନାହିଁ; କିନ୍ତୁ ଦେଶବାସୀ ବିଜ୍ଞାପନ-ଜାଲରେ ପଡ଼ି ଭ୍ରମି ହୁଅନ୍ତି । ଏହାଦ୍ୱାରା ସମାଜକୁ ବିଜ୍ଞାପନ ଖର୍ଚ୍ଚର ବୋଝ ତ ମୁଣ୍ଡାଇବାକୁ ହୁଏ, ତା ଛଡ଼ା ଭଲ ଜିନିଷ ପରିବର୍ତ୍ତେ ସମାଜରେ ଖରାପ ଜିନିଷର ବ୍ୟବହାର ବି ବଢ଼ିଯାଏ ।

କୌଣସି କୌଣସି କମ୍ପାନୀ ଗୋଟିଏ ନୂଆ ଜିନିଷ ଆବିଷ୍କାର କଲେ ସେଥିରେ ବାଣିଜ୍ୟର ରେଜେଷ୍ଟ୍ରି ମାର୍କା ଦେଇଦଅନ୍ତି । ଏପରି ମାର୍କା ଦିଆହେଲେ ସେପରି ଜିନିଷ ଆଉ କେହି କରିପାରିବ ନାହିଁ । ଫଳରେ ସେ ବ୍ୟବସାୟୀ ଉକ୍ତ ଜିନିଷକୁ ତ ଏକଚାଟିଆ ଭାବରେ ବେଶି ଦାମରେ

କହିବାର ଲାଭ ଉଠାଏ, ପୁଣି ଅନ୍ୟମାନେ ତାହା କରି ନ ପାରିବାରୁ ସମାଜ ମଧ୍ୟ ଅନ୍ୟଠାରୁ ଭଲ ଜିନିଷ ପାଇବାରୁ ବଞ୍ଚିତ ହୁଏ ।

ପୁଣି ସ୍ୱତନ୍ତ୍ର-ବେପାରରେ ମଧ୍ୟ ସେହିପରି ଅନେକ କାରଣରୁ ସମାଜର କ୍ଷତି ହୁଏ । ମନେକର ପାନ ଦୋକାନ । କଟକ ସହରରେ କେତେ ପାନ ଦୋକାନ ଅଛି । ପ୍ରତ୍ୟେକର ପୁଞ୍ଜି ଖଟା ଭିନ୍ନ । ତେଣୁ ବଡ଼ ଦାମରେ ବ୍ୟବସାୟୀ କଲେ ଯେତେ ଶସ୍ତାରେ ସେମାନେ ପାନ ବିକନ୍ତେ, ଅବଶ୍ୟ ଛୋଟ ଛୋଟ ଦୋକାନୀ ସେତେ ସୁଲଭରେ ଯୋଗାଇ ପାରିବେ ନାହିଁ । ପ୍ରତ୍ୟେକ ଦୋକାନରେ କିଛି କିଛି ଜିନିଷ ନଷ୍ଟ ହେଲେ ମୋଟ ଉପରେ କେତେ ନଷ୍ଟ ନ ହେବ । ପୁଣି ସେହି ସ୍ୱତନ୍ତ୍ର ପାନ ଦୋକାନୀଙ୍କ ମଧ୍ୟରୁ କେତେ ବ୍ୟବସାୟରେ ପାରି ନ ଉଠି ବ୍ୟବସାୟ ଛାଡ଼ ଦେଲାନ୍ତି; ପୁଣି କେତେ ନୂଆ ଲୋକ ପଶନ୍ତି । ଏହିପରି ଅନବରତ ଏ ବେପାରରେ ବେପାରୀ ଅଦଳବଦଳ ଲାଗିଥାଏ । ଏହା ଫଳରେ ମଧ୍ୟ ଅନେକ ଲୋକସାନ ହୁଏ ।

ବେପାରୀମାନଙ୍କର ଏହି ଅଯଥା ମୁନାଫାରୁ ସମାଜକୁ ରକ୍ଷା କରିବା ପାଇଁ, ଶ୍ରମଜୀବୀର ଅଯଥା ବ୍ୟୟ ସଙ୍କୋଚ କରିବା ପାଇଁ ଓ ସମାଜକୁ ଭଲ ଜିନିଷ ଯୋଗାଇବା ପାଇଁ ସମାଜ ଗୋଟିଏ ଅନୁଷ୍ଠାନ ଉଦ୍ଭାବନ କରିଛି । ତାହା ହେଉଛି ସମବାୟ ସମିତି ବା କୋ ଅପରେଟିଭ୍ ବ୍ୟବସାୟ । ଏଥିରେ ଗ୍ରାହକମାନେ ନିଜେ ଗୋଟିଏ ସମିତି କରି ନିଜର ଆବଶ୍ୟକ ଜିନିଷମାନ ତିଆରି କରନ୍ତି ବା ମଗାଇ ରଖନ୍ତି ଓ ଆପଣା ଆପଣା ମଧ୍ୟରେ ବିକି କରନ୍ତି । ଏହି ସମିତିମାନଙ୍କର ପରିଚାଳକମାନେ ସାଧାରଣତଃ ବିନା ବେତନରେ କାର୍ଯ୍ୟ କରନ୍ତି; ତେଣୁ ସେ ଦିଗରେ ମଧ୍ୟ ବ୍ୟୟ ସଙ୍କୋଚ ହୁଏ । ବିଜ୍ଞାପନ ଦିଗର ଖର୍ଚ୍ଚ ଲାଗୁ ହୁଏ ନାହିଁ ଓ ଏଥିରେ ପ୍ରତିଯୋଗିତା ନ ଥାଏ ।

କିନ୍ତୁ ଅନେକ ସମୟରେ ଦେଖାଯାଏ ଯେ, କୋ ଅପରେଟିଭ୍ ସମିତିର ସଭ୍ୟମାନେ ପରିଚାଳନାର ଭାର ନିଅନ୍ତି, ସେମାନଙ୍କର

ବ୍ୟବସାୟ ବୁଦ୍ଧି ଊଣା ଓ ସେମାନେ ବେତନଭୋଗୀ ହୋଇ ନ ଥିବା ଯୋଗେ କାର୍ଯ୍ୟରେ ବିଶେଷ ମନୋଯୋଗ ଦେଇ ନ ଥିବାରୁ ତାଙ୍କ ପରିଚାଳିତ ବ୍ୟବସାୟ କ୍ଷତିଗ୍ରସ୍ତ ହୋଇପଡ଼େ ।

ବେସାମ୍ ବେପାର୍ ଗ୍ରାହକମାନଙ୍କ ମନ ଧରିବା ପାଇଁ ପସନ୍ଦ ଖଦମର ଜିନିଷ ଆଣି ରଖନ୍ତି, କୋ ଅପରେଟିଭ୍ ସମିତି ନିଜ ନିଜ ମଧ୍ୟରେ କାରବାର କରୁଥିବାରୁ ଏତେ ପ୍ରକାରର ଜିନିଷ ଆଣି ରଖିବାର ଆବଶ୍ୟକତା ଅନୁଭବ କରିଥାନ୍ତି ନାହିଁ । ଫଳରେ ଗ୍ରାହକମାନେ ମନ ମୁତାବକ ଜିନିଷ କିଣିବା ଉଦ୍ଦେଶ୍ୟରେ ନିଜ କୋ ଅପରେଟିଭ୍ ସମିତିକୁ ଛାଡ଼ି ଅନେକ ସମୟରେ ବଜାରରୁ କିଣାକିଣି କରନ୍ତି ।

ସମବାୟ ସମିତିମାନଙ୍କରେ ଅବଶ୍ୟ ଆବଶ୍ୟକତା ଅନୁସାରେ ବେତନଭୋଗୀ ମ୍ୟାନେଜର ନିଯୁକ୍ତ କରାଯାଏ । କିନ୍ତୁ ଏହା ଗୋଟିଏ ଆଦର୍ଶବାଦୀ ଅନୁଷ୍ଠାନ ହୋଇଥିବାରୁ ଅନେକ ସମୟରେ ସେମାନଙ୍କୁ ବଜାରଠାରୁ କମ୍ ବେତନ ଦିଆଯାଏ । ତେଣୁ ସେମାନେ ପୂର୍ଣ୍ଣ ସନ୍ତୋଷଜନକ ଭାବରେ କାର୍ଯ୍ୟ କରିବାର ସୁଯୋଗ ପାଆନ୍ତି ନାହିଁ ।

ଏସବୁ ସତ୍ତ୍ୱେ ଅନେକ ଦେଶରେ କୋ ଅପରେଟିଭ୍ ସମିତିଗୁଡ଼ିକ ବହୁତ ଉପକାର ହେବାର ଦେଖାଯାଉଛି । ଆମ ଦେଶରେ ଉକ୍ତ ଅନୁଷ୍ଠାନ ବେଶି ଭାଗ ବ୍ୟବସାୟ ହାତକୁ ନେଇପାରି ନାହିଁ । କିନ୍ତୁ ଇଂଲଣ୍ଡରେ ଶତକଡ଼ା ପ୍ରାୟ ତିରିଶ ଅଂଶ ଜିନିଷ ଏହି ସମିତିମାନଙ୍କ ସାହାଯ୍ୟରେ ବିକ୍ରି ହୁଏ ।

ଆମ ଦେଶରେ କୋ-ଅପରେଟିଭ୍ ଋଣ ସମିତି ଅନେକଗୁଡ଼ିଏ ଅଛି । କେତେକ କୋ-ଅପରେଟିଭ୍ ଷ୍ଟୋର ଅଛି, କେତେକ ବ୍ୟବସାୟ ସମିତି ମଧ୍ୟ ଅଛି । କିନ୍ତୁ ଋଣ ସମିତିଗୁଡ଼ିକୁ ଛାଡ଼ିଦେଲେ

ଅନ୍ୟାନ୍ୟ ସମିତିଗୁଡ଼ିକ ପ୍ରାୟ ସେତେ ଜନପ୍ରିୟ ହୋଇ ଉଠି ନାହିଁ । ଅନେକ ଋଣ ସମିତି ମଧ୍ୟ ବିଶୃଙ୍ଖଳାବଶତଃ ଛିନ୍ନଛତ୍ର ହୋଇ ଭାଙ୍ଗି-ଯିବାର ଦେଖା ଯାଉଅଛି ।

—ତିନି—

ପୁଞ୍ଜିବାଦର ସବୁଠାରୁ ବେଶି କୁଫଳ ଭୋଗିବାକୁ ହୁଏ ଶ୍ରମିକମାନଙ୍କୁ । ବ୍ୟବସାୟୀ ବ୍ୟବସାୟରୁ ଲାଭ ପାଏ; କିନ୍ତୁ ଶ୍ରମିକ ଖଟି ଖଟି ମରେ । ଦିନସାରା ଅକ୍ଳାନ୍ତ ପରିଶ୍ରମ କରି ଶ୍ରମିକ ଦୁଇ ଓଳି କଥଞ୍ଚିତ୍ ମୁଠାଏ ଖାଇବାକୁ ପାଏ । ଶ୍ରମିକ ହେବାକୁ ପୁଞ୍ଜି ଲୋଡ଼ା ନାହିଁ । ତେଣୁ ଦୁନିଆର ଯେତେ ସର୍ବହରା, ସେମାନେ ବାଧ୍ୟ ହୁଅନ୍ତି ଶ୍ରମିକ ହେବାକୁ । ବ୍ୟବସାୟୀ ଯେତେ କମ ବେତନରେ ପାରେ, ସେମାନଙ୍କୁ ରଖେ । ଆପେ ଗଣ୍ଡା ଗଣ୍ଡା ମଟର ଚଢ଼ି ବୁଲେ; କିନ୍ତୁ ଶ୍ରମିକର ଦୁଃଖ-ବୁଝିବାକୁ ତାର ଡର ନ ଥାଏ ।

ଖାଲି ସେତିକି ନୁହେଁ । ଯେଉଁଦିନ ତାର ବ୍ୟବସାୟରେ ଲାଭର ମାତ୍ରା କମିଯାଏ, ସେ କେତେଗୁଡ଼ାଏ ଶ୍ରମିକଙ୍କୁ ବାହାର କରିଦିଏ । ସେମାନେ ଯେ ଆଶା ପୋଷି ଆସିଥାନ୍ତି କାମ କରିବାକୁ, ତାଙ୍କର ସେ ଆଶା ପାଣିରେ ଗାର ହୋଇ ରହେ । ନିଶ୍ଚୋପଟିଏ ମାତ୍ର ସେମାନେ ଲୋକ ଉପହାସରେ ପୁଣି ଗୃହସ୍ଥ ଖୋଜି ବୁଲନ୍ତି ।

ଅବଶ୍ୟ ଯାହାକୁ ପରିଶ୍ରମ କରି ଆସେ, ଦୁନିଆରେ ତା ପେଟ ଅପୋଷା ରହେ ନାହିଁ । ଆଜି ଏଠାରୁ ବୃତ୍ତି ଉଠିଗଲେ କାଲି ସେ ଆଉ କେଉଁଠି ବୃତ୍ତି ଖଣ୍ଡିଏ ଅବଶ୍ୟ ଯୋଗାଡ଼ କରିପାରିବ । କିନ୍ତୁ ଟିକିଏ ଛଟପଟ, ଟିକିଏ ଦୁର୍ଦ୍ଦଶା, ଟିକିଏ ଲୋକ ଉପହାସ ତାକୁ ଅଲବତ୍ ସହିବାକୁ ହେବ ।

ଯେତେ ଭଲେ ମଧ୍ୟ ଦେଖାଯିବ, ସବୁବେଳେ ସମାଜରେ ଲକ୍ଷ ଲକ୍ଷ ଲୋକ ବେକାର୍ ହୋଇ ବସିଛନ୍ତି । ବେପାରୀ ବ୍ୟବସାୟୀମାନେ ଯେତିକି ଇଚ୍ଛା ସେତିକି ଲୋକଙ୍କୁ ନିଯୁକ୍ତ କଲେ । ବାକି ଯେ ବଳିଲେ, ତାଙ୍କ ପ୍ରତି ବ୍ୟାପାରୀ ମୁଣ୍ଡ ବଥାଇବେ ନାହିଁ । ଅବଶ୍ୟ ଦେଶର ସରକାର କେତେ ଲୋକଙ୍କୁ ବୃତ୍ତି ଦିଅନ୍ତି, ମାତ୍ର ସେ ମଧ୍ୟ ସେଥି ଗଣ୍ଡି ଧରନ୍ତି । ତାଙ୍କର ଯେତିକି ଲୋକ ଦରକାର, ସେ ସେତିକି ଲୋକ ମୁକ୍ତରେ ରଖି ବାକିମାନଙ୍କର ସୁବିଧା ଅସୁବିଧା କଥା ସେ ମଧ୍ୟ ବୁଝିବାକୁ ପ୍ରୟୋଜନ ମନେ କରନ୍ତି ନାହିଁ ।

ମୋଟ ଉପରେ ସମାଜରେ ଅକର୍ମୀ ଦଳ ସବୁବେଳେ ହା ହୁତାଶ ହୋଇ ବୁଲୁଥାନ୍ତି । ସମାଜ ଏମାନଙ୍କ ପାଇଁ କଣ କରେ ? ସମାଜ ଯଦି ଏମାନଙ୍କ ପାଇଁ କିଛି ନ କରିବ, ତେବେ ପଶୁ ସମାଜଠାରୁ ମନୁଷ୍ୟ ସମାଜ କେଉଁ ଗୁଣରେ ଉତ୍କୃଷ୍ଟ ହେବ ? ମନୁଷ୍ୟଙ୍କୁ ଆଉ ସାମାଜିକ ଜୀବ ବୋଲି କାହିଁକି କହିବା ?

ଶ୍ରମିକ ଦରକାର ଓଃଟି ବ୍ୟବସାୟୀର ବ୍ୟବସାୟ ଚାଲିବାକୁ, କିନ୍ତୁ କାମ କରୁ କରୁ ଯଦି କଳରେ ପଡ଼ି ତାର ହାତଟାଏ ବା ଗୋଡ଼ଟାଏ କଟିଗଲା ବା ସେ ନିଜେ ଯଦି ମରିଗଲା, ତେବେ ତାର ବା ତା ପରିବାରର ସର୍ବସ୍ୱ ଗଲା । ସେ ଆସିଥିଲା କାମ କରିବାକୁ । କଲ କାରଖାନା ତ ସେ ନିଜେ ନିଜ ପାଇଁ ଗଢ଼ି ନାହିଁ । ଏଥିରେ ଯଦି ତାର ଆପଦ ଘଟିଲା, ସମାଜ ତାର ଏ ବିପଦ ଲାଗି କି କ୍ଷତିପୂରଣ ଦିଏ ?

ଏ ସବୁ ନ ହୋଇ ମୁଦ୍ଧା ଶ୍ରମିକର ପରିଶ୍ରମ ହି ତାର ସର୍ବସ୍ୱ । ସେ ନିଜେ ଯଦି ବେମାର ପଡ଼ିଲା, ମାସ ମାସ ଧରି ତାର ପିଲାଏ ଖାଇବେ କଣ, ତାର ଔଷଧ ଲାଗି ପଇସା ଆସିବ କେଉଁଠୁ ? କାମ ନ କଲେ ତ ଶ୍ରମିକ ମଜୁରି ନ ପାଏ । ବେମାର ପଡ଼ିଲେ କିଏ ଅବା ତାର ପିଠିରେ ପଡ଼ିବ ?

ପୁନଶ୍ଚ, ସବୁ ଖଣିରେ ଥାଇ ଶ୍ରମିକ ଧନସମ୍ପଦ ଖୋଳ ପାଖରେ ବସି ଗପ୍ ଗପ୍ କରି ସେମିତି ଚଳାଇ ମାଲିକମାନଙ୍କୁ ଦୁର୍ବିସହ ଭାବରେ କଷ୍ଟାଉଛି । ତାର ଜୀବନରେ ଆଉ ସୁଖ ସ୍ୱାଚ୍ଛନ୍ଦ୍ୟ କଣ ରହିଲା ? ସଂସାରରେ ତ ପେଟ ପୋଷିବା ଗୋଟିଏ ବଡ଼ କଥା ନୁହେଁ, ଜୀବନରେ ଖୁସିବାସି, ଆମୋଦ ପ୍ରମୋଦର ତ ଟିକିଏ ମୂଲ୍ୟ ଅଛି । ପୁଞ୍ଜିବାଦ ପଦ୍ଧତିରେ ବ୍ୟବସାୟୀ ଯଦି ମଟର ଗାଡ଼ି ମଜୁର କରି ବୁଲିବ, ଶ୍ରମିକ କାହିଁକି ମୋଟା ସୁନ୍ଦର ମୁଠାଏ ଖାଇ ଖଣି ପାଖରେ ବସି ଧନରାଶି ଖୋଳା ଭୁତ ପରି ସେମିତି ଚଳାଇବ ? ଗୋଟିଏ ବ୍ୟବସାୟରେ ମୂଳଧନ ଓ ପରିଶ୍ରମ ଏ ଦୁଇଟି ଜିନିଷ ଲୋଡ଼ା । ଯେ ମୂଳଧନ ଦେଉଛି ସେ ମଜ୍ଜା କରି ବୁଲୁଛି । ବାକି ଯେ ଦେହର ରକ୍ତ ପାଣି କଲା, ସେ କାହିଁକି ପଶୁ ପରି ଜୀବନଯାପନ କରିବ ?

ପୁଣି ସମାଜରେ ବେଶି ଲୋକ ତ ଶ୍ରମିକଶ୍ରେଣୀର । ସେମାନେ ସମସ୍ତେ ଯଦି ଦୁଃଖରେ ଦିନ କାଟିବେ, ତେବେ ଖାଲି କେତେ ଜଣ ଧନୀ ବ୍ୟବସାୟୀ ସୁଖରେ ଦିନ କାଟିଲେ କଣ ସମାଜର ପ୍ରଗତି ହେଲା ?

ଅତଏବ ଯେଉଁ ପଦ୍ଧତିରେ ସମାଜରେ ଏତେ ଲୋକଙ୍କର ଅଭାବ ଦୁର୍ଦ୍ଦିନ, ସେଥିରେ ଅନ୍ୟାନ୍ୟ କେତେକ ସୁଯୋଗ ସୁବିଧା ଥିଲେ ମଧ୍ୟ ତାହା ସ୍ପୃହଣୀୟ ନୁହେଁ । ଏପରି କେତେ ପୁଞ୍ଜିପତି ଅଛନ୍ତି, ଯେଉଁମାନଙ୍କର ଦୈନିକ ଆୟ କୋଟି କୋଟି ଟଙ୍କା । ସେମାନେ ଏତେ ଟଙ୍କା ପାଆନ୍ତି ଯେ, କପର ତାହା ଖର୍ଚ୍ଚ କରିବେ ତାର ବାଟ ପାଆନ୍ତିନାହିଁ । ଯେଉଁ ପଦ୍ଧତିର ପରିଣାମ ଏପରି, ସେ ପଦ୍ଧତିକୁ ବଦଳାଇବା ଆଜି ମାନବ ସମାଜପକ୍ଷରେ ଗୋଟିଏ ଜରୁରୀ ସମସ୍ୟା ।

ଏ ପଦ୍ଧତିକୁ ବଦଳାଇ ସମାଜ ପକ୍ଷରେ ଆଉ କି ପନ୍ଥା ଅବଲମ୍ବନ କରିବା ସମ୍ଭବ, ତାହା ପରବର୍ତ୍ତୀ ଅଧ୍ୟାୟରେ ଆଲୋଚିତ ହେବ ।

ବର୍ତ୍ତମାନ ଦେଖାଯାଉ, ବୁଦ୍ଧିବାଦର ଗଣ୍ଡୀ ମଧ୍ୟରେ ଥାଇ ଉପରୋକ୍ତ ସମସ୍ୟାଗୁଡ଼ିକର ସମାଧାନ ପାଇଁ କି ବ୍ୟବସ୍ଥା କରାଯାଇଅଛି ।

ଅଧିକାଂଶ ଦେଶରେ ସରକାରଙ୍କର କରଧାର୍ଯ୍ୟ ପଦ୍ଧତିଦ୍ୱାରା ଉପରେ ଲିଖିତ ବୈଷମ୍ୟର କଥଞ୍ଚିତ୍ ପ୍ରତିକାର କରାଯାଏ । କରଧାର୍ଯ୍ୟ ନୀତିକୁ ଏକ ସୂତ୍ରରେ ସଂକ୍ଷେପ କରାଯାଏ, ଯେପରି ଦେଶର ଅଧିକାଂଶ କର ଧନୀ ଲୋକଙ୍କଠାରୁ ଆସିବ ଓ ତହିଁର ଅଧିକ ଖର୍ଚ୍ଚ ଅଧିକାଂଶ ଗରିବ ଲୋକଙ୍କ ସେବାରେ ଲାଗିବ । ଏହି ଉଦ୍ଦେଶ୍ୟରେ ଦେଶର ଆୟକର ପ୍ରାୟ ଧନୀଲୋକମାନଙ୍କଠାରୁ ଆଦାୟ ହୁଏ । ଯେଉଁମାନଙ୍କର ଆୟ ଖୁବ୍ କମ୍, ସେମାନଙ୍କୁ ଆୟକର ଦେବାକୁ ପଡ଼େ ନାହିଁ । ଯେଉଁମାନଙ୍କ ଆୟ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ପରିମାଣରୁ ବେଶି ହୁଏ, ସେହିମାନଙ୍କଠାରୁହିଁ ଆୟକର ନିଆ ହୁଏ । ପୁଣି ଯାହାର ଆୟ ଯେତେ ବେଶି, ତାଠାରୁ ସେତେ ବେଶି ହାରରେ ଆୟକର ନିଆ ହୁଏ । ଯେଉଁମାନେ ବହୁତ ବହୁତ ଆୟ କରନ୍ତି, ସେମାନଙ୍କୁ ଟଙ୍କାରେ ପ୍ରାୟ ବାରଅଣା ପର୍ଯ୍ୟନ୍ତ ଆୟକର ଦେବାକୁ ହୁଏ । କାରଣ ଗୋଟିଏ ନିର୍ଦ୍ଦିଷ୍ଟ ସୀମାରୁ ବେଶି ଟଙ୍କା ଯେଉଁ ଲୋକ ରୋଜଗାର କରେ, ତା ମତରେ ଟଙ୍କାର ମୂଲ୍ୟ ବହୁ ନୁହେ । ତେବେ ଏଠାରେ ପ୍ରଶ୍ନ ଉଠିପାରେ, ତାହା ହେଲେ ଟଙ୍କାରେ ପୁରା ଟଙ୍କାଏ କାହିଁକି ନିଆ ନ ହୁଏ ? ତାହାର ଉତ୍ତର ଏହି ଯେ, ଟଙ୍କାକୁ ଟଙ୍କାଟିଯାକ ଯଦି ସରକାର ନେଇଯିବ, ତେବେ ଲୋକର ରୋଜଗାର କରିବା ପ୍ରବୃତ୍ତି ଆଉ ରହିବ ନାହିଁ ।

ପୁଣି ଉନ୍ନତ ଦେଶମାନଙ୍କରେ ବିଧାନ ଅଛି, ଯେଉଁମାନେ ଜମିରୁ ବା ଘରଭଡ଼ାରୁ ଆୟ ପାଆନ୍ତି, ସେମାନଙ୍କୁ ଅଧିକ ଉଚ୍ଚ ହାରରେ ଆୟକର ଦେବାକୁ ହୁଏ । କାରଣ ଜମିଦାର ବା ଘରମାଲିକ ଘରେ ବସି ବସି ଯେଉଁ ଖଜଣା ବା ଭଡ଼ା ଆଦାୟ କରେ, ସେଥିପାଇଁ ତାକୁ ପରିଶ୍ରମ କରିବାକୁ ପଡ଼େ ନାହିଁ । ବିନା ପରିଶ୍ରମଲବ୍ଧ ଆୟ ଉପରେ

ବେଶି ହାରରେ କର ଦେଲେ ତାକୁ ସେତେ ବାଧିବାର କଥା ନୁହେଁ । ଆମ ଦେଶରେ ଏ ପ୍ରଥା ନାହିଁ, କିନ୍ତୁ କୃଷିଆୟ ଉପରେ ନୂଆକରି ଅଧିକର ବସିବାର ପ୍ରସ୍ତାବ ଅନେକ ପ୍ରଦେଶରେ ମୂଳରୁ ଓ ବମ୍ବାଇରେ ତାହା କାର୍ଯ୍ୟକାରୀ ହୋଇ ସାରିଲାଣି ।

କେତେକ ଦେଶରେ ମୃତ୍ୟୁଶୁଳ୍କ ପ୍ରଭୃତି ଏହି ଧରଣର ଅନ୍ୟାନ୍ୟ କର ଅଛି, ଯାହା କେବଳ ବଡ଼ଲୋକମାନଙ୍କଠାରୁ ଆଦାୟ ହୁଏ । ମଟର ଗାଡ଼ି, ରେଡ଼ିଓ ପ୍ରଭୃତି ବିଳାସ ଦ୍ରବ୍ୟମାନଙ୍କ ଉପରେ ଯେଉଁ କର ସବୁ ବସେ, ତାର ଉଦ୍ଦେଶ୍ୟ କେବଳ ଧନୀଲୋକଙ୍କଠାରୁ ଆଦାୟ କରିବା । କାରଣ ଏମାନେହିଁ ଏହି ସବୁ ବିଳାସଦ୍ରବ୍ୟ ବ୍ୟବହାର କରିଥାନ୍ତି ।

ଏହି କରଦ୍ୱାରା ଲବ୍ଧ ଅର୍ଥକୁ ଏପରି ବ୍ୟୟ କରିବାକୁ ହେବ, ଯେପରି ତାହା ଗରିବମାନଙ୍କର ବେଶି କାମରେ ଆସିବ । ଦେଶରେ ଦାତବ୍ୟ ଔଷଧାଳୟ, ସ୍କୁଲ, ନାଳ ଆଦି ଜନହିତକର କାର୍ଯ୍ୟ ଯେତେ ହେବ, ତାହା ବେଶି ଗରିବମାନଙ୍କର ସେବାରେ ଆସିବ । ଏହି ପନ୍ଥାରେ ଧନୀଲୋକମାନଙ୍କର ବଳକା ଅର୍ଥ ଗରିବମାନଙ୍କ ସେବାରେ ବ୍ୟୟ କରାହୋଇପାରେ ।

କେତେକ ଦେଶରେ ଅନୁରୂପ ମଧ୍ୟ ବ୍ୟବସ୍ଥା ଅଛି ଯେ, ଦେଶରେ ଯେତେ ଅକର୍ମଣ୍ୟ ବୃଦ୍ଧ ଲୋକ ଅଛନ୍ତି, ସରକାର ସେ ସମସ୍ତଙ୍କୁ ପେନ୍‌ସନ ଦେବେ । ତାହାହେଲେ ମଧ୍ୟ ଗରିବ ଶ୍ରେଣୀର ଉପକାର ହେବ । ଏହି ଦେଶମାନଙ୍କରେ ବେକାର ବା ରୁଗ୍ଣ ଶ୍ରମିକର ଚଳିବା ଓ ଚିକିତ୍ସା ପାଇଁ ଭତ୍ତା ଦେବାର ବ୍ୟବସ୍ଥା ଅଛି । ବିଲାତରେ ଏ ସବୁର ବ୍ୟବସ୍ଥା ପୂର୍ଣ୍ଣାଙ୍ଗ ଭାବରେ ରହିଛି ।

ଶ୍ରମିକ ଆଇନଦ୍ୱାରା ଶ୍ରମିକ ସମସ୍ୟାର ମଧ୍ୟ କେତେକ ସମାଧାନ ହୁଏ । ଶ୍ରମିକମାନେ ସାପ୍ତାହିକ କେତେ ଘଣ୍ଟା କାମ କରିବେ

ତାହା ଆଇନଦ୍ୱାରା ଧାର୍ଯ୍ୟ ହୁଏ । ସେଥିରୁ କୌଣସି ବ୍ୟବସାୟୀ କୌଣସି ଶ୍ରମିକକୁ ବେଶି ଖଟାଇପାରନ୍ତି ନାହିଁ । ସ୍ତ୍ରୀ ଲୋକମାନେ ଦିନର କେଉଁ ସମୟରେ କାମ କରିବେ, ତାହା ମଧ୍ୟ ସ୍ଥିର ହୁଏ । ସ୍ତ୍ରୀମାନେ ରାତିରେ କାମ କରିବେ ନାହିଁ, ଖଣି ଭିତରେ ପଶି କାମ କରିବେ ନାହିଁ, ତାଙ୍କର ପୋଷଣ ହେବା ସମୟରେ ପୂରା ବେତନରେ ଛୁଟି ପାଇବେ ଓ ତାଙ୍କର ସାହାଯ୍ୟ ପାଇଁ ଧାଈ ନିଯୁକ୍ତ କରାଯିବା– ଏ ସବୁ ବ୍ୟବସ୍ଥା ଆଇନ ବଳରେ କରାହୁଏ । ପିଲାମାନେ କେତେ ବର୍ଷ ନ ହେବାଯାଏ କଳ କାରଖାନାରେ କାମ କରିବେ ନାହିଁ, ଏହା ମଧ୍ୟ ଆଇନ ବଳରେ ସ୍ଥିର ହୁଏ । କାରଣ, ତାଙ୍କର ତ ପୁଣି ବଢିବାର ଅଛି । ପିଲାଟି ଦିନୁଁ କଷ୍ଟ ପଛେ ଖଟିଲେ ଭବିଷ୍ୟତରେ ସେମାନେ ସୁସ୍ଥ ସବଳ ହେବେ କିପରି ?

ଶ୍ରମିକ ଓ ଶ୍ରମିକମାନଙ୍କୁ ମାସକରେ କେତେ ଦିନ ଛୁଟି ମିଳିବ ଓ ତାଙ୍କୁ ବେତନ କିପରି ନଗଦ ନଗଦ ମିଳି ଯାଉଥିବ, ତାହା ମଧ୍ୟ ଆଇନରେ ସ୍ଥିର ହୁଏ । ବେମାରି ପଡ଼ିଲେ ତାଙ୍କର ଚିକିତ୍ସାର ମଧ୍ୟ ବ୍ୟବସ୍ଥା ହୁଏ ।

ପୁଣି ସରକାରଙ୍କ ଲୋକେ ପ୍ରତି କଳ କାରଖାନା ବୁଲି ବୁଲି ଶ୍ରମିକମାନଙ୍କ ନିରାପଦତା ଲାଗି ବ୍ୟବସ୍ଥା ହୋଇଛି କି ନାହିଁ ପରୀକ୍ଷା କରି ଦେଖନ୍ତି । କୌଣସି ଦୋଷାଦୋଷ ଥିଲେ, ଶ୍ରମିକମାନଙ୍କର କଳରେ ହାତ ଗୋଡ଼ କଟିଯିବାର ସମ୍ଭାବନା ଥିଲେ, ସେମାନେ କଳ ଚାଲୁ ହେବାକୁ ଅନୁମତି ଦିଅନ୍ତି ନାହିଁ ।

ଏହାଛଡ଼ା ଆଇନରେ ମଧ୍ୟ ବ୍ୟବସ୍ଥା ହୁଏ ଯେ, କୌଣସି ଶ୍ରମିକ କାରଖାନାରେ କାମ କରୁଥିବାବେଳେ କୌଣସି ଅକସ୍ମାତ କାରଣରୁ ତାର ହାତ ବା ଗୋଡ଼ କଟିଗଲେ କିମ୍ବା ସେ ଆଘାତ ପାଇ-

ମରିଗଲେ, ବ୍ୟବସାୟୀ ତାକୁ ପୂର୍ଣ୍ଣ କ୍ଷତିପୂରଣ ଦେବାକୁ ବାଧ୍ୟ ହୁଏ । ସରକାର ତରଫରୁ ଏହା ଅଦାୟ ହୋଇ ଶ୍ରମିକକୁ ବା ତାର ପରିବାରକୁ ଦିଆଯାଏ ।

ଏହାଛଡ଼ା ପ୍ରତ୍ୟେକ କଳ କାରଖାନାରେ ଜଳ କୂଅ, ପାଇଖାନା ଓ ଆଲୁଅର ବନ୍ଦୋବସ୍ତ ଯେପରି ରହିବ, ସେ କଥା ସରକାର ପକ୍ଷରୁ ତଦନ୍ତ କରିବାକୁ ଲୋକ ରହନ୍ତି ।

ପ୍ରାୟ ସବୁ ଦେଶରେ ଶ୍ରମିକମାନଙ୍କର ଅବସ୍ଥା, ଖାସଶ୍ରମିକ ଓ ଅନ୍ୟାନ୍ୟ ସୁବିଧା ବିଷୟରେ ବ୍ୟବସାୟୀମାନଙ୍କ ସହିତ ଚୁକ୍ତି ସ୍ଥିର କରିବା ନିମନ୍ତେ ଶ୍ରମିକ ସଙ୍ଘ ସବୁ ଗଢ଼ା ହୋଇଛି । ଯଦି କୌଣସି କାରଖାନା ବା ବ୍ୟବସାୟର ମାଲିକମାନେ କୌଣସି ଅନ୍ୟାୟ ବ୍ୟବହାର କରନ୍ତି ଅଥବା ଶ୍ରମିକମାନଙ୍କର ବେତନ କମା କରନ୍ତି କିମ୍ବା ଶ୍ରମିକମାନଙ୍କର ବେତନ ବୃଦ୍ଧିର ପ୍ରୟୋଜନୀୟତା ଥିଲେ ବେତନ ବୃଦ୍ଧି କରିବାକୁ ଅନିଚ୍ଛା ପ୍ରକାଶ କରନ୍ତି, ସେତେବେଳେ ଏମାନେ ଷ୍ଟ୍ରାଇକ୍ ବା ଧର୍ମଘଟ ଘୋଷଣା କରି ଶ୍ରମିକମାନଙ୍କୁ କାର୍ଯ୍ୟରୁ ବନ୍ଦ ରଖନ୍ତି । ଧର୍ମଘଟ କଲେ ଅବଶ୍ୟ ଶ୍ରମିକମାନେ କେତେ ବେତନ ନ ପାଇ କ୍ଷତିଗ୍ରସ୍ତ ହୁଅନ୍ତି, ମାତ୍ର ଧର୍ମଘଟଦ୍ୱାରା କାର୍ଯ୍ୟ ବନ୍ଦ ହୋଇଗଲେ, ବ୍ୟବସାୟୀମାନଙ୍କର ଦିନ ଦିନକୁ ବହୁତ ଲୋକସାନ ହୁଏ । ତେଣୁ ଧର୍ମଘଟରେ ଶ୍ରମିକମାନଙ୍କ ଅପେକ୍ଷା ବ୍ୟବସାୟୀମାନଙ୍କର କ୍ଷତି ବେଶି । ଦେଶରେ ଏହିପରି ଶ୍ରମିକ ସଙ୍ଘ ରହିଲେ ବ୍ୟବସାୟୀମାନେ ମଧ୍ୟ ମୂଳରୁ ଏସବୁ ବିଷୟରେ ସାବଧାନତାସହ ଶ୍ରମିକମାନଙ୍କର ସୁବିଧା ଦେଖିବାରେ ତତ୍ପର ହୁଅନ୍ତି ।

ପ୍ରଥମେ ପ୍ରଥମେ ଯେତେବେଳେ ଶ୍ରମିକ ସଙ୍ଘଗୁଡ଼ିକର ସୃଷ୍ଟି ହେଲା, ସେତେବେଳେ ପ୍ରତ୍ୟେକ ଦେଶର ସରକାର ସେଗୁଡ଼ିକୁ ବେଆଇନ ଘୋଷଣା କରି ନେତାମାନଙ୍କୁ ଦଣ୍ଡିତ କରୁଥିଲେ । କିନ୍ତୁ ଏବେ ପ୍ରାୟ ସବୁ ଦେଶର ସରକାର ଏହି

ସଂସଦକୁ ଅନୁମୋଦିତ ବୋଲି ମାନିଲେଣି ଓ ତା ଦେଖାଦେଖି ବ୍ୟବସାୟୀମାନେ ପ୍ରାୟ ସବୁଠାରେ ମାଲିକସଂଘ ସୃଷ୍ଟି କଲେଣି । ଶ୍ରମିକମାନଙ୍କର ଅନେକ ଆପତ୍ତି ଅଭିଯୋଗ ଉଭୟ ଦଳ ସଂସର୍ଗରେ ସ୍ଥିର ହୁଏ ।

କେତେକ ସ୍ଥଳରେ, କେତେକ ବ୍ୟବସାୟରେ ଶ୍ରମିକ ଓ ବ୍ୟବସାୟୀ ଉଭୟଙ୍କର ମିଳିତ ସଭା ମଧ୍ୟ ଥାଏ । ତାହା ଫଳରେ ଅନେକ ସ୍ଥଳରେ ଶ୍ରମିକମାନଙ୍କର ଆପତ୍ତି ଅଭିଯୋଗ ବିଶେଷ ସୁବିଧାର ସହିତ ଶୁଣାଯାଇପାରେ ।

କେତେକ ସ୍ଥଳରେ କର୍ମୀମାନଙ୍କୁ ତାଙ୍କର କେତେ ବର୍ଷ ପୂର୍ଣ୍ଣ ହେଲେ ତାଙ୍କୁ ବ୍ୟବସାୟରୁ କେତୋଟି ଅଂଶ ବୋନସ୍ ସ୍ୱରୂପ ଦିଆ ହୁଏ । ତେଣୁ ପରିଚାଳନା ସଭାରେ ସେମାନେ ସ୍ଥାନ ପାଆନ୍ତି । କୌଣସି କୌଣସି ସ୍ଥଳରେ ଏପରି ନ ହୋଇ . ଖାଲି କର୍ମଚାରୀମାନଙ୍କୁ ବେତନ ଛଡ଼ା, ବ୍ୟବସାୟରେ ଲାଭ ହେଉଥିବା , କେତେକ କମିଶନ ଭାଗ ମୂଲ୍ୟରେ ଦିଆଯାଏ । କେଉଁଠାରେ ଅବା ବର୍ଷ ଶେଷରେ ବ୍ୟବସାୟର ଲାଭ କ୍ଷତି ହିସାବ କଲେ କର୍ମୀମାନଙ୍କୁ ଲାଭରୁ କେତେକ ଅଂଶ ଦିଆଯାଏ ।

ମାତ୍ର ଉପରେ ଯେତେ ଯେତେ ବ୍ୟବସ୍ଥା ଏ ପର୍ଯ୍ୟନ୍ତ କଥିତ ହେଲା, ସେ ସବୁର ପ୍ରଧାନ ଲକ୍ଷ୍ୟ କରାଗଲେ ବୁଝା, ପୁଞ୍ଜିବାଦ ପଦ୍ଧତିରେ ସମାଜରେ ଏକପକ୍ଷରେ ପୁଞ୍ଜିପତି କେତେକ ପ୍ରଚୁର ଧନଶାଳୀ ଲୋକ ଏବଂ ଅନ୍ୟପକ୍ଷରେ ଦରିଦ୍ର ଓ ବେକାର ଲୋକଙ୍କର ଆଧିକ୍ୟ ସର୍ବଦା ଦେଖାଯାଏ । ତେଣୁ ବହୁ ଚିନ୍ତାଶୀଳ ମନୀଷୀ ଏ ପଦ୍ଧତିର ସମ୍ପୂର୍ଣ୍ଣ ପରିବର୍ତ୍ତନର ପକ୍ଷପାତୀ । ଏସବୁ କାରଣରୁ କେତେ କେତେ ସ୍ଥଳରେ ପୁଞ୍ଜିବାଦର ସମ୍ପୂର୍ଣ୍ଣ ପରିବର୍ତ୍ତନର ଉଦ୍ୟମ କରାଯାଇଅଛି । ସବୁଠାରେ ଏହାର ଫଳ ସମ୍ପୂର୍ଣ୍ଣ ଆଶାଜନକ ହୋଇ ନ ଥିଲେହେଁ କେତେକ

ସ୍ଥଳରେ ଆଂଶିକ କଲ୍ୟାଣ ହେବାର ଦେଖାଯାଇଅଛି । କୌଣସି ଗୋଟିଏ ପନ୍ଥା ସମ୍ପୂର୍ଣ୍ଣ ଫଳବତୀ ହେବାର ଏ ପର୍ଯ୍ୟନ୍ତ ଦୃଷ୍ଟିଗୋଚର ହୋଇ ନାହିଁ । ତେଣୁ ମାନବ ଜାତି ଅନ୍ଧକାରରେ ବାଟ ଭୁଲୁଥିବା ପରି ସବୁବେଳେ ନୂଆ ନୂଆ ମାର୍ଗ ଖୋଜି ବୁଲୁଛି ।

## ପଞ୍ଚମ ପରିଚ୍ଛେଦ

# ପୁଞ୍ଜିବାଦର ମୌଳିକ ଦୁର୍ବଳତା

—ଏକ—

ପୁଞ୍ଜିବାଦର ଉପରଲିଖିତ କୁଫଳ ଛଡ଼ା କେତେକ ମୌଳିକ ଦୁର୍ବଳତା ମଧ୍ୟ ଅଛି । ପୁଞ୍ଜିବାଦର ମୂଳ ଉଦ୍ଦେଶ୍ୟ ହେଉଛି, ସମାଜର ପ୍ରତ୍ୟେକ ଲୋକକୁ ଯେତେ ଦୂର ସମ୍ଭବ ସୁଲଭ ମୂଲ୍ୟରେ ସେମାନଙ୍କର ପ୍ରତ୍ୟେକ ପ୍ରୟୋଜନୀୟ ଦ୍ରବ୍ୟ ଓ ସେବା ଯୋଗାଇବା । ଏହାର ପ୍ରୟୋଜନୀୟତାକୁ ଖଞ୍ଜି ଦିଆଯାଇଛି ପ୍ରତ୍ୟେକ ବ୍ୟବସାୟୀର ସ୍ୱାର୍ଥ ଉପରେ । ଏପରି କରିବାର ଉଦ୍ଦେଶ୍ୟ ଏହି ଯେ, ମଣିଷ ନିଜ ସ୍ୱାର୍ଥ ପାଇଁ, ନିଜର ପରିବାରର ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ଯେତେ ଉଦ୍ୟମ କରିବ, ଅନ୍ୟ କୌଣସି ଉଦ୍ଦେଶ୍ୟରେ ସେତେ ଉଦ୍ୟମ କରିବ ନାହିଁ । ଆଶା କରାଯାଏ, ପ୍ରତ୍ୟେକ ଲୋକ ନିଜର ସ୍ୱାର୍ଥ ପାଇଁ ବ୍ୟବସାୟକୁ ଖୋଜି ବାଛିଲେ, ତାର ଯୋଗ୍ୟତାକୁ ଯେଉଁଥିରେ ବେଶୀ ଦକ୍ଷତା, ସେହିଥିରେ ସେ ନିଜକୁ ନିୟୋଜିତ କରିବ । କାରଣ, ସେ ଏହା ନ କଲେ ଯେଉଁମାନେ ତାହାଠାରୁ ଦକ୍ଷ, ସେମାନଙ୍କ ପ୍ରତିଯୋଗିତା ଫଳରେ ସେ

ଇଚ୍ଛା ବ୍ୟବସାୟରେ ଧନିପାରିବ ନାହିଁ । ପ୍ରତ୍ୟେକ ଲୋକ ତାର ନିଜର ଯୋଗ୍ୟତାମୂଳକ ବ୍ୟବସାୟ ଧରିଲେ, ମୋଟ - ଉପରେ ସମାଜରେ ପ୍ରତ୍ୟେକ ବ୍ୟବସାୟ ସୁବ୍ୟବସ୍ଥରୂପେ ଚାଳିତ ହେବ ଓ ଦେଶର ସମ୍ପଦ ବଢ଼ିଯିବ ।

ଏଣୁ ୟୁରୋପରେ ବହୁ କାଳ ଧରି ଇଂଲଣ୍ଡ ପ୍ରଭୃତି ଉନ୍ନତ ଦେଶମାନଙ୍କରେ ସମାଜ ବା ଶାସନତନ୍ତ୍ର ପୁଞ୍ଜିବାଦକୁ ପ୍ରଶ୍ରୟ ଦେଇ ଆସୁଥିଲେ । ସମାଜର ହସ୍ତକ୍ଷେପ ଫଳରେ ପୁଞ୍ଜିବାଦର ପ୍ରୟୋଜନୀୟତା ନଷ୍ଟ ହୋଇ ଯିବ ବୋଲି ସେମାନଙ୍କର ବିଶ୍ୱାସ ଥିଲା । ପ୍ରତ୍ୟେକ ବ୍ୟବସାୟୀର ପୂର୍ଣ୍ଣ ଅର୍ଥନୈତିକ ସ୍ୱାଧୀନତା ସମାଜର ସମୂହ କଲ୍ୟାଣର ହେତୁ ବୋଲି ସର୍ବବାଦୀସମ୍ମତ ତଥ୍ୟରୂପେ ପ୍ରତ୍ୟେକ ଶାସନତନ୍ତ୍ର ମାନି ଆସୁଥିଲେ । ଏପରି କି ୧୯୧୦ ସାଲରେ ମାନ୍ଦ୍ରାଜ ସରକାର ଦେଶୀୟ ବ୍ୟବସାୟରେ ସହାୟତା କରୁଥିବାରୁ ତାଙ୍କୁ ଭାରତସଚିବ ବାରଣ କରି ପଠାଇଥିଲେ । ଦେଶ ବିଦେଶରେ ଏହି ନୀତି ଊନବିଂଶ ଶତାବ୍ଦୀର ପ୍ରାୟ ଶେଷ ପର୍ଯ୍ୟନ୍ତ ପୂର୍ଣ୍ଣମାତ୍ରାରେ ପ୍ରଚଳିତ ଥିଲା ।

ବସ୍ତୁତଃ ପୁଞ୍ଜିବାଦ ଫଳରେ ଇଂଲଣ୍ଡର ସମୂହ ଆର୍ଥିକ ଉନ୍ନତି ସମ୍ଭବ ହୋଇଅଛି । ସବୁ ଆଡ଼େ ବୈଜ୍ଞାନିକମାନେ ଓ ବ୍ୟବସାୟୀମାନେ ନୂଆ ନୂଆ ପନ୍ଥା ଆବିଷ୍କାର କରିବାରେ ପ୍ରାଣପଣ ଉଦ୍ୟମ କରି ସେ ଦେଶର ମୁଖ ଉଜ୍ଜ୍ୱଳ କରିପାରିଛନ୍ତି । ଆମେରିକାରେ ମଧ୍ୟ ପୁଞ୍ଜିବାଦ ପଦ୍ଧତିର ଅନୁସରଣ ଫଳରେ କଳ, କାରଖାନା, ଶସ୍ୟକ୍ଷେତ୍ର, ଗୋଚାରଣ ଓ ପଶୁଚାରଣ କ୍ଷେତ୍ର ଏପରି ପରିମାଣରେ ବୃଦ୍ଧିଲାଭ କରିଛି ଯେ, ଏହା ପୃଥିବୀରେ ସବୁଠାରୁ ଧନୀ ଦେଶ ହୋଇ ଉଠିଛି ।

କିନ୍ତୁ ବର୍ତ୍ତମାନ ସମୟକୁ ପୁଞ୍ଜିବାଦର ଅଧିକାଂଶ ପ୍ରୟୋଜନୀୟତାର ମୂଲ୍ୟ ଚାଲିଯାଇଛି । ପ୍ରଗତି ଫଳରେ ଅଳ୍ପ ଗୋଟିଏ ଗୋଟିଏ ବ୍ୟବସାୟ କରିବା ଏବେ ବ୍ୟୟସାଧ୍ୟ ହୋଇ ଉଠିଛି

ଯେ, ଯେ କୌଣସି ଲୋକ ଯେ କୌଣସି ଉଦ୍ୟମରେ କେବଳ ଦକ୍ଷ ହେଲେ ସୁଦ୍ଧା ସେ ସେହି ବ୍ୟବସାୟରେ ଶକ୍ତ ହୋଇପାରୁ ନାହିଁ । ଅଥବା ଯଦି ସେ ନିଜେ ଛୋଟ ଧରଣର ବ୍ୟବସାୟ ଗଢ଼ିବାକୁ ଯାଉଛି, ବିଶାଳ ବିଶାଳ କମ୍ପାନୀମାନଙ୍କ ପ୍ରତିଯୋଗିତାରେ ତାର ମୂଳଧନ ରସାତଳଗତ ହେଉଛି । ପୁଣି ସେ ଯେତେ ଦକ୍ଷ ହେଉ ନା କାହିଁକି, ବିଶାଳ କାରଖାନାମାନଙ୍କ ସହିତ ପ୍ରତିଯୋଗିତା କରି ସେ କାହିଁ ଶସ୍ତାରେ କିପରି ଯୋଗାଇପାରିବ ? ବଡ଼ ବଡ଼ କମ୍ପାନୀମାନେ ଯେତେ ଶସ୍ତାରେ କଞ୍ଚା ମାଲ କିଣିବେ, ସେ କାହିଁ ଅଳ୍ପ ମୂଳଧନରେ ଏତେ ଶସ୍ତାରେ କିଣିପାରିବ ? ବଡ଼ କାରଖାନାରେ କଞ୍ଚା ମାଲ ମୋଟ ଉପରେ ବ୍ୟବହାରରେ ଅଳ୍ପ ନଷ୍ଟ ହୁଏ; କିନ୍ତୁ ଛୋଟ ବ୍ୟବସାୟୀର ପ୍ରାୟ ଅନେକ ଭାଗ କଞ୍ଚା ମାଲ ପୋକା, ସଢ଼ା, ଚିରା ବା ଫଟା ହୋଇଥିବା ହେତୁରୁ ତ ନଷ୍ଟ ହୁଏ; ତା ଛଡ଼ା ଉପକରଣମାନଙ୍କରେ ଲାଗି ରହିଥିବାରୁ ହେଉ କିମ୍ବା ଧରିବା ଭୁଲ ଓ ମାପିବା ଫଳରେ ହେଉ ଅଧିକ କେତେ ନଷ୍ଟ ହେବ । ପୁଣି ବଡ଼ କମ୍ପାନୀର କଳ ଚବିଶ ଘଣ୍ଟା ଚାଲେ; ବୈଜ୍ଞାନିକମାନେ ନୂଆ ନୂଆ ପନ୍ଥାରେ ଗଢ଼ି ତାର ଉନ୍ନତି କରିପାରନ୍ତି । ଅଳ୍ପବିତ୍ତ ବ୍ୟବସାୟୀ କିପରି ସେମାନଙ୍କ ସହିତ ପ୍ରତିଯୋଗିତା କରିବ ?

ଫଳରେ ପୂର୍ବେ ଯେପରି ଯାହାର ଯେଉଁଥିରେ ଦକ୍ଷତା ଥିଲା ସେ ସେହି ବ୍ୟବସାୟ କରୁଥିଲା, ଆଜିକାଲି ସେ ସୁଯୋଗ ନ ଥିବାରୁ ଶିକ୍ଷିତ, ବୁଦ୍ଧିମାନ୍ ବା ପରିଶ୍ରମୀ ଲୋକଠାରୁ ଧନୀ ଓ ଉଦ୍ୟମୀ ଲୋକର ସୁବିଧା ଓ ସୁଯୋଗ ବେଶି ।

ଜଣେ ଲୋକ ଯଦି ଧନୀ ଘରେ ଜନ୍ମ ହେଲା, ତେବେ ସେ ସୁସ୍ଥ ସବଳ ହେଉ ବା ଖୋଡ଼ା ଲେଙ୍ଗା ହେଉ, ବୁଦ୍ଧିଆ ହେଉ ବା କମ୍ବୁଦ୍ଧିଆ ହେଉ, ଶିକ୍ଷିତ ହେଉ ବା ଅଶିକ୍ଷିତ ହେଉ, ବ୍ୟବସାୟର ବିଶାଳ ଦ୍ୱାର ତା ପାଇଁ ଉନ୍ମୁକ୍ତ । କିନ୍ତୁ ଦରିଦ୍ର ପରିବାରରେ ଯାହାର ଜନ୍ମ,

ସେ ଶିକ୍ଷିତ, ବୁଦ୍ଧିମାନ୍, ଗୁଣୀ ଓ ପରିଶ୍ରମୀ ସବୁ ହେଲେ ମଧ୍ୟ ତାର ଗୁଜରାଣ କରିବା ଛଡ଼ା ଗତ୍ୟନ୍ତର ନାହିଁ । ଯେ ଧନୀ ଘରେ ଜନ୍ମ ହେଲା, ତାର ନିଜର କୃତିତ୍ୱ କଅଣ ? ଧନୀ ଘରେ ବା ଦରିଦ୍ର ଘରେ ଜନ୍ମ ହେବା ତ କାହାରି ହାତର କଥା ନୁହେଁ ! ଏହି ଜନ୍ମଗତ ଅଧିକାରର ଜୋରରେ ଯେଉଁ ସମାଜରେ ଗୁଣ ବା ପରିଶ୍ରମର ମୂଲ୍ୟ ନିରୂପଣ କରାଯାଏ, ସେ ସମାଜ ନ୍ୟାୟ ଉପରେ ପ୍ରତିଷ୍ଠିତ ବୋଲି କୁହା ଯାଇ ପାରେ କି ?

ଆଉ ଟିକିଏ କଥାଟାକୁ ଅନୁଧ୍ୟାନ କଲେ ବୁଝାଯିବ, ଧନୀ ଲୋକର ଅର୍ଥ କଣ ? ଯାହାର ବାପ ବା ଗୋସେଇଁବାପ ପରିଶ୍ରମ ଫଳରେ ଟଙ୍କା ଅର୍ଜି ରଖିଦେଇ ଯାଇଛି ସେହି ତ ଧନୀ ଲୋକ । ବାପ ବଡ଼ବାପର ପରିଶ୍ରମଲବ୍ଧ ଧନରେ ଅପଦାର୍ଥ ନାତିଣର ପୁଅ ଗର୍ବିତ ହୋଇ ଉଠିବ କାହିଁକି ? ଜଗତରେ ସମସ୍ତେ ତ ପରିଶ୍ରମ କରୁଛନ୍ତି; ଜଣକର ବାପ ବଡ଼ବାପ ଏତେ ସମ୍ପତ୍ତି ରଖିଯିବାର ସୁଯୋଗ ପାଇବେ ବା କାହିଁକି ? ସମସ୍ତେ ପରିଶ୍ରମ କରୁଛନ୍ତି ସମାଜର ତୃପ୍ତିପାଇଁ । ସମସ୍ତ ପରିଶ୍ରମର ଉତ୍ପନ୍ନ ଫଳ ଯଦି ସମସ୍ତଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟା ଯାଆନ୍ତା, ତେବେ ଜଣେ ସଞ୍ଚି ରଖିବାର ସୁଯୋଗ ପାଆନ୍ତା କେଉଁଠାରେ ? ଜଣକର ଏତେ କାହିଁକି ଧନ ହେବ ଯେ ସେ ଗାଦିଗାଦି ପୁଞ୍ଜି ଅନନ୍ତ ସଞ୍ଚି ରଖିବ; ଆଉ ଜଣେ କାହିଁକି ଲୋକ ଉପାସରେ ରହିବ ? ଏହାର ଉତ୍ତରରେ କୁହାଯାଇଥାଏ ଯେ, ଜଣେ ଲୋକ ଯାହା ଅର୍ଜନ କଲା ତାହା ଯଦି ସେ ବର୍ତ୍ତମାନ ନିଜର ସୁଖରେ ବ୍ୟୟ ନ କରି ଭବିଷ୍ୟତରେ ସେ ବା ତାର ସନ୍ତାନସନ୍ତତି ବ୍ୟୟ କରିବେ ବୋଲି ରଖିଦେଲା, ତାହାହେଲେ ବର୍ତ୍ତମାନ ବ୍ୟୟ କରିଥିଲେ ତାର ଯେଉଁ ସୁଖ ଓ ସ୍ୱାଚ୍ଛନ୍ଦ୍ୟ ହୋଇଥାନ୍ତା ସେ ସବୁ ତ ସେ ତ୍ୟାଗ କଲା । ଏ ତ୍ୟାଗ ଫଳରେ ତା ମନରେ ଯେଉଁ ଅଶାନ୍ତି ହେଲା, ତାହା ଭବିଷ୍ୟତରେ ସେ ବା ତାର ସନ୍ତାନମାନେ ବ୍ୟୟ କରି ଯେଉଁ ଶାନ୍ତି ପାଇବେ ତାହା ସହିତ ସମାନ ବୋଲି ଧରିବାକୁ ତ ସେ ଭବିଷ୍ୟତକୁ ରଖିଲା । ତେଣୁ

ବର୍ତ୍ତମାନର ସ୍ୱାର୍ଥତ୍ୟାଗ ପାଇଁ ସେ ଭବିଷ୍ୟତରେ ସୁଖୀ ହେବାରେ ଅସଙ୍ଗତ କଅଣ ହୋଇପାରେ ?

ମୂଳ ହିସାବରେ ଅବଶ୍ୟ ଏହା ଆପାତ ଯୁକ୍ତିଯୁକ୍ତ ବୋଧ ହୋଇପାରେ । କିନ୍ତୁ ଏହା ସ୍ୱତନ୍ତ୍ରରେ ଦେଖାଯାଏ ଯେ, ଯେଉଁମାନେ ସଞ୍ଚୟ କରନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ଯଥେଷ୍ଟ ଭୋଗ ବିଳାସ ପରେ ବଳକା ଧନକୁ ଖର୍ଚ୍ଚ କରିବାର ବାଟ ପାଆନ୍ତି ନାହିଁ ବୋଲି ଏବଂ ଅନ୍ୟ କେତେକ ଭୁଲା ସଞ୍ଚୟରେହିଁ ତୃପ୍ତିଲାଭ କରନ୍ତି ବୋଲି ଧନ ସଞ୍ଚି ରଖନ୍ତି । ଏପରି ସ୍ଥଳେ ଭବିଷ୍ୟତରେ ଭୋଗ କରିବାପାଇଁ ବା ଭବିଷ୍ୟତ ବଂଶଧରଙ୍କୁ ସୁଖ ଦେବା ଉଦ୍ଦେଶ୍ୟରେ ସେମାନେ ବର୍ତ୍ତମାନ ସ୍ୱାର୍ଥ ତ୍ୟାଗ କଲେ ବୋଲି କହିବା ନିତାନ୍ତ ହାସ୍ୟାସ୍ପଦ କଥା । ଯେଉଁମାନେ ସଞ୍ଚନ୍ତି, ସେମାନେ ପ୍ରାୟ କିଛି ସ୍ୱାର୍ଥତ୍ୟାଗ କରନ୍ତି ନାହିଁ ।

ଆଗେ ଅର୍ଥନୀତିଜ୍ଞମାନେ କହୁଥିଲେ ଯେ, ଟଙ୍କା କରଜ ଲଗାଇଲେ ମହାଜନ ଯେଉଁ 'ସୁଧ' ନିଏ, ତାହା ତାର ବର୍ତ୍ତମାନର ସ୍ୱାର୍ଥତ୍ୟାଗ ଓ ଭବିଷ୍ୟତର ଅନିଶ୍ଚିତତା ଏହି ଦୁଇଟିର ମୂଲ୍ୟ । କିନ୍ତୁ କାଳକ୍ରମେ ଏ ଯୁକ୍ତି ବଦଳାଇବାକୁ ହେଲା । ସେମାନେ ବର୍ତ୍ତମାନ କହନ୍ତି ଯେ, ଯେଉଁମାନେ ନିଜର ଟଙ୍କାକୁ ଧରକୁ ବା ବ୍ୟାଙ୍କକୁ ଦିଅନ୍ତି ସେମାନେ ନିଜର ଟଙ୍କାକୁ ଫେରପାଇବାପାଇଁ ଯେଉଁ ଅପେକ୍ଷା କରି ବସନ୍ତି, 'ସୁଧ' ସେହି ଅପେକ୍ଷା କରି ବସିବାଟାର ମୂଲ୍ୟ ।

ସେ ଯାହା ହେଉ, ମାନବ ସମାଜ ନ୍ୟାୟ ଓ ଧର୍ମ ଉପରେ ପ୍ରତିଷ୍ଠିତ ବୋଲି ଯଦି କୁହାଯାଉଥାଏ, ତେବେ ଜଣେ ଖାଇବାକୁ ପାଉ ନ ଥିବା ବେଳେ ଆଉ ଜଣେ ସଞ୍ଚି ରଖିବାର ଅଧିକାର ପାଇବ କିପରି ?

ତେଣୁ ସାମ୍ୟବାଦୀମାନେ କହନ୍ତି, ଭବିଷ୍ୟତରେ ଯେଉଁ ସମାଜ ଗଢ଼ା ହେବ, ସେଥିରେ ସଞ୍ଚି ରଖିବାପାଇଁ କୌଣସି

ବ୍ୟକ୍ତିବିଶେଷଙ୍କ ଅଧିକାର ରହିଥିବ ନାହିଁ। ସମସ୍ତେ ପରିଶ୍ରମ କରିବେ ଏବଂ ପରିଶ୍ରମର ପରିମାଣରେ ସେମାନଙ୍କର ଯାହା ଯାହା ଲୋଡ଼ା କେବଳ ତାହା ପାଇବେ। ବ୍ୟବସାୟର ମୂଳଧନ ସ୍ୱରୂପ ସମ୍ବଳପାଇଁ ଯାହା ଲୋଡ଼ା, ସମାଜ ସବୁ ସଞ୍ଚିବ; ସମାଜ କଳ କାରଖାନା ଗଢ଼ିବ। ଦେଶବାସୀ କେବଳ ପରିଶ୍ରମ କରିବେ ଓ ଖଟିବେ। ସଞ୍ଚିବାର ସୁଯୋଗ କାହାରିକୁ ମିଳିବା ଉଚିତ ନୁହେ।

—ଦୁଇ—

ଅନ୍ୟ ଗୋଟାଏ ଦିଗ ଦେଖାଯାଉ। ସମାଜରେ ସମସ୍ତେ ପରିଶ୍ରମ କରୁଛନ୍ତି ସମାଜର ତୃପ୍ତି ଲାଗି। କିନ୍ତୁ ସମସ୍ତେ ତ ସବୁ ପାଇଁ ବାଞ୍ଛା କରନ୍ତି। ଅଥଚ ଦେଖାଯାଉଛି ଯେ, ଜଗତରେ କେତେଗୁଡ଼ିଏ ତୃପ୍ତି ଅଛି, ଯାହାର ମୂଲ୍ୟ ଟଙ୍କା ପଇସାରେ ଧାର୍ଯ୍ୟ ହୁଏ ନାହିଁ। ସେ ସୁଖ ପାଇଁ କେଉଁ ବ୍ୟବସାୟୀ ଯତ୍ନ କାହିଁକି କରିବ ? ଏପରି କେତେଗୁଡ଼ିଏ ଜିନିଷ ଅଛି, ଯାହାର ମୂଲ୍ୟ ଅନେକ ଲୋକ ମଧ୍ୟ ଜାଣେ ନାହିଁ। ମନେକର ବସନ୍ତ ପ୍ରତିଷେଧକ ଟୀକା। ଗାଁ ଗହଳର ଲୋକେ ତାର ଉପକାରିତା ବୁଝନ୍ତି ନାହିଁ। ତେଣୁ ପଇସା ଦେଇ କିଏ ଟୀକା ନେବ ? ଅବଶ୍ୟ ଯେଉଁମାନେ ଟୀକାର ଉପକାରିତା ବୁଝନ୍ତି, ସେମାନେ ମାଗଣାରେ ନ ମିଳିଲେ ମଧ୍ୟ ଡାକ୍ତର ହାତ ପଇସା ଦେଇ ଟୀକା ନେବେ। କିନ୍ତୁ ଏପରି ଅନେକ ଲୋକ ଅଛନ୍ତି ସେମାନେ ମାଗଣା ପାଉଥିଲେ ମଧ୍ୟ ଟୀକା ନେବେ ନାହିଁ। ଅବିମିଶ୍ର ବ୍ୟକ୍ତିବାଦ ଏ ସବୁ ଅଭାବ ଦୂର କରିବାକୁ ଆଦୌ ଯତ୍ନ କରେ ନାହିଁ। ତେଣୁ ସମାଜ ବା ସରକାର ଏ ଦିଗରେ ଯତ୍ନ କରେ।

ଏପରି କେତେ ଜିନିଷ ଅଛି, ଯାହା ପ୍ରତି କେହି ଯତ୍ନ କରନ୍ତି ନାହିଁ। ଅବର୍ଜନା ସଫା କରିବା ସ୍ୱାସ୍ଥ୍ୟ ପକ୍ଷରେ କେତେ-

ଘୃଣାକର ! କିନ୍ତୁ ଗାଁ ଗହଳର ଦାଣ୍ଡରେ ଘାଟରେ ଯେଉଁ ମଇଳା ପଡ଼ି ରହେ, ତାକୁ କିଏ ସଫା କରେ ? ଅଜ୍ଞ ଜନତା ଏହା ବୁଝିପାରେ ନାହିଁ; ତେଣୁ ରୋଗ ଦୁଃଖରେ ପଡ଼ି ସଢ଼ୁଥାଏ । ଅଧିକନ୍ତୁ ପୁଞ୍ଜିପତି ସେ ଅଡ଼କୁ ଦୃଷ୍ଟିପାତ କରେ ନାହିଁ । ଯେଉଁ ସ୍ଥାନମାନଙ୍କରେ ମୁନାଫାମିଳିବ ନାହିଁ, ସେ ଭାଗରେ ସମାଜ ବା ସରକାର ମଧ୍ୟ ସେ ଦିଗକୁ ଆଦୌ ଦୃଷ୍ଟି ଦିଅନ୍ତି ନାହିଁ ।

ସେହିପରି ଶିକ୍ଷା, ସଡ଼କ, ଶାନ୍ତିରକ୍ଷା ପ୍ରଭୃତି କେତେକ ଜିନିଷ ଯାହାର କି ଟଙ୍କା ପଇସାରେ ମୂଲ୍ୟ ଧାର୍ଯ୍ୟ କରି ହେବ ନାହିଁ, ସେ ଗୁଡ଼ିକ ସମାଜ ନିଜ ହାତରେ ଅର୍ଥାତ୍ ସରକାରଦ୍ୱାରା କରଏ । କିନ୍ତୁ ସରକାର ତ ସବୁ ବିଷୟରେ ପଡ଼ିବାକୁ ଦିଅନ୍ତି ନାହିଁ । ସେ ତା ପିଲାକୁ ଶିକ୍ଷା ଦେବାକୁ ନ ଚାହେଁ, ସରକାର ତାକୁ ବାଧ କରନ୍ତି ନାହିଁ । ମାତ୍ର ଦେଶରେ ବହୁତ ଅଶିକ୍ଷିତ ଲୋକ ରହିଲେ ଦେଶର ପ୍ରକୃତ କଲ୍ୟାଣ ହେବ କିପରି ?

ମୋ ପୁଅ ଶିକ୍ଷିତ ହେଲେ ମୋ ହୃଦୟରେ ଯେଉଁ ତୃପ୍ତି ହୁଏ ବା ପୁଅର ଯେଉଁ ଉପକାର ହୁଏ, ସଡ଼କରେ ଗାଡ଼ି ଯିବାରେ ମୋର ଯେଉଁ ସୁବିଧା ହୁଏ, ଦେଶ ଚୋରର ଉପଦ୍ରବରୁ ରକ୍ଷା ପାଇଲେ କିମ୍ବା ଶତ୍ରୁ କବଳରୁ ରକ୍ଷିତ ହେଲେ ମୋର ନିଜର ଯେଉଁ ଉପକାର ହେଲା, ତାର ମୂଲ୍ୟ କେତେ, ଏହା ସ୍ଥିର କରି ହେବ ନାହିଁ । କିନ୍ତୁ ପୁଞ୍ଜିପତି ସଡ଼କ, ଶିକ୍ଷା, ଶାନ୍ତିରକ୍ଷା କଲେ ତ ଲାଭ ପାଇବ ନାହିଁ । ତେଣୁ ପୁଞ୍ଜିପତି ଯେଉଁ ଅଧିକ ବା ଲାଭ ପାଏ ଯାହା ନ କରିବ, ସମାଜ ସେଥିରୁ କେତେକାଂଶ ନିଜ ହାତରେ ଓ ସମୟସମୟରେ କର ଚଳିବାରେ ଯୋଗାଏ ।

ଅବଶ୍ୟ ଶିକ୍ଷାଦାନ କରିବା ପାଇଁ ସମାଜ ମୁଖ୍ୟମାନଙ୍କରେ କେତେକ ଅର୍ଥ ଦିଏ । କିନ୍ତୁ ଏହି ଦାନଦାତାଙ୍କ ଅନୁଷ୍ଠାନଗୁଡ଼ିକ

ଚଳପାରେ ନାହିଁ । ପୁଣି ଦକ୍ଷ ଅଥଚ ବୁଦ୍ଧିମାନ ଲୋକମାନଙ୍କ ପାଇଁ ସମାଜ ବୃତ୍ତି କରିଦିଏ । ଏହା ଫଳରେ ଦେଶରେ କେବଳ ଅର୍ଥର ଅଭାବରେ ପ୍ରତିଭା ବିକାଶ ପଥରେ ଯେପରି ବାଧା ନ ହୁଏ ତାହାର ବ୍ୟବସ୍ଥା କରାହୁଏ । ଏପରି କେତେ ଲୋକ ଅଛନ୍ତି, ଯେଉଁମାନଙ୍କର ପ୍ରତିଭା ପ୍ରଥମରୁ ଜଣା ନ ପଡ଼ି କେତେକ ବୟସ ହେଲେ ଦୃଷ୍ଟିଗୋଚର । ସେମାନଙ୍କୁ ପ୍ରଥମରୁ ଭଲ ବେତନରେ ପଢ଼ିବାକୁ ସୁବିଧା ଦିଆହୁଏ ।

ଆଉ କେତେଗୁଡ଼ିଏ ଜିନିଷ ଅଛି ଯାହାକୁ ଅବମିଶ୍ର ପୁଞ୍ଜିବାଦ-ହାତରେ ଛାଡ଼ିଦେଲେ ହେବ ନାହିଁ, ଯଥା—ମଦ୍ୟ । ସମସ୍ତେ ଯଦି ମଦ୍ୟ ଭଳି ଯେଉଁଠାରେ ଇଚ୍ଛା ସେଠାରେ ବିକ୍ରି କରନ୍ତି, ତାହାହେଲେ ଦେଶରେ ସମସ୍ତେ ମଦ୍ୟପ ହୋଇ ଉଠିବେ । ସେହିପରି ସମସ୍ତେ ଯଦି ଅସ୍ତ୍ରଶସ୍ତ୍ର ତିଆରି କରନ୍ତି, ତେବେ ଦେଶରେ ଦଙ୍ଗା ହଙ୍ଗାମା ସବୁବେଳେ ଲାଗିରହିବ । ତେଣୁ ସମାଜ ଏଗୁଡ଼ିକୁ ନିଜ ହାତକୁ ନିଏ ।

ତଥାପି ପୁଞ୍ଜିବାଦ ହାତରେ କେତେକ ଜନତାର ସ୍ୱାଧୀନତା ନଷ୍ଟ ହୋଇଛି, ତାକୁ ସେ କଥାର ବ୍ୟବହାର କରେ ଦେଖାଯାଉ । ଯେଉଁଠାରେ ଲାଭ ବେଶି, ବ୍ୟବସାୟୀ ତ ସେଇଥିରେ ଲାଗିବ । ଅଧିକାଂଶ ଲୋକ ଯଦି ବାୟସ୍କୋପ ଦେଖିବାକୁ ଚାହିଁବେ, ବ୍ୟବସାୟୀମାନେ ଖାଲି ବାୟସ୍କୋପ ବ୍ୟବସାୟରେ ଲାଗିଯିବେ । କିନ୍ତୁ ଦେଶରେ ଦୁର୍ଭିକ୍ଷ ପଡ଼ି ଲକ୍ଷ ଲକ୍ଷ ଲୋକ ମରୁଥିଲେ ମଧ୍ୟ, ଲାଭର ଆଶା ନ ଥିଲେ ବ୍ୟବସାୟୀ ସେଥିରେ ପଶିବ ନାହିଁ ।

ଏହିପରି ସ୍ଥଳରେ ବିଚାର କଲେ ବୁଝାଯିବ ସମାଜର ବାୟସ୍କୋପ କେତେ ପ୍ରୟୋଜନ ନା ଖାଦ୍ୟ କେତେ ପ୍ରୟୋଜନ । ଯଦି ସମାଜ ଦେଶର ସମସ୍ତ ସାମଗ୍ରୀ ନିଜେ ପ୍ରସ୍ତୁତ କରୁଥାନ୍ତା, ତେବେ ଦୁର୍ଭିକ୍ଷବେଳେ ଆବଶ୍ୟକ ହେଲେ ବାୟସ୍କୋପ ବନ୍ଦ କରି ଲୋକମାନଙ୍କୁ କେବଳ ଖାଦ୍ୟ ଯୋଗାଇବାର ବ୍ୟବସ୍ଥା କରନ୍ତା ।

ତେଣୁ ସାମ୍ୟବାଦୀମାନେ କହନ୍ତି, ଭବିଷ୍ୟତର ସମାଜ ଏପରି ଗଠିତ ହେବା ଉଚିତ, ପ୍ରଥମେ ସମାଜ ସମସ୍ତ ଯୋଜନା ପ୍ରସ୍ତୁତ କରିପାରି ଯେଉଁ ଜିନିଷ ଯେତେ ଦରକାର ତାହା ଆଗେ ପ୍ରସ୍ତୁତ କରିପାରି ସାରିଲେ ବିଳାସ ବା ବ୍ୟସନ ଆଡ଼କୁ ଯେପରି ମନ ବଳାଇବ ।

—ତିନି—

ପୁଣି ଆଉ ଗୋଟିଏ କଥା ଦେଖାଯାଉ । ପୁଞ୍ଜିବାଦ ପଦ୍ଧତିରେ ପ୍ରତ୍ୟେକ ବ୍ୟବସାୟୀ ଯେଉଁ ଥିରେ ଲାଭ ହେବ, ସେହି ବ୍ୟବସାୟରେ ଲାଗିବ । ସମସ୍ତେ ତ ଅନ୍ଧଭାବରେ ଚାଲନ୍ତି । ମନେକର ଦେଶରେ ବହୁତ ମଟର ଗାଡ଼ି ଲୋଡ଼ା ହେଲା । ଅନେକ ବ୍ୟବସାୟୀ ସେଥିରେ ଲାଗିପଡ଼ିଲେ । ଫଳରେ ଦେଖାଗଲା, ଦେଶରେ ଯେତେ ମଟର ଗାଡ଼ି ଲୋଡ଼ା, ତାହାଠାରୁ ବହୁତ ବେଶି ଗାଡ଼ି ପ୍ରସ୍ତୁତ ହୋଇ ସାରିଛି । ତେଣୁ ପ୍ରତ୍ୟେକ ବ୍ୟବସାୟୀ ଖଣ୍ଡପତ୍ର ଅଧ ଖର୍ଚ୍ଚ ବ୍ୟୟ କରି ଗ୍ରାହକ ଖୋଜି ବସିଲେ । ଭୁଲ ଅଙ୍କ ଗଡ଼ି । ପ୍ରଥମରେ ତ ମଟର ଗାଡ଼ି ତିଆରିରେ ଯେତେ ମୂଳଧନ ଓ ପରିଶ୍ରମ ବ୍ୟୟିତ ହେବାର କଥା, ତାହାଠାରୁ ବେଶି ବ୍ୟୟିତ ହେଲା । ଦ୍ୱିତୀୟରେ ଏହି ବେପାରୀମାନେ ନିଜସ୍ୱ ଜିନିଷ ଦେଶବାସୀମାନଙ୍କ ଉପରେ ଲଦିବାକୁ ବିଜ୍ଞାପନରେ ଅଯଥା ଖର୍ଚ୍ଚ କରିଗଲେ । ଏହା ଫଳରେ ପୁଣି ମଟରଗାଡ଼ି ଶସ୍ତାରେ ବିକିବାକୁ ହେଲା । ତେଣୁ ଯେଉଁ ବ୍ୟବସାୟୀ ବେଶି ଖର୍ଚ୍ଚରେ ଗାଡ଼ି ତିଆରି କରିଛି, ତାକୁ ବ୍ୟବସାୟ ବନ୍ଦ କରିବାକୁ ହେଲା ଓ ତା କାରଖାନାରେ କାମ କରୁଥିବା ଶ୍ରମିକମାନଙ୍କ ବିନା ଦୋଷରେ ବେକାର ହେଲେ ।

ପୁଣି ଦେଶରେ ତ ବହୁ ଅମାପ ମୂଳଧନ ନାହିଁ; ତାର ବହୁ ହେଲେ ଗୋଟାଏ ସୀମା ଅଛି । ମଟର ଗାଡ଼ି ବ୍ୟବସାୟରେ ଯେବେ ଅପେକ୍ଷାକୃତ ବେଶି ଖର୍ଚ୍ଚ ହେଲା, ଅନ୍ୟ ଅନେକ ଜିନିଷ କମ୍ ଖର୍ଚ୍ଚ

ହେବ । ଫଳରେ ସମାଜ ଅନ୍ୟ ପ୍ରୟୋଜନୀୟ ଜିନିଷର ଅଭାବ ଅନୁଭବ କରିବ ।

ପୁଣି ଏହିପରି କୌଣସି ଉପାୟରେ ସାମୟିକ ସ୍ୱଳ୍ପତା ଫଳରେ କେତେ ବ୍ୟବସାୟୀ ସର୍ବସ୍ୱାନ୍ତ ହେଉଅଛନ୍ତି, କେତେ ଶ୍ରମିକ ବେକାର ହେଉଅଛନ୍ତି, ତାର ସଂଖ୍ୟା କିଏ ରଖୁଛି ?

ଅନେକ ପ୍ରାୟ ପ୍ରତି ଦଶ ପାଞ୍ଚ ବର୍ଷରେ ଥରେ ଲେଖାଏଁ ଦେଶରେ ବ୍ୟବସାୟ ମାନ୍ଦା ହୋଇ ଯାଏ । ସେତେବେଳେ ପ୍ରାୟ ସବୁ ବ୍ୟବସାୟରେ ବ୍ୟୟସଙ୍କୋଚନ ହେଇ ପଡ଼େ; ଶ୍ରମିକମାନେ ଦଳକୁ ଦଳ ବେକାର ହୋଇ ଯାଆନ୍ତି । ଏଥିରୁ ପାଇଁ ପୁଞ୍ଜିବାଦର ଜବାବ କିଛି ନାହିଁ ।

ତେଣୁ ସାମ୍ୟବାଦୀମାନଙ୍କ ମତରେ ଆଗରୁ ସାମାଜିକ ଯୋଜନା କରି ଜିନିଷ ପ୍ରସ୍ତୁତ କରିବା ସମାଜର ହିତ ଦୃଷ୍ଟିରୁ ଏ ସବୁର ପ୍ରକୃଷ୍ଟ ପ୍ରତିକାର । ଏପରି କରିବାର ଉଦ୍ଦେଶ୍ୟ ଦୁଇଟି :—

ପ୍ରଥମରେ ସମାଜର ହିତ ନିମନ୍ତେ ପ୍ରକୃତ ଯାହା କିଛି ମାଲ ଦରକାର ରହିଛି, ତାର ହିସାବ ସର୍ବାଙ୍ଗୀନ ବ୍ୟବସ୍ଥାର ହେବ, ତାହା ଦେଶର ହିତାକାଂକ୍ଷୀ ବା ବୈଜ୍ଞାନିକପଦ୍ଧତିମୂଳକ ସମିତି ଦ୍ୱାରା ସ୍ଥିର ହେବା ଉଚିତ । ଦେଶର ପ୍ରୟୋଜନ କଣ ତାହା ଆଗେ ସ୍ଥିର କରି ସମାଜ ହାତରେ ମହଜୁଦ ଥିବା ମୂଳଧନ କିପରି ବାଣ୍ଟିଲେ ସମାଜର ସବୁଠାରୁ ବେଶି ହିତ ହେବ, ତାହା ସ୍ଥିର କରାଯିବ । ତତ୍ପରେ ସ୍ଥିର ହେବ ଯେ, ଦେଶର ମୂଳଧନରୁ ଶତକଡ଼ା ୩୦ ଅଂଶ ଖାଦ୍ୟ ଓ ବସ୍ତ୍ର ପ୍ରସ୍ତୁତ କରିବାରେ ବ୍ୟୟ ହେବ, ଶତକଡ଼ା ୨୦ ଅଂଶ ଅବଶ୍ୟ ବ୍ୟବହାର୍ଯ୍ୟ ଜିନିଷରେ ବ୍ୟବହୃତ ହେବା ଉଚିତ ।

ଦ୍ୱିତୀୟରେ ପ୍ରତି ବ୍ୟବସାୟରେ ଜନତାକୁ ଯେତେ ଦର ସେଥିରୁ କେଉଁ କାରଖାନାରେ କେଉଁ ଜିନିଷ କେତେ ପରିମାଣରେ

ପ୍ରସ୍ତୁତ ହେବ, ତାହା ସ୍ଥିର କରାହେବ । ଏପରି ହେଲେ ଦେଶର ଜନସାଧାରଣଙ୍କ ମଙ୍ଗଳପ୍ରଦ ଥିବା କଞ୍ଚା ମାଲର ସବୁଠାରୁ ଅଧିକ ସଦ୍ବ୍ୟବହାର ହେବ ଓ ବ୍ୟବସାୟରେ ଅନାବଶ୍ୟକ ବହୁତ ଅପ୍ରୟୋଜନ ବ୍ୟୟର ମଧ୍ୟ ସଂକୋଚ ହେବ । ଅତଏବ ପୁଞ୍ଜିବାଦ ପଦ୍ଧତିରେ ଏ ଦୁଇଟି ଉଦ୍ଦେଶ୍ୟ ସାଧିତ ହେବା ଅସମ୍ଭବ ।

—ଚାରି—

ପୁଣି ଗୋଟିଏ କଥା ଦେଖିବା ଦରକାର । ବ୍ୟବସାୟୀ ତାର ବ୍ୟବସାୟଲବ୍ଧ ଧନରୁ କେତେ ଅଂଶ ଶ୍ରମିକକୁ ଦିଏ ? ମନେକର, ଜଣେ ବ୍ୟବସାୟୀ କଣ୍ଢେଇ ତିଆରି କରୁଛି । ଗୋଟିଏ କଣ୍ଢେଇର ମୂଲ୍ୟ ଯଦି ଛଅଣାଟିଏ ହୁଏ, ବ୍ୟବସାୟୀ ସେଥିରୁ ଦୁଇ ଅଣା କିମ୍ବା ତିନି ଅଣା କଞ୍ଚାମାଲ ବାବଦକୁ ଦେବ ଅର୍ଥାତ୍ କଣ୍ଢେଇରେ ବ୍ୟବହୃତ ହୋଇଥିବା କାଠ ଓ ରଙ୍ଗର ଦାମ ପାଇଁ ଦୁଇ ଅଣା ବା ତିନି ଅଣା ଯିବ । ସେହି ମୂଳ ଧନରେ ସେ ଯେଉଁ କାରଖାନା କରି ବସାଇଛି, ସେ ଖର୍ଚ୍ଚକୁ ଏକ ବା ଦେଢ଼ ଅଣା ଯିବ; କେରାଣୀମାନଙ୍କ ଦରମା ପାଇଁ ଦେଢ଼ ଅଣା ଯିବ । ବାକିଟା ଯାହା ବଳିବ, ସେଥିରୁ ସେ ନିଜେ କିଛି ନେବ ଓ ଶ୍ରମିକମାନଙ୍କୁ ଦେବ । ବଜାରରେ ଶ୍ରମିକର ତ ଅଭାବ ନାହିଁ । ତେଣୁ ପ୍ରତିଯୋଗିତା ଫଳରେ ଶ୍ରମିକର ମୂଲ ଯେତେ କମ୍ ହୋଇପାରେ, ବ୍ୟବସାୟୀ ତାକୁ ସେତିକି ମାତ୍ର ଦିଏ; ବାକିଟା ନିଜେ ଲାଭ ସ୍ୱରୂପ ନିଏ ।

ତେଣୁ ଶ୍ରମିକର ମୂଲ ପ୍ରାୟ ସବୁଠାରୁ କମ୍ ହୁଏ । କିନ୍ତୁ ବାସ୍ତବରେ ଶ୍ରମିକର ପରିଶ୍ରମର ମୂଲ୍ୟ କେତେ ? ଟିକିଏ ଦୃଷ୍ଟି କରିଲେ, ଜଗତରେ ଯେତେ ଜିନିଷ ଅଛି ସେ ସବୁ ପ୍ରାକୃତିକ ପଦାର୍ଥ ସହିତ ମନୁଷ୍ୟର ପରିଶ୍ରମ ମିଶି ଉତ୍ପନ୍ନ ହୋଇଛି । କଣ୍ଢେଇରେ ଲାଗିଥିବା

ହିଣ, କାଚ, ଲଣ୍ଠନ ଠାରୁ କରୁଥିବା କଳ ଓ କାରଖାନାରେ ରହିଥିବା ମୂଳଧନ ସବୁ ତ ମନୁଷ୍ୟର ପରିଶ୍ରମର ଫଳ ।

ପ୍ରକୃତି ତାର ସାମଗ୍ରୀ ମନୁଷ୍ୟର ସେବାପାଇଁ ସଜାଇ ରଖିଛି । ମଣିଷ କହୁଛି, 'ଏ ଜମିଟି ମୋର', 'ସେ ଝରଣାଟି ତୋର', 'ସେ କାରଖାନାଟି ତାର' । ପ୍ରକୃତି କିନ୍ତୁ କାହାରି କେଉଁ ଜଣଙ୍କ ବୋଲି କହି ସୂଚନା ଦେଇ ନାହିଁ । ଜଳ, ବାୟୁ, ଗଛ, କାଠ, ପଥର, ସୁନା, ରୁପା, କୋଇଲା ସବୁ ପୃଥିବୀର ଗର୍ଭରେ ଭରା ରହିଛି । ମଣିଷ ପରିଶ୍ରମ କରିବ ଓ ଉପଭୋଗ କରିବ । ଏଥିରେ 'ତୋର' 'ମୋର' ଭେଦ ମଣିଷ ତାର ନିଜର ଅର୍ଥାତ୍ ବଳବାନ ଲୋକର ସୁବିଧା ପାଇଁ କରି ରଖିଛି ।

ପ୍ରତ୍ୟେକ ଜିନିଷର ମୂଲ୍ୟ ଯଦି ପରିଶ୍ରମରୁ ଉତ୍ପନ୍ନ ହୁଏ, ତେବେ ଏ 'ତୋର' 'ମୋର' ଭେଦଭାବ କରି ସବୁ ହଡ଼ପ କରିବାର ଅର୍ଥ କ'ଣ ? ସମାଜ ଯଦି ସବୁ ମୂଳଧନର ମାଲିକ ହୁଅନ୍ତା, ପରିଶ୍ରମୀ ତାର ପରିଶ୍ରମ ମୁତାବକ ପାରିଶ୍ରମିକ ପାଇ ସୁଖରେ ରହନ୍ତା; ସମସ୍ତେ ନିଜ ଶକ୍ତିରେ ପରିଶ୍ରମ କରିବାକୁ ବାଧ୍ୟ ହୁଅନ୍ତେ । ଆଳସ୍ୟପରାୟଣ ଅକର୍ମଣ୍ୟ ଧନୀର ସ୍ଥାନ ସମାଜରେ ରହନ୍ତା ନାହିଁ । ଜଣକର ପରିଶ୍ରମର ଫଳ ଆଉ ଜଣେ ସଞ୍ଚି ରଖି ଧନୀ ହେବାର ସୁଯୋଗ ପାଆନ୍ତା ନାହିଁ ଓ ଉଦ୍ବୃତ୍ତ ସମସ୍ତ ଧନରାଶି ସମାଜର ଅର୍ଥାତ୍ ସମଗ୍ର ମାନବଗୋଷ୍ଠୀର ଅଧିକାରରେ ରହନ୍ତା । ଯେଉଁମାନେ ବୃଦ୍ଧ, ରୁଗ୍ଣ ବା ପରିଶ୍ରମ କରିବାକୁ ଅକ୍ଷମ, ସେମାନେ ସମସ୍ତେ ସମାଜରୁ ତାଙ୍କର ସମସ୍ତ ପ୍ରୟୋଜନୀୟ ଦ୍ରବ୍ୟ ବିନାମୂଲ୍ୟରେ ପାଆନ୍ତେ । ପରିଶ୍ରମହିଁ ସବୁ ମୂଲ୍ୟ, ସବୁ ଧନର ମୂଳ କାରଣ । ପରିଶ୍ରମହିଁ ବ୍ୟବସାୟର ସମସ୍ତ ଲାଭ ପାଆନ୍ତା ।

ଏହି ସବୁ ଚିନ୍ତାଧାରା ବିଗତ କେତେ ଶତାବ୍ଦୀ ଧରି ମନୁଷ୍ୟର ମନକୁ ଦୋହଲାଇ ଦେଇ ଆସୁଅଛି । ଅବଶିଷ୍ଟ ପୁଞ୍ଜିବାଦର

ଭବିଷ୍ୟତ ଯେ ଅନିଶ୍ଚିତ, ଅବମିଶ୍ର ଯୁକ୍ତିବାଦର ବିଫଳତା ସମାଜ ଯୋ-ଜନସ୍ଥିତି କରିବା ଉଚିତ, ଏ ବିଷୟରେ ମତଦ୍ୱୈଧ ଥିବା ନାହିଁ। ବସ୍ତୁତଃ ଅବମିଶ୍ର ଯୁକ୍ତିବାଦ ପ୍ରାୟ ସବୁ ଦେଶରୁ ଉଠିଯିବାକୁ ବସିଲାଣି।

କିନ୍ତୁ ଯୁକ୍ତିବାଦକୁ ଛଡ଼ାଇ ଦେଲାପରି ଅନ୍ୟ କେଉଁ ନବୀନ ପନ୍ଥା ଅବଲମ୍ବନ କଲେ ସର୍ବଶୁଭ ହେବ, ଏ ବିଷୟରେ ମାନବ ଜାତି ଏକ ନିଶ୍ଚିତ ସିଦ୍ଧାନ୍ତ କରିପାରି ନାହିଁ। ଯୁକ୍ତିବାଦର ପରିବର୍ତ୍ତରେ ଆଜି କେଉଁ ସବୁ ପନ୍ଥା ସୂଚିତ ହୋଇଅଛି, ତାହା ପରବର୍ତ୍ତୀ ଅଧ୍ୟାୟରେ ଆଲୋଚିତ ହେବ।

## ଷଷ୍ଠ ପରିଚ୍ଛେଦ

## ପରିବର୍ତ୍ତନବାଦ

—ଏକ—

ପୁଞ୍ଜିବାଦର ଯେ କୌଣସି ପରିବର୍ତ୍ତନ କରିବାକୁ ଗଲେ ତାର ଉଦ୍ଦେଶ୍ୟ ହେବ :

(କ) ପ୍ରତ୍ୟେକ ଦେଶର ଉପସ୍ଥିତ ପ୍ରାକୃତିକ ସାମଗ୍ରୀକୁ କିପରି ସବୁଠାରୁ ଅଧିକ କାର୍ଯ୍ୟକ୍ଷମ ଭାବରେ ସମାଜର ସେବାରେ ଲଗାଯାଇପାରେ;

(ଖ) ଦେଶରେ ମିଳୁଥିବା ସମସ୍ତ ଶ୍ରମିକ ଶକ୍ତିକୁ କିପରି ସମାଜର ପ୍ରୟୋଜନରେ ବ୍ୟବହାର କରାଯିବ;

(ଗ) ଦେଶର ସମସ୍ତ ଅର୍ଥ କିପରି ସମସ୍ତଙ୍କ ମଧ୍ୟରେ ଯଥାସମ୍ଭବ ନ୍ୟାୟସଙ୍ଗତ ଭାବରେ ବଣ୍ଟାଯିବ ।

ପୁଞ୍ଜିବାଦ ପକ୍ଷରେ ଏ ତିନୋଟିଯାକ ଉଦ୍ଦେଶ୍ୟ ଅପୂର୍ଣ୍ଣ ରହେ । ଦେଶରେ ମିଳୁଥିବା ସମସ୍ତ ପ୍ରାକୃତିକ ସାମଗ୍ରୀ ସମାଜର ସେବାରେ ଲାଗିଛି ତ ନାହିଁ, ବ୍ୟବସାୟୀର ମୁଖ୍ୟ ଚେଷ୍ଟାରେ ସୁଦ୍ଧା ନାହିଁ । ଦେଶର ସମସ୍ତ ଶ୍ରମିକ କାମରେ ଲାଗିଲେ ତ ନାହିଁ, ସେ

ଦଶରେ ତାର ଲକ୍ଷ୍ୟ କରିବାର ପ୍ରୟୋଜନ ନାହିଁ । ସମାଜବ ଅପୁ ଓ ପୁଞ୍ଜିବାଦ ସମ୍ବନ୍ଧରେ ଅଧୌ ସ୍ପଷ୍ଟ ଭାବରେ ବର୍ଣ୍ଣାଯାଏ ନାହିଁ ।

ଏସବୁ କାରଣରୁ ନାନା ଧରଣର ସମାଜବାଦମୂଳକ ଚେଷ୍ଟା ବହୁଳ ଦେଶରେ ଦୃଷ୍ଟ ହୋଇଅଛି । ପୁଞ୍ଜିବାଦର ଗଣ୍ଡି ମଧ୍ୟରେ ସମାଜବା- ସରକାର କେତେ ଅଲଗ ପ୍ରଶାସନ କରି ଆଂଶିକ ଭାବରେ ସମାଜର ଉପକାର କରିବାର ଚେଷ୍ଟା କରେ, ତାହା ପୂର୍ବବର୍ତ୍ତୀ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । ପ୍ରାୟ ଅଧିକାଂଶ ଦେଶରେ ସମାଜ ନିଜ ହାତକୁ ଅଳ୍ପ କେତୋଟି ବ୍ୟବସାୟ ନେଇଛି । ଗତ ୧୯୩୩ ମସିହାର ଅର୍ଥନୈତିକ ସଂକଟ ସମୟରୁ ଅନେକ ଦେଶରେ ସମାଜ ଶ୍ରମିକମାନଙ୍କ ବେତନର ହାର ଅଲଗ ଅନୁସାରେ ବଢ଼ାଇବାକୁ ଉଦ୍ୟମ କରୁଛନ୍ତି । ମାତ୍ର ପୁଞ୍ଜିବାଦର ଗଣ୍ଡି ମଧ୍ୟରେ ଏ ଉଦ୍ୟମ ସବୁ ଯେତେଦୂର ସଫଳ ହେବା ସମ୍ଭବ ନୁହେଁ । ଶ୍ରମିକର ବେତନ ବଢ଼ାଇଦେଲେ ଜିନିଷର ଦର ବଢ଼ିଯିବ । ଦେଶରେ ଜିନିଷର ଦର ବଢ଼ିଗଲେ ଅନ୍ୟ ଦେଶରେ ତାହା କେହି କିଣିବେ ନାହିଁ ଓ ତେଣୁ ରପ୍ତାନି କମିଯିବ । ରପ୍ତାନି କମିଗଲେ ବଜାରରେ ଜିନିଷ ପୁଣି ଶସ୍ତା ହୋଇ ଉଠିବ ଓ ଜିନିଷ ପୁଣି ଶସ୍ତା ହେଲେ ଶ୍ରମିକର ବେତନ ନ. କମି ରହିପାରିବ ନାହିଁ ।

ଅଟେମଣ୍ଡାରେ ଏହି ବେତନ ବୃଦ୍ଧି ନିମନ୍ତେ ଯେଉଁସବୁ ଉଦ୍ୟମ ସରକାର ପକ୍ଷରୁ ହୋଇଥିଲା, ସେଗୁଡ଼ିକ ଯେତେଦୂର ସଫଳ ହୋଇ ପାରିଲା ନାହିଁ । ପ୍ରଥମରୁ ଅଟେମଣ୍ଡାର ଶାସନତନ୍ତ୍ରରେ ଅଭିଜନଗତ ଅସୁବିଧା ହେଲା । ଦ୍ୱିତୀୟରେ ବ୍ୟବସାୟୀମାନଙ୍କ ଦ୍ୱାରା ଗଠିତ ସମିତିମାନଙ୍କ ସାହାଯ୍ୟରେ ଶ୍ରମିକମାନଙ୍କର ଦୁଃଖ ଦୂର କରିବା ପାଇଁ ଯେଉଁ ଉଦ୍ୟମ କରାଗଲା, ସେଥିରେ ପଦ୍ଧତିଗତ ଅସୁବିଧା ହେବାର କଥା ।

ଦ୍ୱିତୀୟ ମହାଯୁଦ୍ଧ ପୂର୍ବରୁ ଜର୍ମାନୀ ଓ ଇଟାଲୀରେ ଏକପ୍ରକାର 'ସମାଜବାଦ ପ୍ରଚଳିତ ହୋଇଥିଲା, ଯାହା ଫଳରେ ମୁକ୍ତସ୍ୱଜାମ ଓ

ରାସ୍ତା ଘାଟ ପ୍ରସ୍ତୁତି ସାମରିକ ସଂଗଠନମୂଳକ କେତେକ ନୂଆ ନୂଆ କାର୍ଯ୍ୟ ଖୋଲି ସେ ଦେଶର ସରକାରମାନେ ଅସ୍ଥାୟୀ ଭାବରେ ଦେଶର ବେକାର ସମସ୍ୟାରେ ଓ ବେତନ ସମସ୍ୟାରେ ଅନେକାଂଶ ଉନ୍ନତି କରିପାରିଥିଲେ । କିନ୍ତୁ ଏହାସବୁ ଯୁଦ୍ଧମୂଳକ ଥିବାରୁ ତାହାର ପରିଣତି ଯୁଦ୍ଧ ପଥରେ ଏକାନ୍ତ ଅନୁସରଣ ହେଲା ଏବଂ ଫଳରେ ଜର୍ମାନୀ ଓ ଇଟାଲୀ ଦୁଇ ଜାତିର ପତନ ଘଟିଲା ।

ଅଷ୍ଟ୍ରେଲିଆରେ ଏହି ଦରନିୟନ୍ତ୍ରଣ ଓ ବେତନ ପଦ୍ଧତି କେତେକାଂଶରେ ସଫଳ ହୋଇଥିଲା । ଇଂଲଣ୍ଡରେ ଅର୍ଥନୈତିକ କ୍ଷେତ୍ରରେ ସମାଜବାଦ ଆଂଶିକ ଭାବରେ ଯୁଦ୍ଧପୂର୍ବରୁ ପ୍ରବେଶ କରିଥିଲା; କିନ୍ତୁ ବର୍ତ୍ତମାନ ତାହା ଖୁବ ଦ୍ରୁତଗତିରେ ଚାଲିଛି ।

ଋଷିଆରେ ୧୯୧୭ ଠାରୁ ଗୋଟିଏ ମୌଳିକ ସମାଜବାଦର ଆଦର୍ଶ ଗଠିତ ହୋଇ କାର୍ଯ୍ୟକାରୀ ହୋଇ ଅଛି । ଏହାର ଆଦର୍ଶ ସାମ୍ୟବାଦ ଓ ଶ୍ରମିକବାଦ । ଏ ପର୍ଯ୍ୟନ୍ତ ଅବଶ୍ୟ ପୂର୍ଣ୍ଣ ସାମ୍ୟବାଦ ପ୍ରତିଷ୍ଠିତ ହେବାର ସମ୍ଭାବନା ଦେଖାଯାଉ ନାହିଁ । କିନ୍ତୁ ଶ୍ରମିକବାଦର ଗୋଟିଏ ଆଦର୍ଶ ଏ ପର୍ଯ୍ୟନ୍ତ ଚାଲିଛି । କାଳକ୍ରମେ ତା ଉପରେ ପୁଣି ମୁକ୍ତିବାଦର ଛାୟା ମଧ୍ୟ ପଡ଼ୁଅଛି । ଏ ସବୁର ବିସ୍ତୃତ ଆଲୋଚନା ଏଠାରେ ସମ୍ଭବ ନୁହେଁ; ତେବେ ମୂଳସୂତ୍ରରେ ତାହାର ସ୍ୱରୂପ ବର୍ଣ୍ଣନ କରାଯାଉ ।

## —ଦୁଇ—

ବର୍ତ୍ତମାନ ଦେଖାଯାଉ ସାମ୍ୟବାଦ କଅଣ ? ସାମ୍ୟବାଦର ଅର୍ଥ ସମାଜରେ ସମସ୍ତେ ସମାନ ସୁଯୋଗ ପାଇବେ । ନୀଚ ଜାତି, ଧନ ଅର୍ଜକ, ଶ୍ରମଲବ୍ଧ ବ୍ୟବସାୟୀ, ଜମିଦାର ରଇତ—ଏ ସବୁ ପ୍ରଭେଦ ରହିବ ନାହିଁ । ଦେଶର ସମସ୍ତ ପ୍ରାକୃତିକ ସାମଗ୍ରୀ ସମାଜର ହେବ;

ପ୍ରତ୍ୟେକ ସୁସ୍ଥ ସବଳ ଲୋକ ପରିଶ୍ରମ କରିବାକୁ ବାଧ୍ୟ । ଯାହାର ଯେତେ ଶକ୍ତି, ସେ ସେତେ ପରିଶ୍ରମ ସମାଜର ହିତ ପାଇଁ କରିବ । ଯାହାର ଯେଉଁ ଦିଗରେ ଦକ୍ଷତା, ସେ ସେହି ଦିଗରେ କାର୍ଯ୍ୟନ୍ୟସ୍ତ ହେବ । ସମାଜରେ ଯେତେ ଜିନିଷ ଉତ୍ପନ୍ନ ହେବ ସବୁ ସମାଜର । ଯାହାର ଯେଉଁ ଜିନିଷ ଯେତେ ପରିମାଣରେ ଲୋଡ଼ା ସେ ତାହା ସମାଜର କୋଠଭଣ୍ଡାରରୁ ପାଇବ । ଟଙ୍କା ପଇସା, ଉଧାର ବଧାର, ବେପାର ବଣିଜ, ଲାଭ ଖତି ଏ ସବୁର ଆଉ କୌଣସି ଆବଶ୍ୟକତା ରହିବ ନାହିଁ । ଦେଶରେ ଯେଉଁ ଜିନିଷ ଯେତେ ପରିମାଣରେ ଉତ୍ପନ୍ନ ହେବ, ସମାଜ ତାହା ବଣ୍ଟନ କରିବ । ସବୁ ମୂଳଧନ, ଜମିବାଡ଼ି ଓ କଳ କାରଖାନା ସମାଜର ସମ୍ପତ୍ତି ହୋଇ ରହିବ । ବ୍ୟକ୍ତିଗତ ସମ୍ପତ୍ତି ବା ବ୍ୟକ୍ତିଗତ ଅଧିକାର କିଛି ରହିବ ନାହିଁ ।

ଏହି ଅବିମିଶ୍ର ସାମ୍ୟବାଦ ପ୍ରତିଷ୍ଠା କରିବାକୁ ଋଷିଆର ସାମ୍ୟବାଦୀ ସରକାର ୧୯୧୭ରୁ ଚେଷ୍ଟା କରି ଆସୁଥିଲେ; କିନ୍ତୁ ୧୯୨୧ ବେଳକୁ ଦେଖାଗଲା ଯେ ତାହା କାର୍ଯ୍ୟକାରୀ ହୋଇପାରିବ ନାହିଁ । ସମସ୍ତେ ଯଦି ନିଜର ଆବଶ୍ୟକତା ମୁତାବକ ପାରିଶ୍ରମିକ ପାଇବା ନିଶ୍ଚିତ, ତେବେ ସେମାନେ ଆଉ ମନ ଦେଇ କାମ କରିବେ କାହିଁକି ? ଆଠ ଘଣ୍ଟା ଯଥାତଥା କାଟିଲେ ହେଲା । ଉନ୍ନତିର କଥା ତ ନାହିଁ । ପୁଅ ଝିଅଙ୍କ ପାଇଁ ସଞ୍ଚୟର ଆଶା ତ ନାହିଁ । ସାଧାରଣ ଲୋକ ଆଉ କେଉଁ ଆଶାରେ କେଉଁ ସୁଖ ପାଇଁ ଖଟି ମରିବ ? ଏହି ସବୁ କାରଣରୁ ଋଷିଆରେ ୧୯୨୧ ସାଲ ପରଠୁ ପ୍ରାୟ ପୁଞ୍ଜିବାଦ ଉପସ୍ଥିତ ହେଲା । ଫଳରେ ପୂର୍ଣ୍ଣ ସାମ୍ୟବାଦ ପ୍ରତ୍ୟାହୃତ ହେଲା ଓ ବେପାର ବଣିଜରେ ଛୋଟ ଛୋଟ ବ୍ୟବସାୟୀମାନଙ୍କର ସୃଷ୍ଟି କରାଗଲା । ଅସ୍ଥାବର ସମ୍ପତ୍ତି ପୁଣି ରଖିବାର କେତେକ ସୁଯୋଗ ଦିଆଗଲା ଓ ପରିଶ୍ରମର ତାରତମ୍ୟ ଅନୁସାରେ ବେତନର ତାରତମ୍ୟ ହେବାର ସ୍ଥିର ହେଲା । ଟଙ୍କା ପଇସାରେ ହିସାବ କରିବା ପୁଣି ଆରମ୍ଭ କରାଗଲା ।

ମୋଟ ଉପରେ ୧୯୨୩ ପରେ ଋଷିଆରେ ଯେଉଁ ଅବସ୍ଥା ଫେରି ଆସିଲା ତାହା ପୂର୍ଣ୍ଣ ସାମ୍ୟବାଦ ନୁହେଁ । ସେଥିରେ ବେଶି ଭାଗ ସମାଜବାଦ, ଅଳ୍ପ କେତେକାଂଶରେ ମୁକ୍ତିବାଦ ଓ କେତେକ ବିଷୟରେ ସାମ୍ୟବାଦର ପଦ୍ଧତି ପଶି ରହିଲା । କାଳକ୍ରମେ ୧୯୨୮ ଠାରୁ ଯୋଜନାବାଦର ଆରମ୍ଭ ହେଲା । ଅର୍ଥାତ୍ ପ୍ରତି ପାଞ୍ଚବର୍ଷକୁ ସମାଜ ବିଶେଷଜ୍ଞମାନଙ୍କ ସାହାଯ୍ୟରେ ଗୋଟିଏ ଉତ୍ପାଦନର ସୁଚିନ୍ତିତ ଯୋଜନା ସ୍ଥିର କରିବେ ଓ ଉତ୍ପାଦନ କ୍ରିୟାକୁ ଶୀଘ୍ରଗତିରେ ଚଳାଇବା ପାଇଁ ପାଞ୍ଚବର୍ଷ କାଳ ସେହି ଅନୁସାରେ କାର୍ଯ୍ୟ ହେବ । ଗୋଟିଏ ଯୋଜନା ସମ୍ପୂର୍ଣ୍ଣ ହେଲେ ପୁଣି ଗବେଷଣା କରାହୋଇ ଯେଉଁ ଦିଗରେ ପ୍ରଗତିର ଅବକାଶ, ସେ ବିଷୟରେ ପୁନର୍ବାର ଯୋଜନା କରା ହେବ ।

ଆମ ଦେଶରେ ଆଜିକାଲି ଯେଉଁ ଯୁଦ୍ଧୋତ୍ତର ଯୋଜନା ହେଉଛି, ଏହା କେତେକାଂଶରେ ଋଷିଆର ଆଦର୍ଶରୁ ନିଆ ହୋଇଛି । କିନ୍ତୁ ଏ ଯୋଜନା ସ୍ଥିର କରିବାରେ ବିଶେଷ ଚିନ୍ତା ଓ ଗବେଷଣା ପ୍ରୟୋଜନ । ଏପରିସ୍ଥଳରେ ଯୋଜନା କରିବାକୁ ହେବ ଯେପରି ଉକ୍ତ ଯୋଜନାରେ ବ୍ୟୟିତ ହେଉଥିବା ପ୍ରତ୍ୟେକ କପର୍ଦ୍ଦକ ଦେଶବାସୀମାନଙ୍କ ପରମ କଲ୍ୟାଣରେ ଆସିବ । ଯୋଜନାରେ ଯେଉଁ ବିଶାଳ ବ୍ୟୟର ପରିକଳ୍ପନା ଥାଏ, ତାର ଅଧିକାଂଶ ସମାଜ— ଅର୍ଥାତ୍ ବର୍ତ୍ତମାନର ଦେଶବାସୀ ଓ ଭବିଷ୍ୟତରେ ବହୁ ବର୍ଷ ପର୍ଯ୍ୟନ୍ତ ଯେତେ ଦେଶବାସୀ ଜନ୍ମ ହେବେ, ସେମାନେ । ଯେଉଁମାନେ ଯୋଜନା ପ୍ରସ୍ତୁତ କରିବେ, ସେମାନେ ଏହି ବର୍ତ୍ତମାନ ଓ ଭବିଷ୍ୟତ୍ ଦେଶବାସୀଙ୍କ ନିକଟରେ ଚିରକାଳ ପାଇଁ ଦାୟୀ ରହିବେ, ଏହି ଜ୍ଞାନରେ ଯୋଜନା ହେଲେ ତାହା ସଫଳ ହେବ ।

ଏହି ଯୋଜନା ଫଳରେ ଋଷିଆରେ ଉତ୍ପାଦନକ୍ରିୟା ବହୁ ଶୀଘ୍ରଗତିରେ ବଢ଼ି ଚାଲିଥିଲା । ଯୁଦ୍ଧଯୋଗୁଁ ବହୁତ ଧ୍ୱଂସ ଅବଶ୍ୟ ଘଟିଲା । ପୁଣି ଯୁଦ୍ଧ ପରେ ଅଦମ୍ୟ ଉଦ୍ୟମରେ ଋଷିଆର ଶାସନତନ୍ତ୍ର

ଘଟି ସାରିଛନ୍ତି । ଅବଶ୍ୟ ଅଦ୍ୟାବଧି ରୁଷିଆର ଜନସମାଜ ଇଂଲଣ୍ଡ ଓ ଆମେରିକା ଦେଶର ଅଧିବାସୀମାନଙ୍କ ପରି ସମୃଦ୍ଧ ହୋଇପାରି ନାହିଁ; ମାତ୍ର ରୁଷିଆର ପୂର୍ବ ଅବସ୍ଥା ବିଚାର କଲେ ବୁଝାଯିବ ଯେ ଯାହା ଉନ୍ନତି ହୋଇଛି ତାହା ଅତି ଅପ୍ରତ୍ୟାଶିତ । ରୁଷିଆରେ ଏବେ ଯନ୍ତ୍ର ସେହିଁ ମାତ୍ରାରେ ପ୍ରଚଳିତ ହେଉଛି, ଅନ୍ୟ ଦେଶରେ ତାହା ଏ ପର୍ଯ୍ୟନ୍ତ ହୋଇପାରି ନାହିଁ ।

କିନ୍ତୁ ରୁଷିଆରେ ଏ ଅର୍ଥନୈତିକ ପରିବର୍ତ୍ତନ କେବଳ ବିପ୍ଳବ ଫଳରେ ସମ୍ଭବ ହୋଇପାରିଛି । ଯୁଗ ଯୁଗ ଧରି ରୁଷ ରାଜଶକ୍ତିର ପୁଞ୍ଜୀଭୂତ ଅତ୍ୟାଚାର ରୁଷିଆର ଜନସମାଜକୁ ଅଧୈର୍ଯ୍ୟ କରି ରଖିଥିଲା; ଜମିଦାରମାନଙ୍କ ଦ୍ୱାରା ରୟତମାନେ ବହୁ କାଳ ଅତ୍ୟାଚାରିତ ହେଉ ନ ଥିଲେ; ଦେଶର ଅସଂଖ୍ୟ ନରନାରୀ ବିଦ୍ରୋହ ପାଇଁ ଏକ ରକମ ପ୍ରସ୍ତୁତ ଥିଲେ । ୧୯୧୪-୧୭ ମଧ୍ୟରେ ଜର୍ମାନ ଯୁଦ୍ଧସମୟରେ ଅତିରିକ୍ତ ଦୁର୍ନୀତିର ଫଳରେ ଲେନିନଙ୍କ ନେତୃତ୍ୱରେ ରୁଷିଆର ପ୍ରଜା ରକ୍ତ ଓ ରାଜଭକ୍ତି ଶତର ଦେଇ ଯେଉଁ ସଶସ୍ତ୍ର ବିପ୍ଳବ ଘଟାଇଲେ, ସାମ୍ୟବାଦ ସେହି ବିପ୍ଳବର ଆଦର୍ଶ ଥିଲା ।

ରୁଷିଆର ଏହି ପରିଣତି ଫଳରେ ଶ୍ରମିକର କି ଉନ୍ନତି ସାଧିତ ହୋଇଛି ? ରୁଷିଆର ଆଦର୍ଶ ହେଉଛି ଶ୍ରମିକତନ୍ତ୍ର । ଏଥିରେ ପ୍ରତି କଳ କାରଖାନା ଶ୍ରମିକମାନଙ୍କ ହାତରେ ଥାଏ । ସେମାନେ ହିଁ ସମସ୍ତ ପରିଚାଳନା କରନ୍ତି । ସମାଜର କର୍ମଚାରୀଗଣ ଓ ବିଶେଷଜ୍ଞମାନେ ପରିଦର୍ଶନ କରି ଉପଦେଶ ଦିଅନ୍ତି । ପ୍ରତି କଳକାରଖାନାରେ ଅନ୍ତ ବ୍ୟବସାୟର କେନ୍ଦ୍ର ସମିତିରୁ ଦୁଇ ଜଣ ସଭ୍ୟ ଥାଆନ୍ତି ଓ ସେମାନେ ସ୍ଥାନୀୟ ଶ୍ରମିକମାନଙ୍କ ଭିନ୍ନ ଭିନ୍ନ ଶାଖାରୁ ନିର୍ବାଚିତ ସଭ୍ୟମାନଙ୍କ ସହିତ ମିଶି କଳକାରଖାନାର ପରିଚାଳନା ଭାର ଗ୍ରହଣ କରନ୍ତି ।

ପରିଶେଷରେ ରୁଷିଆରେ ବେକାରି ସମସ୍ୟା ମୋଟେ ନାହିଁ । 'ଖାଜଣା', 'ସ୍ୱର୍ଥ', 'ସ୍ୱର୍ଗ' ଏସବୁକୁ ଲୁଟିଦେବା ଫଳରେ ସମାଜରେ

ଶ୍ରମିକର ପ୍ରାଧାନ୍ୟ ପ୍ରତିଷ୍ଠିତ ହୋଇଛି ଓ କ୍ରମେ କ୍ରମେ ଶ୍ରମିକର ଆର୍ଥିକ ଅବସ୍ଥା ଉନ୍ନତ ହୋଇ ଆସୁଅଛି । ଋଷିଆର ପ୍ରଜାମାନେ ବିପ୍ଳବ ପୂର୍ବରୁ ଅତି ଦରିଦ୍ର ଥିଲେ । ତେଣୁ ଏତେ ବର୍ଷ ଶ୍ରମିକବାଦର ପ୍ରତିଷ୍ଠାନ ଫଳରେ ମଧ୍ୟ ସେମାନଙ୍କର ଆର୍ଥିକ ପରିସ୍ଥିତି ଇଂଲଣ୍ଡ ବା ଆମେରିକାର ଜନସାଧାରଣଙ୍କ ଆର୍ଥିକ ପରିସ୍ଥିତି ସଙ୍ଗେ ସମାନ ହୋଇପାରି ନାହିଁ । ତା ଛଡ଼ା ସାମାଜିକ ଉନ୍ନତି ନିମନ୍ତେ ମୂଳଧନ-ସ୍ୱରୂପ ବେଶି ପରିମାଣରେ ସାମାଜିକ ବ୍ୟବସ୍ଥାରେ ଖଟାଇ ଦିଆ ଯାଉଅଛି । ତେଣୁ ସେ ସବୁ ମୂଳଧନରୁ କେତେକାଂଶ ବଣ୍ଟା ହୋଇ ଯାଉଥିଲେ, ଶ୍ରମିକର ଅବସ୍ଥା ଯେତେ ଭଲ ହୁଅନ୍ତା, ସେତେ ଭଲ ହୋଇପାରୁ ନାହିଁ । ପୁଣି ଦ୍ୱିତୀୟ ମହାସମର ଫଳରେ ଅବସ୍ଥାର ଅବନତି ଘଟି ଯାଇଛି । ତଥାପି ଋଷିଆ ଶ୍ରମିକର ଭବିଷ୍ୟତ ଅତି ଉଜ୍ଜ୍ୱଳ ।

## —ତିନି—

ଋଷିଆରେ ଶ୍ରମିକବାଦର ପ୍ରତିଷ୍ଠା ସଙ୍ଗେ ସଙ୍ଗେ ପ୍ରାୟ ସବୁ ଦେଶରେ ଶ୍ରମିକବାଦ ପାଇଁ ଆନ୍ଦୋଳନ ଚାଲିଥିଲା; କିନ୍ତୁ କାଳକ୍ରମେ ସେ ସବୁ ଆଦର୍ଶ ଅନ୍ୟ ଦେଶମାନଙ୍କରୁ ଲୁଚିଗଲା ।

ଫ୍ରାନ୍ସରେ ଶ୍ରମିକତନ୍ତ୍ରର ଆନ୍ଦୋଳନ ଅନେକ ଦିନ ଧରି ଚାଲିଥିଲା; କିନ୍ତୁ ପରିଣାମରେ ତାହା ସଫଳ ହୋଇପାରିଲା ନାହିଁ । ଇଟାଲୀରେ ୧୯୨୦ରେ ଶ୍ରମିକମାନେ କେତେଗୁଡ଼ିଏ କାରଖାନା ନିଜ ହାତକୁ ନେଇଗଲେ; କିନ୍ତୁ ତା ପରେ ପରେ ପୁଞ୍ଜିବାଦ ପୁନଃ ପ୍ରତିଷ୍ଠିତ ହେଲା । ଜର୍ମାନୀରେ ୧୯୧୯ରୁ ଶ୍ରମିକବାଦ ଉଭେଇ ଯାଉଥିଲେହେଁ ଶ୍ରମିକସମିତି ବଳରେ ବହୁତ ଆନ୍ଦୋଳନ ଚାଲିଥିଲା; ମାତ୍ର ତାହା ଏକଚୁଟିଆ ବ୍ୟବସାୟୀମାନଙ୍କ ସମିତି ଆଗରେ ତିଷ୍ଠିପାରିଲା ନାହିଁ ।

ଏବେ ଜର୍ମାନ ଓ ଇଟାଲୀରେ ଗୋଟିଏ ନୂତନ ଧରଣର ଜାତୀୟତାମୂଳକ ସମାଜବାଦ ପ୍ରତିଷ୍ଠିତ ହେଲା । ଏହାର ଆଦର୍ଶ ହେଲା ଜାତି । ଜାତୀୟ ସ୍ୱାର୍ଥ ନିକଟରେ ବ୍ୟକ୍ତିଗତ ସ୍ୱାର୍ଥର ସ୍ଥାନ ରହିଲା ନାହିଁ । ୧୯୩୩ରେ ପୃଥିବୀରେ ଯେଉଁ ଆର୍ଥିକ ସଙ୍କଟ ଉପସ୍ଥିତ ହୋଇ-ଥିଲା, ତାହା ଫଳରେ ଜର୍ମାନୀ ଓ ଇଟାଲୀର ବ୍ୟାଙ୍କସବୁରେ ଗଚ୍ଛିତ ଥିବା ବ୍ୟବସାୟୀମାନଙ୍କର ଧନ ଅଚଳ ହୋଇ ପଡ଼ିଗଲା । ଫଳରେ ବ୍ୟବସାୟ ବାଣିଜ୍ୟ ଉପରେ ବ୍ୟାଙ୍କମାନଙ୍କ କର୍ତ୍ତୃତ୍ୱ ପ୍ରତିଷ୍ଠିତ ହେଲା । କିନ୍ତୁ ବ୍ୟାଙ୍କମାନେ ନିଜେ ଏପରି ଅବସ୍ଥାରେ ପଡ଼ିଥିବାରୁ ସେମାନେ ବା ସରକାରଠାରୁ ଆର୍ଥିକ ସାହାଯ୍ୟ ନେଇ ସରକାରଙ୍କ ଅଧୀନ ହୋଇ ପଡ଼ିଲେ । ଫଳରେ ସମଗ୍ର ବ୍ୟବସାୟ-ବାଣିଜ୍ୟରେ ସରକାରଙ୍କ କର୍ତ୍ତୃତ୍ୱ ବଜାୟ ରହିଲା ।

ସେତେଣେ ମୁଦ୍ରାନିୟନ୍ତ୍ରଣ କରିବାକୁ ଯାଇ ସରକାର ମଧ୍ୟ ଦେଶର ଆମଦାନି ଓ ରପ୍ତାନି ବିଷୟରେ କଟକଣା ପ୍ରୟୋଗ କଲେ । ଫଳରେ ଦେଶରେ ଉତ୍ପାଦନ କମିଗଲା ଓ ବେକାର ସମସ୍ୟା ବଢ଼ିଗଲା । ତା ପରେ ସରକାର ଅଜସ୍ର ରାସ୍ତା, ଘାଟ ତିଆରି କରିବାରେ ଶ୍ରମିକମାନଙ୍କୁ ନିଯୁକ୍ତ କଲେ । ଏତିକିବେଳକୁ ଜର୍ମାନୀ ଓ ଇଟାଲୀ ଯୁଦ୍ଧରେ ପ୍ରସ୍ତୁତ ହେଲେ । ପରିଣାମରେ ବହୁସଂଖ୍ୟକ ଶ୍ରମିକ ଅସ୍ତ୍ର ଶସ୍ତ୍ର ଆଦି ଯୁଦ୍ଧ ସରଞ୍ଜାମ ତିଆରି କରିବାରେ ମଧ୍ୟ ନିଯୁକ୍ତ ହେଲେ । ଏମାନଙ୍କୁ ମଜୁରି ଦେବାକୁ ସରକାର ପୁଣି ନୋଟ ବେଶି ବେଶି ଛାପିଲେ । ଫଳରେ ଜିନିଷପତ୍ରର ମୂଲ୍ୟ ବଢ଼ିଗଲା । ସେଥିପାଇଁ ଦେଶରେ ସରକାର ଦର ନିୟନ୍ତ୍ରଣ କରିବାରେ ଲାଗିଲେ । କିନ୍ତୁ ଖାଲି ଦର ନିୟନ୍ତ୍ରଣ କଲେ ତ ଚଳିବ ନାହିଁ; ଜିନିଷପତ୍ର ତିଆରି କରିବାର ଖର୍ଚ୍ଚ ନ କମାଇଲେ ଅଳ୍ପ ଦରରେ ଜିନିଷ ବିକିବ କିଏ ? ଉତ୍ପାଦନର ଖର୍ଚ୍ଚ କମିବ ବା କିପରି ? ଶେଷକୁ ମାର୍ ମାର୍ କଣ୍ଡାରୁଥିବା ମାର୍; ଅର୍ଥାତ୍ ଶ୍ରମିକର ମଜୁରି କମାଇବାକୁ ହେଲା । କିନ୍ତୁ ସେମାନଙ୍କୁ

ଉପଲବ୍ଧି କରିବାକୁ ଲାଗିଲେ ଯେ, ଜାତିର ସମ୍ପଦ ବଢ଼ିଗଲେ ସେମାନଙ୍କର ପାରିଶ୍ରମିକ ସ୍ୱତଃ ସ୍ଫୂର୍ତ୍ତ ବଢ଼ିଯିବ ।

ଏହିପରି ଭାବରେ ଜର୍ମାନୀ ଓ ଇଟାଲୀରେ ବେକାର ସମସ୍ୟାର ଆଂଶିକ ସମାଧାନ ହୋଇଥିଲା । କିନ୍ତୁ ଏହା ସବୁ ଯୁଦ୍ଧମୂଳକ ଥିବାରୁ ତାହାର ପରିଣାମରେ ପୃଥିବୀରେ ଅକଳ୍ପନୀୟ ଧନ ଜନ କ୍ଷତି ଘଟିଲା; ଅଧିକନ୍ତୁ ମଧ୍ୟ ଯୁଦ୍ଧରେ ପରାଜିତ ହୋଇ ଦେଶରେ ଯେଉଁ ଅଦରକାରୀ ଯୁଦ୍ଧ ସାଜ ଗୋଳା ବାରୁଦ ତିଆରି ହୋଇଥିଲା, ତାହା ଏବେ କାହାର ପ୍ରୟୋଜନରେ ଆସିବ ?

ଆମେରିକାରେ ରାଷ୍ଟ୍ରପତି ମହାମାନ୍ୟ ଫ୍ରାଙ୍କଲିନ୍ ରୁଜଭେଲ୍ଟଙ୍କ ନେତୃତ୍ୱରେ ସମାଜ ଉପରେ ବ୍ୟବସାୟ-ବାଣିଜ୍ୟକୁ ନିୟନ୍ତ୍ରିତ କରିବାର କେତେକ ଯୋଜନା ହେଲା । ସରକାରୀ କର୍ମଚାରୀମାନେ କଳକାରଖାନା ଇତ୍ୟାଦି ପରିଦର୍ଶନ କରିବାର କ୍ଷମତା ପାଇଲେ । ବ୍ୟବସାୟୀ ସମିତିରେ ମଧ୍ୟ ଏମାନଙ୍କର ସ୍ଥାନ ରହିଲା । ୧୯୩୩ରେ ଯେତେବେଳେ ଅର୍ଥସଙ୍କଟ ଉପସ୍ଥିତ ହେଲା, ସେତେବେଳେ ଏମାନେ ବଜାରର ଅବସ୍ଥାକୁ ଦୃଷ୍ଟି ଉତ୍ପାଦନର ପରିମାଣ କମାଇ ଦେବାକୁ ଚେଷ୍ଟା କଲେ । ବିଶେଷତଃ କୃଷିର ପରିମାଣ କମାଇ ଦିଆଯାଇ ଖାଦ୍ୟଶସ୍ୟର ଦର ବଢ଼ାଇ ଦିଆଗଲା । ବେକାର ସମସ୍ୟାର ସମାଧାନ ହେବାପାଇଁ ସରକାର ଚେଷ୍ଟାରେ ବହୁତ ନୂତନ ଧରଣର ନୂଆ ବସ୍ତି ସ୍ଥାପିତ ହେଲା । ଆମଦାନି ଓ ରପ୍ତାନିର ନିୟନ୍ତ୍ରଣ ପାଇଁ ଅନ୍ୟ ଦେଶମାନଙ୍କ ସହିତ ସନ୍ଧିସର୍ତ୍ତକୁ ନୂତନ ଭାବରେ ସ୍ଥିର କରାଗଲା ।

ଶ୍ରମିକମାନଙ୍କ ଅବସ୍ଥାର ଉନ୍ନତି କରିବା ଉଦ୍ଦେଶ୍ୟରେ ସରକାର ବହୁ ସାଧାରଣ ହିତକର ସଂଗଠନମୂଳକ କାର୍ଯ୍ୟ ଆରମ୍ଭ କଲେ । ମୂଳ ଧନକୁ ଓ ମୂଳ ସମ୍ପତ୍ତିକୁ ସବୁଠାରୁ ବେଶି କମ୍ ବେତନ-

କଥାପାଲପାରେ ତାହା ଧାର୍ଯ୍ୟ ହେଲା । ଶ୍ରମିକସଂଘ ସବୁକୁ ଏ ଦଗରେ ବ୍ୟବସାୟୀମାନଙ୍କ ସହିତ କଥାବାର୍ତ୍ତା କରିବାର ଅଧିକାର ଦିଆଗଲା । ଶ୍ରମିକ ସମ୍ପ୍ରଦାୟକୁ କେତେ ଘଣ୍ଟା ଖଟିବ, ତାହା ମଧ୍ୟ ନିର୍ଦ୍ଧାରିତ କରାଗଲା ।

କିନ୍ତୁ ଏ ସବୁ ଆଇନକାନୁନ ଏତେ ବେଶୀ ଡେରିରେ ହୋଇଥିଲେ କରାଗଲା ଯେ, ତାହାକୁ ସବୁ କ୍ଷେତ୍ରରେ କାର୍ଯ୍ୟରେ ପରିଣତ କରି ହେଲା ନାହିଁ । ଦ୍ୱିତୀୟତଃ ପ୍ରତି ସମ୍ବନ୍ଧନା ସଂଘରେ ପୁଞ୍ଜିପତିମାନେ ଅଧିକ ସଂଖ୍ୟାରେ ଥିବାରୁ ସେମାନଙ୍କର ମତ ସବୁଠାରେ ପ୍ରବଳ ରହିଲା । ତୃତୀୟରେ ଅଟୋମେଟିକାର ଶାସନତନ୍ତ୍ରଗତ ବୈଷମ୍ୟଫଳରେ କାର୍ଯ୍ୟକରଣରେ ଏ ସବୁ ଆଇନ ଶାସନତନ୍ତ୍ରର କ୍ଷମତାର ବାହାରେ ରହିଲା ନିଷ୍ପତ୍ତି ହେବାରୁ ଏହାର କାର୍ଯ୍ୟକାରିତା ଅନେକ ପରିମାଣରେ ହ୍ରାସ ହୋଇଗଲା । ଏହା ପରେ ପରେ ଦ୍ୱିତୀୟ ମହାସମର ଆରମ୍ଭ ହେବାରୁ ଅବସ୍ଥାର ସମ୍ପୂର୍ଣ୍ଣ ପରିବର୍ତ୍ତନ ଘଟିଗଲା ।

ଇଂଲଣ୍ଡରେ ମଧ୍ୟ ଦ୍ୱିତୀୟ ମହାସମର ପୂର୍ବରୁ ବ୍ୟବସାୟକ୍ଷେତ୍ରରେ ସରକାରର ହସ୍ତକ୍ଷେପ କରିବା ଆରମ୍ଭ ହୋଇ ଯାଇଥିଲା । ୧୯୨୯ଠାରୁ ମୁଦ୍ରାପ୍ରଚଳନର ନିୟନ୍ତ୍ରଣ ସରକାର ନିଜ ହାତକୁ ନେଲେ । ସୁନା ମୁଦ୍ରା ବ୍ୟବହାରରେ ଅଚଳ ହେଲା । ଅର୍ଥସଂକଟ ଯେତିକି ବଢ଼ିଲା, ବୈଦେଶିକ ବାଣିଜ୍ୟରେ ସରକାରଙ୍କର ହସ୍ତକ୍ଷେପ ସେତିକି ବଢ଼ି ଚାଲିଲା । ଦେଶ ବିଦେଶକୁ କେଉଁ ଜିନିଷ କେତେ ରପ୍ତାନି ହେବ ଓ ସେ ଦେଶରୁ ଏ ଦେଶକୁ କେତେ ଜିନିଷ ଆମଦାନି ହେବ—ସରକାର ତାହା ନିର୍ଦ୍ଧାରଣ କରି ବ୍ୟବସାୟୀମାନଙ୍କୁ ସେହି ପରିମାଣରେ ଜିନିଷ ପ୍ରସ୍ତୁତ କରିବାକୁ ଆଦେଶ ଦେଲେ । ଅତି ଅଧିକ ଜିନିଷ ପ୍ରସ୍ତୁତ କରିବା ବନ୍ଦ କରି ଦିଆଗଲା । ବ୍ୟାଙ୍କ ଓ ଲଗ୍ନି ବ୍ୟବସାୟକୁ ମଧ୍ୟ ସରକାର ନିୟନ୍ତ୍ରଣ କରିବାକୁ ଚେଷ୍ଟା କଲେ ଓ ବୈଦେଶିକ ମୁଦ୍ରାମାନଙ୍କୁ ନିୟନ୍ତ୍ରିତ କରିବା ନିମନ୍ତେ ଗୋଟିଏ ସ୍ୱତନ୍ତ୍ର ପାଣ୍ଠି ରଖିଲେ ।

ଲୁଗା ଓ ଖଣି ବ୍ୟବସାୟକୁ ସରକାର ଆର୍ଥିକ ସାହାଯ୍ୟ ଦେଇ ଜୀବିତ କରିବାକୁ ଚେଷ୍ଟା କଲେ ।

ଦ୍ୱିତୀୟ ମହାସମର ସମୟରେ ବ୍ୟବସାୟ-ବାଣିଜ୍ୟରେ ସରକାରଙ୍କର କର୍ତ୍ତୃତ୍ୱ ପୂର୍ଣ୍ଣମାତ୍ରାରେ ବଢ଼ିଗଲା । ଏବେ ଶ୍ରମ ଶମନ୍ତ୍ରୀ ସରକାର ନିଜ ହାତରେ ତ ଅନେକ ବ୍ୟବସାୟ ରଖିଲେ; ତା ଛଡ଼ା ଯେଉଁ ଯେଉଁ ଜିନିଷ ଯୁଦ୍ଧରେ ଦରକାର, ତାର ଉତ୍ପାଦନ ସୁଦ୍ଧା ସରକାର ନିଜ ହାତରେ ବା ନିଜ ତତ୍ତ୍ୱାବଧାନରେ ରଖିଲେ । ଆଜିକାଲିକାର ଯୁଦ୍ଧରେ ତ କମ୍ ଜିନିଷ ଦରକାର ହୁଏ ନାହିଁ । ଫଳରେ ବ୍ୟବସାୟ-ବାଣିଜ୍ୟରୁ ଅଧିକାଂଶ ସୁଦ୍ଧା ସରକାରର ନିଜ ତତ୍ତ୍ୱାବଧାନରେ ରହିଲା । ବାକି ଯେଉଁ ଯେଉଁ ବ୍ୟବସାୟ ପୁଞ୍ଜିପତିମାନଙ୍କ ହାତରେ ରହିଲା, ସରକାର ତାର ଦର ପ୍ରଭୃତି ଭାବରେ ନିୟନ୍ତ୍ରଣ କଲେ । ବିଦେଶକୁ ଜିନିଷ ପଠାଇବା ସରକାରଙ୍କର ସମ୍ପୂର୍ଣ୍ଣ ତତ୍ତ୍ୱାବଧାନରେ ରହିଲା ।

ଯୁଦ୍ଧପରେ ଦେଖାଗଲା ଯେ, ଇଂଲଣ୍ଡର ବ୍ୟବସାୟ-ଶିଳ୍ପ ପୁନରୁଜ୍ଜୀବିତ କରିବାକୁ ହେଲେ, ସମାଜର ନେତୃତ୍ୱରେ ପୂର୍ଣ୍ଣ ସଂଗଠନ ଲୋଡ଼ା । ପ୍ରଥମତଃ ଯୁଦ୍ଧସମୟରେ ମୁଦ୍ରାର ସଂଖ୍ୟା ଏତେ ବଢ଼ିଯାଇଛି ଯେ, ହୁଏ ତ ଏକ ପକ୍ଷରେ ମୁଦ୍ରାର ସଂକୋଚନ କରିବାକୁ ହେବ, ନୋହିଲେ ବଢ଼ିତ ବ୍ୟବସାୟ ଖୋଲି ମୁଦ୍ରାର ଅନୁପାତରେ ବ୍ୟବସାୟ ବଢ଼ାଇବାକୁ ହେବ । ମୁଦ୍ରାର ସଂକୋଚନ ଏତେ ସହଜ କଥା ନୁହେଁ । ତେଣେ ଯୁଦ୍ଧରେ କ୍ଷତିଗ୍ରସ୍ତ ଅଞ୍ଚଳର ସଂଗଠନ କରିବାକୁ ବ୍ୟବସାୟ ତ ବଢ଼ାଇବା ଲୋଡ଼ା; ତା ଛଡ଼ା ଯୁଦ୍ଧଫେରନ୍ତା ଲୋକମାନଙ୍କୁ ଯଥେଷ୍ଟ କାମ ଯୋଗାଇ ନ ପାରିଲେ ସେମାନଙ୍କର ଅସନ୍ତୋଷ ବଢ଼ିଯିବ । ଏଣେ ପୁଞ୍ଜିବାଦ ହାତରେ ଏ ସବୁ ଛାଡ଼ିଦେଲେ ପୁଞ୍ଜିପତିମାନେ ଏ ଅବସ୍ଥାର ପୂର୍ଣ୍ଣ ସୁଯୋଗ ନେଇ ନିଜେ ଲାଭ ମାରିନେବେ ।

ତେଣୁ ଋଷିଆରେ ଯେଉଁ ସମାଜବାଦ ବିପ୍ଳବ ଫଳରେ ସମ୍ଭବ ହୋଇଥିଲା, ଇଂଲଣ୍ଡରେ ବିନା ବିପ୍ଳବରେ ସେହି ପ୍ରକାର ଏକ ସମାଜବାଦର ପ୍ରତିଷ୍ଠା ପାଇଁ ଚେଷ୍ଟା କରାଯାଉଛି ବୋଲି ମନେ ହୁଏ । ପ୍ରଭେଦ ଏତିକି ଯେ, ଋଷିଆ ପ୍ରଥମେ ସାମ୍ୟବାଦର ପ୍ରତିଷ୍ଠା କରି ପରେ ଆବଶ୍ୟକ ସ୍ଥଳେ କେତେ କେତେ ବେପାରରେ ମୁକ୍ତିବାଦର ପୁନଃ ପ୍ରବର୍ତ୍ତନ କରିଥିଲା; କିନ୍ତୁ ଇଂଲଣ୍ଡରେ ମୁକ୍ତିବାଦର ଛାଞ୍ଚ ଅକ୍ଷୁଣ୍ଣ ରଖି, ଯେଉଁ ଯେଉଁ ବ୍ୟବସାୟରେ ଜାତୀୟ ସ୍ୱାର୍ଥ ଅଛି, ଯେଉଁ ସେଥିରେ ଏକଚାଟିଆ ବାଣିଜ୍ୟ ହେଲେ ଦେଶବାସୀଙ୍କର କ୍ଷତିର ସମ୍ଭାବନା, ସେହି ସେହି ବ୍ୟବସାୟ ସରକାର ହାତକୁ ନେଉଅଛନ୍ତି । ଆଉ ଯେଉଁ ସବୁ ବ୍ୟବସାୟରେ ସ୍ୱାର୍ଥର ପ୍ରେରଣା ଲୋଡ଼ା, ସେସବୁ ପାଇଁ ସାଧାରଣ ମୁକ୍ତିପନ୍ଥର ସୁଯୋଗ ପୂରାପୂରି ରହିଛି ।

ବେକାର ସମସ୍ୟାର ନିରାକରଣ ପାଇଁ ଇଂଲଣ୍ଡରେ ଏକ ଅର୍ଥନୈତିକ ଯୋଜନା ମଧ୍ୟ କରାଯାଇଛି । ତାହା ଫଳରେ ଦେଶରେ ଯେତେ ସାଧାରଣ ହିତକର ଓ ସଂଗଠନମୂଳକ କାର୍ଯ୍ୟ କରିବାର କଥା, ତାହାର ଏକ ବିସ୍ତୃତ ଯୋଜନା ଆଗରୁ ପ୍ରସ୍ତୁତ ହୋଇ ରହିଛି । ଆଉ ଏଠାରୁ ପୁଣି ଯୁଦ୍ଧର ଆବଶ୍ୟକତା ପଡ଼ିଲେ ଯେ ସବୁ କାର୍ଯ୍ୟ ହେବ ତାହାର ମଧ୍ୟ ଯୋଜନା ହୋଇ ରହିଛି । ଯେତେବେଳେ ଦେଶରେ ବେଶୀ ବେଶୀ ବେକାର ରହିଯିବେ, ସେତେବେଳେ ସେମାନେ ଏହି ସବୁ କାର୍ଯ୍ୟରେ ନିଯୁକ୍ତ ହେବେ । ଯେତେବେଳେ ସାଧାରଣ ବ୍ୟବସାୟରେ ଲୋକଙ୍କୁ ଯଥେଷ୍ଟ କାମ ମିଳିବ, ସେତେବେଳେ ଏ ସବୁ କାର୍ଯ୍ୟ ସ୍ଥଗିତ ରହିବ । ଏ ସବୁ ଯୋଜନାର ନିୟନ୍ତ୍ରଣ ପାଇଁ ଇଂଲଣ୍ଡର ଶାସନତନ୍ତ୍ର-ମାନଙ୍କରେ ବହୁପରିମାଣରେ ଅର୍ଥଶାସ୍ତ୍ରୀମାନଙ୍କୁ ନିଯୁକ୍ତ କରାଯାଉଛି ।

ଏ ସବୁ ଯୋଜନାର ଉଦ୍ଦେଶ୍ୟ କାର୍ଯ୍ୟକାରୀ ହେବା ଫଳରେ ସମାଜ ଦେଶର ସମସ୍ତ ସୁସ୍ଥ ସବଳ ଲୋକଙ୍କୁ କାର୍ଯ୍ୟ ଦେବାକୁ ବାଧ୍ୟ ଏବଂ ଅସମର୍ଥ ଓ ରୁଗ୍ଣ ଲୋକମାନଙ୍କୁ ପୋଷିବାକୁ ମଧ୍ୟ ବାଧ୍ୟ ।

ପୁଣି ଯେତେବେଳେ ବ୍ୟବସାୟ-ବାଣିଜ୍ୟ ସମୃଦ୍ଧ ହେବ, ସେତେବେଳେ ଏ କାର୍ଯ୍ୟସବୁ ସ୍ଥଗିତ ରହି ମନ୍ଦା ବଜାରରେ ଏହି କାର୍ଯ୍ୟସବୁ କରିବା ଦ୍ୱାରା ବ୍ୟବସାୟ ଓ ଦରଦାମର ଗୋଟିଏ ସ୍ଥିରତା ସବୁଦିନ ପାଇଁ ରହିପାରେ । ଫଳରେ ମନ୍ଦାବଜାରରେ ଲୋକଙ୍କୁ ବେକାର ହେବାକୁ ପଡ଼ିବ ନାହିଁ ବା ତେଜୀ ବଜାରରେ ଶ୍ରମିକର ଅଭାବରୁ ପ୍ରଗତିପଥରେ ବାଧା ଆସିବ ନାହିଁ । ପୁନଶ୍ଚ ଏପରି କଲେ ଯୁଦ୍ଧଯୋଗ୍ୟ ସଙ୍ଗଠନ ଗୁଡ଼ିକ ବାହାରେବେଳେ ବାଲିଗଣ ରେଖିବା ପରି ଉତ୍ତରବଙ୍ଗରେ ଯଥା ତଥା ଭାବରେ ବସ୍ତୁ ବ୍ୟୟ ଫଳରେ ନ ହୋଇ ଧୀରସ୍ଥିର ଓ ସୁଚିନ୍ତିତ ଭାବରେ ହୋଇପାରିବ । ବଡ଼ ବଡ଼ ବ୍ୟବସାୟଗୁଡ଼ିକ ସମାଜ ହାତରେ ରହିବାରୁ ଦେଶରେ ଅତ୍ୟନ୍ତ ଧନୀ ଓ ଅତ୍ୟନ୍ତ ଦରିଦ୍ର ମଧ୍ୟରେ ଥିବା ବିରାଟ ପାର୍ଥକ୍ୟ ଆଉ ଦେଖାଯିବ ନାହିଁ ।

ମୋଟ ଉପରେ ପୁଞ୍ଜିବାଦର ମାନବସମାଜ ବର୍ତ୍ତମାନ ଯୁଗର ପରିବର୍ତ୍ତନର ସୂଚନା । ବର୍ତ୍ତମାନ ସବୁଠାରେ ସବୁ ଦେଶରେ ବ୍ୟକ୍ତିବିଶେଷର ସ୍ୱାର୍ଥ ଅପେକ୍ଷା ସମାଜର ସମୂହ ସ୍ୱାର୍ଥ ପ୍ରତି ଅଧିକ ଦୃଷ୍ଟି ଦିଆହେଉଛି । ବ୍ୟବସାୟ-ବାଣିଜ୍ୟରେ ମଧ୍ୟ ସମାଜର ହସ୍ତକ୍ଷେପ ସବୁ ଦିଗରେ ବଢ଼ୁଛି ।

ତଥାପି ମୁକ୍ତିବାଦର କେତେକ ମୌଳିକ ଗୁଣବାଦିତାକୁ ଉପେକ୍ଷା କରାଯାଇପାରୁ ନାହିଁ ଏବଂ ତେଣୁ ମୁକ୍ତିବାଦ ଓ ସାମ୍ୟବାଦ ଏ ଦୁଇଟି ମଧ୍ୟରେ ଠିକ୍ ସୀମା ଏପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇ ନାହିଁ । ଦେଶ ବିଦେଶରେ ଏଥି ନିମନ୍ତେ ଚେଷ୍ଟା ଚାଲିଛି ।

ଆମ ଭାରତବର୍ଷରେ ଯେଉଁ ଯୁଦ୍ଧୋତ୍ତର ଯୋଜନା ହୋଇଛି, ତାହାର ଉଦ୍ଦେଶ୍ୟ ଏହିପରି । ସୁଚିନ୍ତିତ ଭାବରେ ଏ ଦିଗରେ କାର୍ଯ୍ୟକାରୀ ହେଲେ ଆମ ଦେଶ ମଧ୍ୟ ପ୍ରଗତିପଥରେ ଅଗ୍ରସର ହୋଇ ଅନ୍ୟ ଦେଶମାନଙ୍କର ସମକକ୍ଷ ହେବ ।

---

ମୁଦ୍ରାକର—ଶ୍ରୀ ଲକ୍ଷ୍ମୀଧର ଚମ୍ପତି, ଶ୍ରୀରାଧାରମଣ ପ୍ରେସ, କଟକ—୧୯୪୭

## ସାମାଜିକ ସମସ୍ୟା

ପ୍ରଥମ ଖଣ୍ଡ

# ପୁଞ୍ଜିବାଦ ଓ ସାମ୍ୟବାଦ

ମୂଲ୍ୟ ୫ ୧(

ଏହା ପରେ ପ୍ରକାଶିତ ହେବ—

ଗଣତନ୍ତ୍ର

ସାମ୍ରାଜ୍ୟବାଦ

ଅନ୍ତର୍ଜାତିକ ଶୃଙ୍ଖଳା

—ଇତ୍ୟାଦି

ଓଡ଼ିଆରେ ସାଧାରଣ ଜନ ଥିବା ଲୋକେ ବୁଝି ପାରିବା ଭଳି ଭାଷାରେ ଏ ସୁଗମ ଅର୍ଥନୀତି ଓ ରାଜନୀତି ସମ୍ବନ୍ଧୀୟ ପ୍ରକାଶନ ଏ ପୁସ୍ତକମାଳାର ଉଦ୍ଦେଶ୍ୟ । ପୁସ୍ତକମାଳାର ଲେଖକ ଅର୍ଥନୀତିର ଅଧ୍ୟାପକ ଭାବରେ ସୁପରିଚିତ । ତାଙ୍କ ପ୍ରଣୀତ ସମବାୟ ଅର୍ଥନୀତି ସମ୍ବନ୍ଧୀୟ ପୁସ୍ତକ ସାର ସରକାର ତଥା ସ୍କୁଲର ବାଂଲା ଓ ଅନେକଭାବରେ ପ୍ରଶଂସିତ । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ମଧ୍ୟ ତାଙ୍କ ଓ ଉପନ୍ୟାସ ଲେଖକ ଭାବରେ ତାଙ୍କର ସୁଖ୍ୟାତି ଅଛି । ତେଣୁ ଓଡ଼ିଆରେ ତାଙ୍କ ପ୍ରଣୀତ ଏ ଧରଣର ପୁସ୍ତକ ଉତ୍ସାହ ପାଠକମାନଙ୍କର ତୃପ୍ତି ଏବଂ ବିଦ ନିଶ୍ଚୟ ହୋଇ ଥାଏ ।

**ଷ୍ଟାଣ୍ଡାର୍ଡ ବୁକ୍ ମାର୍ଟ**

**ବାଲୁବଜାର, କଟକ**